

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-326 ♦BHUBANESWAR ♦SUNDAY ♦25 MAY 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୨ ♦ସଂଖ୍ୟା-୩୨୬ ♦ଭୁବନେଶ୍ୱର ♦ରବିବାର ♦୨୫ ମେ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦ (ସିନ୍ଦୂରା ସହ)


# SARASWATI GROUP OF INSTITUTIONS

SARASWATI GROUP OF INSTITUTIONS CUTTACK ESTD.-2012

## STATE SCIENCE TOPPER CHSE - 2025


97.67%
BINIT MOHANTY
Mark-586


95.50%
RITESH KU. MALLA
Mark-573


94.50%
SUNITA SAHOO
Mark-567



DR. DEBADATTA SWAIN
CHAIRMAN



DR. BISWAJIT TRIPATHY
PRINCIPAL


94.33%
TANDRA M. MOHANTY
Mark-566


94.33%
MITALI BEHERA
Mark-566


93.83%
BHAGYASHREE BEHERA
Mark-563


93.67%
NAFISHA PARWEEN
Mark-562


93.17%
LIPSA ROUT
Mark-559


93.00%
GOPINATH SAR
Mark-558


92.50%
RUTURANI ROUT
Mark-555


92.33%
DEEPYASHREE MOHAPATRA
Mark-554


92.00%
GAYATRI MISHRA
Mark-552


91.50%
ARPITA SAHOO
Mark-549


91.50%
OM PRAKASH KAR
Mark-549


91.50%
PRITAM PRIYADARSHY
Mark-549


91.33%
SMRUTI SA. MOHANTY
Mark-548


91.33%
SOMYA RN. SAHOO
Mark-548


91.33%
SOAYAMSHREE SAHOO
Mark-548


91.33%
TANUSHREE ROUT
Mark-548


91.17%
TANISKA PANDA
Mark-547


91.17%
TATHASTU NATH
Mark-547


90.83%
JASMIN BISWAL
Mark-545



90.83%
RASHMI RN PATRA
Mark-545



90.50%
OM PRAKASH BEHERA
Mark-543


90.50%
SIBANI PRI. DAS
Mark-543


90.33%
POOJALIN DAS
Mark-542


90.33%
BHABESH MISHRA
Mark-542


90.17%
SASANKA SE. SAHOO
Mark-541


90.17%
ABINASH DAKUA
Mark-541

## ADMISSION OPEN 2025-26

## +2 Science

A Day-Cum Residential

## +3 SCIENCE

Under Utkal University

HONOURS SEATS

| | | | |
|---|---|---|---|
| PHYSICS | - 16 | COMP. SCIENCE | - 24 |
| CHEMISTRY | - 24 | BOTANY | - 16 |
| MATHEMATICS | - 08 | ZOOLOGY | - 16 |
| GEOLOGY | - 24 | | |

## BSc. ITM (32 Seats)

Under Utkal University

## CHSE RESULT - 2025 (99.99%)

Integrated Coaching for
**NEET, JEE-MAIN**
by Expert Faculties


ABOVE 90% - 29
ABOVE 80% - 120
1ST DIVISION - 349 / 2ND DIVISION - 50
3RD DIVISION - 03

SGI always improve Marks in +2 Sc.
Compare 10th Mark with +2 Sc. Mark

| CHSE Roll No. | Name of Students | Marks Secured | % of Mark in +2 | % of Mark in 10th |
|---|---|---|---|---|
| 302CZ297 | BINIT MOHANTY | 586 | 97.67 | 92.01 |
| 302CZ279 | RITESH KUMAR MALLA | 573 | 95.50 | 91.83 |
| 302CZ317 | SUNITA SAHU | 567 | 94.50 | 92.17 |
| 302CZ014 | TANDRA MINAKSHI MOHANTY | 566 | 94.33 | 94.17 |
| 302CZ043 | MITALI BEHERA | 566 | 94.33 | 93.83 |
| 302CZ162 | BHAGYASHREE BEHERA | 563 | 93.83 | 92.17 |
| 302CZ370 | NAFISHA PARWEEN | 562 | 93.67 | 86.17 |
| 302CZ005 | LIPSHA ROUT | 559 | 93.17 | 92.17 |
| 302CZ001 | GOPINATH SAR | 558 | 93.00 | 93.05 |
| 302CZ259 | RITURANI ROUT | 555 | 92.50 | 90.01 |
| 302CZ124 | DEEPYASHREE MOHAPATRA | 554 | 92.33 | 91.33 |
| 302CZ307 | GAYATRI MISHRA | 552 | 92.00 | 86.50 |
| 302CZ034 | ARPITA SAHOO | 549 | 91.50 | 85.83 |
| 302CZ221 | OM PRAKASH KAR | 549 | 91.50 | 59.14 |
| 302CZ303 | PRITAM PRIYADARSHY | 549 | 91.50 | 84.33 |
| 302CZ068 | SMRUTI SANGITA MOHANTY | 548 | 91.33 | 91.50 |
| 302CZ330 | SOUMYA RANJAN SAHOO | 548 | 91.33 | 74.00 |
| 302CZ380 | SWAYAMSHREE SAHOO | 548 | 91.33 | 82.83 |
| 302CZ412 | TANUSHREE ROUT | 548 | 91.33 | 88.67 |
| 302CZ213 | TANISKA PANDA | 547 | 91.17 | 85.83 |
| 302CZ375 | TATHASTU NATH | 547 | 91.17 | 90.00 |
| 302CZ028 | JASMIN BISWAL | 545 | 90.83 | 82.00 |
| 302CZ037 | RASHMI RANJAN PATRA | 545 | 90.83 | 93.17 |
| 302CZ109 | OMM PRAKASH BEHERA | 543 | 90.50 | 85.67 |
| 302CZ168 | SHIBANI PRIYADARSHANI DAS | 543 | 90.50 | 86.50 |
| 302CZ010 | PUJALIN DAS | 542 | 90.33 | 86.50 |
| 302CZ222 | BHABESH MISHRA | 542 | 90.33 | 81.07 |
| 302CZ077 | SASANKA SEKHAR SAHOO | 541 | 90.17 | 88.67 |
| 302CZ136 | ABINASH DAKUA | 541 | 90.17 | 85.33 |
| 302CZ026 | ABHINANDAB SAHOO | 538 | 89.60 | 80.00 |
| 302CZ149 | BISWAMITRA DASH | 537 | 89.50 | 85.83 |
| 302CZ315 | SOUMYA RN. DALAI | 539 | 89.83 | 72.50 |









**Admission Contact : 8260700307, 8260583744, 7609091223, 8895429620**

CAMPUS : TRISULIA, BELAGACHHIA, CUTTACK-45. H.O. : ARUNODOYA MARKET, LINK ROAD, CUTTACK-12




# ବଲିଉଡ୍ ଅଭିନେତା ମୁକୁଲ ଦେବଙ୍କ ପରଲୋକ

ନୂଆଦିଲ୍ଲୀ,୨୪।୫(ଏଜେନ୍ସି): ବଲିଉଡର ଜଣାଶୁଣା ଅଭିନେତା ମୁକୁଲ ଦେବଙ୍କ ଶନିବାର ସକାଳେ ପରଲୋକ ହୋଇଛି। ଗତ କିଛି ଦିନ ଧରି ସେ ଦିଲ୍ଲୀର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲା ବେଳେ ଏଠାରେ ତାଙ୍କର ଦେହାନ୍ତ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୫୪ ବର୍ଷ ହୋଇଥିଲା। ମୁକୁଲ ବହୁ ବର୍ଷ ଧରି ବଲିଉଡ୍ ଜଗତ ସହ କାର୍ଯ୍ୟ କରିଥିଲେ। ତାଙ୍କ ଦ୍ୱାରା ଅଭିନିତ 'ସନ ଅଫ୍ ସର୍ଦ୍ଦାର', ଯମଲା ପଗଲା ଦିୱାନା ଏବଂ ଜୟହୋ ଭଳି କିଛି ଫିଲ୍ମ ଦର୍ଶକ ମହଲରେ ବେଶ ଆଦୃତ ହୋଇଥିଲା। ତାଙ୍କର ମୃତ୍ୟୁ ଖବର ପାଇ ବଲିଉଡ୍ ଜଗତରେ ଶୋକ ଖେଳିଯାଇଛି। ବହୁ ନାମୀଦାମୀ ଅଭିନେତା ସେମାନଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ଗଭୀର ଦୁଃଖ ପ୍ରକାଶ କରିବା ସହିତ ମୁକୁଲଙ୍କ ଆତ୍ମାର ସଦ୍‌ଗତି କାମନା କରିଛନ୍ତି । ମୁକୁଲ ୧୯୯୬ରେ ପ୍ରସାରିତ ଟେଲିଭିଜନ ଧାରାବାହିକ 'ମୁମକିନ୍' ରୁ ନିଜର କ୍ୟାରିୟର ଆରମ୍ଭ କରିବା ସହିତ ସେହିବର୍ଷ ' ଦସ୍ତକ' ଫିଲ୍ମରେ ମଧ୍ୟ ଅଭିନୟ କରିଥିଲେ। ଏହା ପରେ ପରେ ସେ ବଲିଉଡ୍‌ରେ ପ୍ରବେଶ କରିବା ସହିତ ସଲମାନ ଖାନ ଏବଂ ଅଜୟ ଦେବଗନଙ୍କ ସହିତ ବହୁ ଫିଲ୍ମରେ କାର୍ଯ୍ୟ କରିଥିଲେ। ମୁକୁଲ ଦେବଙ୍କ ଜନ୍ମ ଜଳନ୍ଧର ନିକଟସ୍ଥ ଏକ ଗାଁରେ ପଞ୍ଜାବୀ ପରିବାରରେ ହୋଇଥିଲା। ତାଙ୍କ ବାପା ହରିଦେବ ପୁଲିସ ସହାୟକ କମିସନର ଭାବେ କାର୍ଯ୍ୟ କରିଥିଲା ବେଳେ ସେ ମୁକୁଲଙ୍କୁ ଆଫଗାନ ସଂସ୍କୃତି ସହିତ ପରିଚିତ କରାଇଥିଲେ। ହରିଦେବ ପାସ୍ତୋ ଏବଂ ପାର୍ସି ଭାଷା କହିପାରୁଥିଲେ। ମୁକୁଲ ୮ମ ଶ୍ରେଣୀରେ ପଢୁଥିଲା ବେଳେ ମାଇକେଲ୍ ଜ୍ୟାକ୍‌ସନ୍‌ଙ୍କୁ ଅନୁକରଣ କରି ଦୂରଦର୍ଶନର ଏକ ଡ୍ୟାନ୍ସ ଶୋ'ରେ ପ୍ରଦର୍ଶନ କରିଥିଲେ। ଶନିବାର ସନ୍ଧ୍ୟାରେ ନୂଆଦିଲ୍ଲୀର ନିଜାମୁଦ୍ଦିନସ୍ଥିତ ଦୟାନନ୍ଦ ମୁକ୍ତି ଧାମ ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ଜାତିସଂଘରେ ପୁଣି ପାକିସ୍ତାନକୁ ଘେରିଲା ଭାରତ

# ପାକିସ୍ତାନକୁ ସିନ୍ଧୁ ଜଳ ବନ୍ଦ କରାଯିବା ଯଥାର୍ଥ

ୱାଶିଂଟନ୍,୨୪।୫(ଏଜେନ୍ସି): ପହଲଗାମ ଘଟଣା ପରେ ଆତଙ୍କବାଦ ବିରୋଧୀ ଲଢେଇକୁ ନେଇ ଭାରତ ପାକିସ୍ତାନକୁ ବିଭିନ୍ନ ମଞ୍ଚରେ ଘେରିଛି। ଭାରତ ଏବଂ ପାକିସ୍ତାନ ମଧ୍ୟରେ ଏବେ ବି ସ୍ଥିତି ସ୍ୱାଭାବିକ ହୋଇ ନଥିବା ବେଳେ ଶନିବାର ଭାରତ ଜାତିସଂଘରେ ପାକିସ୍ତାନର ପ୍ରକୃତ ଚେହେରାକୁ ଦର୍ଶାଇ ବର୍ଷିଛି। ଅପରେସନ ସିନ୍ଦୂର ପରେ ଏବେ ସିନ୍ଧୁ ନଦୀ ଜଳ ବନ୍ଦକୁ ନେଇ ପାକିସ୍ତାନ ବାରମ୍ବାର ଭାରତକୁ ଧମକ ଦେବାରେ ଲାଗିଛି। ଏହାଛଡ଼ା ବିଭିନ୍ନ ମଞ୍ଚରେ ପାକିସ୍ତାନ ସରକାର ଭାରତ ବିରୋଧରେ ମିଥ୍ୟାରୋପ କରି ଫେରାଦ ହୋଇଛନ୍ତି। କିନ୍ତୁ ପାକିସ୍ତାନର ଏହି ଆଭିମୁଖ୍ୟକୁ ଭାରତ ଶନିବାର ଜାତିସଂଘରେ ପାକିସ୍ତାନକୁ ଭର୍ତ୍ସନା କରିବା ସହିତ ସିନ୍ଧୁ ଜଳ ଚୁକ୍ତିନାମା ଉପରେ ରୋକ୍ ଲଗାଇ ପାକିସ୍ତାନକୁ ପାଣି ବନ୍ଦ କରାଯିବା ଯଥାର୍ଥ ବୋଲି କହିଛି। ଭାରତ ଚୁକ୍ତିନାମା ଉଲ୍ଲଂଘନ ପାଇଁ ପାକିସ୍ତାନକୁ ଦାୟୀ କରିଛି । ପାକିସ୍ତାନ ଭାରତ ବିରୋଧରେ ବିଗତ ଦିନରେ ତିନି ତିନୋଟି ଯୁଦ୍ଧ କରିବା ସହିତ ଆତଙ୍କବାଦୀ ଆକ୍ରମଣ କରି ଚୁକ୍ତିନାମାର ଉଲ୍ଲଂଘନ କରିଛି। କିନ୍ତୁ ଅନ୍ୟପଟେ ଭାରତ ବିରୋଧରେ ମିଥ୍ୟାରୋପ କରିଚାଲିଛି। ତେବେ ଭାରତ ପାକିସ୍ତାନର ଏହି ସମସ୍ତ ମିଥ୍ୟା ଆରୋପକୁ ଦୃଢ ଭାବେ ପ୍ରତ୍ୟାଖ୍ୟାନ କରୁଛି ଏବଂ ଭାରତୀୟଙ୍କ ରକ୍ତ ବୁହାଇଥିବା ଶକ୍ତିକୁ ଆମେ ପାଣି ଦେଇପାରିବୁ ନାହିଁ ବୋଲି ଜାତିସଂଘରେ ଅବସ୍ଥାପିତ ଭାରତର ସ୍ଥାୟୀ ପ୍ରତିନିଧି ପି ହରିଶ କହିଛନ୍ତି। ସେ କହିଛନ୍ତି ଯେ ସିନ୍ଧୁ ଜଳ ଚୁକ୍ତିନାମାକୁ ନେଇ ପାକିସ୍ତାନ ବିଭିନ୍ନ ମହଲରେ ଭୁଲ ତଥ୍ୟ ପ୍ରସାର କରୁଛି। ଏଥିପାଇଁ ପାକିସ୍ତାନ ସରକାର ସୁଚିନ୍ତିତ ଅଭିଯାନ ଚଳାଇଛନ୍ତି। କିନ୍ତୁ ଭାରତ ଏହାକୁ ବିରୋଧ କରିବା ସହିତ ଏଥିପ୍ରତି ଜବାବ ଦେବାକୁ ବାଧ ହୋଇଛି। ଭାରତ ଏକ ଦାୟିତ୍ୱପୂର୍ଣ୍ଣ ଦେଶ ଭାବେ ସବୁବେଳେ ଦାୟିତ୍ୱପୂର୍ଣ୍ଣ ଆଚରଣ ନିଭାଇ ଆସିଛି। ହରିଶ କହିଛନ୍ତି ଯେ, ଭାରତ ସଦଭାବନା ଏବଂ ବନ୍ଧୁତା ଆଧାରରେ ସିନ୍ଧୁ ଜଳ ଚୁକ୍ତିନାମାକୁ ଗ୍ରହଣ କରିଥିଲା। କିନ୍ତୁ ବିଗତ ୬୫ ବର୍ଷ ମଧ୍ୟରେ ପାକିସ୍ତାନ କେବେବି ବନ୍ଧୁତାର ଆଚରଣ ଦେଖାଇ ନାହିଁ। ଏହି ଦୀର୍ଘ କାଳ ମଧ୍ୟରେ ପାକିସ୍ତାନ ଭାରତ ଉପରେ ହଜାର ହଜାର ଆତଙ୍କବାଦୀଙ୍କ ଦ୍ୱାରା ଆକ୍ରମଣ କରିଛି। ଗତ ୪୦ ବର୍ଷ ମଧ୍ୟରେ ପାକିସ୍ତାନ ଦ୍ୱାରା ପ୍ରାୟୋଜିତ ଆତଙ୍କବାଦୀ ଆକ୍ରମଣରେ ୨୦ ହଜାରରୁ ଅଧିକ ଭାରତୀୟ ପ୍ରାଣ ହରାଇଛନ୍ତି। ପହଲଗାମ ଏହାର ସଦ୍ୟତମ ପ୍ରମାଣ ବୋଲି ହରିଶ କହିଛନ୍ତି। ଭାରତ ପୂର୍ବରୁ ସବୁବେଳେ ସଂଯମତା ରକ୍ଷା କରିବା ସହିତ ଉଦାରତା ଦେଖାଇ ଆସିଥିଲା। କିନ୍ତୁ ଏବେ ଦେଶ ବଦଳି ଯାଇଛି। ନୂଆ ଭାରତ କୌଣସି ସ୍ତରରେ ଆତଙ୍କବାଦକୁ ବରଦାସ୍ତ କରିବ ନାହିଁ ଏବଂ ଏହାକୁ ପ୍ରୋତ୍ସାହନ ଦେଉଥିବା ଶକ୍ତିକୁ ଉଚିତ ଶିକ୍ଷା ଦେବ ବୋଲି ହରିଶ କହିଛନ୍ତି। ପାକିସ୍ତାନ କେବଳ ସୀମାରେ ଆତଙ୍କବାଦୀ ଆକ୍ରମଣ କରି ନାହିଁ ବରଂ ଭାରତ ଦ୍ୱାରା ଆରମ୍ଭ ହୋଇଥିବା ବିଭିନ୍ନ ପ୍ରକଳ୍ପକୁ ମଧ୍ୟ ଟାର୍ଗେଟ କରିଛି। ଯାହା ଶକ୍ତି ଉତ୍ପାଦନ ଏବଂ ଜଳବାୟୁ ପରିବର୍ତ୍ତନ ଉପରେ ଗମ୍ଭୀର ପ୍ରଭାବ ପକାଇଛି ବୋଲି ସେ କହିଛନ୍ତି।




**ଆତଙ୍କବାଦୀ ଆକ୍ରମଣରେ ୨୦ହଜାରରୁ ଅଧିକ ଭାରତୀୟଙ୍କ ମୃତ୍ୟୁ ହୋଇଛି**

■ ଜଷ୍ଟିସ୍ ଅଭୟ ଓକାଙ୍କ ଅବସରକାଳୀନ ବାର୍ତ୍ତା

# ସୁପ୍ରିମକୋର୍ଟର ପ୍ରଧାନବିଚାରପତି କୈନ୍ଦ୍ରିକ ଛବି ବଦଳିବା ଦରକାର



ନୂଆଦିଲ୍ଲୀ,୨୪।୫(ଏଜେନ୍ସି): ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଅଭୟ ଓକା ଶୁକ୍ରବାର କାର୍ଯ୍ୟରୁ ଅବସର ନେଇଛନ୍ତି ।ବିଦାୟକାଳୀନ ସଭାରେ ଯୋଗ ଦେଇ ଜଷ୍ଟିସ୍ ଓକା ସୁପ୍ରିମକୋର୍ଟର କାର୍ଯ୍ୟ ପରିଚାଳନା ଶୈଳୀ ଏବଂ ପ୍ରଧାନବିଚାରପତି କେନ୍ଦ୍ରିକ ଛବିକୁ ନେଇ ବଡ଼ ବାର୍ତ୍ତା ଦେଇଛନ୍ତି। ଦେଶର ସର୍ବୋଚ୍ଚ ନ୍ୟାୟାଳୟ କେବଳ ପ୍ରଧାନବିଚାରପତି କେନ୍ଦ୍ରିକ ଛବି ସହ କାର୍ଯ୍ୟ କରିବା ଉଚିତ ନୁହେଁ। ବରଂ ସମାବେଶୀ ଏବଂ ଏକ ଗଠନମୂଳକ ଢଙ୍ଗରେ କାର୍ଯ୍ୟ କରିବା ଦରକାର। ହାଇକୋର୍ଟ ବିଭିନ୍ନ କମିଟି ଏବଂ ସ୍ଥାୟୀ ରୋଷ୍ଟର ମାଧ୍ୟମରେ କାର୍ଯ୍ୟ କରିଥିଲା ବେଳେ ସୁପ୍ରିମକୋର୍ଟ କେବଳ ପ୍ରଧାନବିଚାରପତିଙ୍କୁ କେନ୍ଦ୍ର କରି କାର୍ଯ୍ୟ କରୁଛି। ଏଭଳି ଶୈଳୀରେ ପରିବର୍ତ୍ତନ ହେବା ଦରକାର ବୋଲି ଜଷ୍ଟିସ୍ ଓକା କହିଛନ୍ତି। ଦେଶରେ ସର୍ବୋଚ୍ଚ ନ୍ୟାୟାଳୟ ଭାବେ ସୁପ୍ରିମକୋର୍ଟରେ ଦେଶର ବିଭିନ୍ନ ଭାଗରୁ ୩୪ ବିଚାରପତି ନିଯୁକ୍ତି ପାଇ କାର୍ଯ୍ୟ କରୁଛନ୍ତି। ତେଣୁ କେବଳ ପ୍ରଧାନବିଚାରପତିଙ୍କୁ ମୁଖ୍ୟ କରି କାର୍ଯ୍ୟ କରାନଯାଇ ସମାବେଶୀ ତରିକାରେ କାର୍ଯ୍ୟ ହେବା ଦରକାର ବୋଲି ସେ କହିଛନ୍ତି।

## ଆତଙ୍କବାଦକୁ ନିନ୍ଦା; ଫତ୍‌ୱା ଜାରିକଲେ ମୁଖ୍ୟ ଇମାମ

# ମୃତ ଆତଙ୍କବାଦୀଙ୍କୁ ଭାରତ ମାଟିରେ ଦିଆଯିବନି କବର

ନୂଆଦିଲ୍ଲୀ,୨୪।୫(ଏଜେନ୍ସି): ଆତଙ୍କବାଦକୁ ଦୃଢ ନିନ୍ଦା କରିବା ସହିତ ଆତଙ୍କବାଦୀଙ୍କ ପ୍ରତି ଫତୱା ଜାରି କରିଛନ୍ତି ଅଖିଳ ଭାରତ ଇମାମ୍ ସଂଗଠନର ମୁଖ୍ୟ ଇମାମ୍ ଡକ୍ଟର ଉମର ଅହମ୍ମଦ ଇଲିୟାସୀ। ମୃତ ଆତଙ୍କବାଦୀଙ୍କୁ ଭାରତ ମାଟିରେ କବର ଦିଆଯିବ ନାହିଁ ବୋଲି ଇଲିୟାସୀ କହିଛନ୍ତି। ଏହାବ୍ୟତୀତ ଇସଲାମିକ ପରମ୍ପରା ଅନୁସାରେ ଜଣଙ୍କ ଶେଷକୃତ୍ୟ ବେଳେ ନମାଜ ପାଠ କରାଯିବାର ବିଧାନ ରହିଥିଲା ବେଳେ କୌଣସି ଆତଙ୍କବାଦୀଙ୍କ ଶେଷକୃତ୍ୟରେ ଏହା କରାଯିବ ନାହିଁ ବୋଲି ସେ ଫତୱା ଜାରି କରି କହିଛନ୍ତି। ସେହିପରି ବହୁ ଆତଙ୍କବାଦୀ ସଂଗଠନ ସେମାନଙ୍କ ନାମରୁ ଇସଲାମ ଏବଂ ମହମ୍ମଦ ଭଳି ଶବ୍ଦ ହଟାନ୍ତୁ ବୋଲି ସେ କହିଛନ୍ତି।

ମଧ୍ୟପ୍ରଦେଶ ମନ୍ତ୍ରୀ ପ୍ରଧୁମନ ସିଂ ତୋମାରଙ୍କ ଝିଅ ବିବାହ ଉତ୍ସବରେ ଯୋଗ ଦେବା ଲାଗି ଇମାମ ଇଲିୟାସୀ ଶନିବାର ଗ୍ୱାଲିୟର ଯାଇଥିଲା ବେଳେ ସେଠାରେ ତାଙ୍କୁ ବହୁ ଗଣମାଧ୍ୟମ ପ୍ରତିନିଧିମାନେ ଆତଙ୍କବାଦକୁ ନେଇ ପ୍ରଶ୍ନ କରିଥିଲେ। ସେ କହିଥିଲେ ଯେ,ଇସଲାମକୁ ରକ୍ଷା କରିବା ଉଚିତ। ଇସଲାମ ସୁରକ୍ଷା ଏବଂ ଶାନ୍ତିର ଧର୍ମ। କିନ୍ତୁ ଇସଲାମ ଏବଂ ମହମ୍ମଦ ସାହେବଙ୍କ ନାମକୁ ଆମେ ଆତଙ୍କବାଦ ପାଇଁ ବ୍ୟବହାର କରିବାକୁ ଦେବୁ ନାହିଁ। ଏହି ସମୟରେ ସେ ଆତଙ୍କବାଦ ବିରୋଧରେ ଫତୱା ଜାରି କରିଥିଲେ। ଯାହା ଭାରତରେ ପ୍ରଥମ ଘଟଣା ଏବଂ ଏହା ବିଶ୍ୱସମାଜ ପାଇଁ ଏକ ବଡ଼ ବାର୍ତ୍ତା। ଅହମଦ ଇଲିୟାସୀ କହିଛନ୍ତି ଯେ, ପହଲଗାମରେ ପର୍ଯ୍ୟଟକମାନଙ୍କୁ ସେମାନଙ୍କ ଧର୍ମ ପଚାରି ଯେଭଳି ହତ୍ୟା କରାଯାଇଥିଲା ତାହା ମାନବତାର ହତ୍ୟା। ସେ କହିଥିଲେ ଯେ ଆତଙ୍କବାଦୀର କୌଣସି ଧର୍ମ ନାହିଁ । ଆତଙ୍କବାଦୀ ସୈତାନ, ସାମାନଙ୍କ ସହ ସୈତାନ ପରି ବ୍ୟବହାର କରାଯିବା ଉଚିତ । ସେଥିପାଇଁ ଆମେ ପହଲଗାମ ଆକ୍ରମଣ ଘଟଣାକୁ ବିରୋଧ କରି ଏହି ଫତୱା ଜାରି କରିଛୁ। ଅନ୍ୟପକ୍ଷରେ ବେଲୁଚିସ୍ତାନ ସ୍ଥିତିକୁ ନେଇ ପ୍ରଶ୍ନ କରାଯିବାରେ ସେ କହିଛନ୍ତି ଯେ ମୁସଲମାନ ସମ୍ପ୍ରଦାୟ ଭାରତର କୂଟନୀତି ଏବଂ ନୀତି ସହିତ ଅଛନ୍ତି। ବେଲୁଚିସ୍ତାନ ବହୁ ଦିନ ଧରି ସ୍ୱତନ୍ତ୍ରତା ପାଇଁ ଦାବି କରିଆସୁଛି। କିନ୍ତୁ ପାକିସ୍ତାନ ବେଲୁଚବାସୀଙ୍କ ପ୍ରତି ଅନ୍ୟା କରିଚାଲିଛି। ହେଲେ ଏବେ ବେଲୁଚିସ୍ତାନ ସ୍ୱାଧୀନତା ପାଇବାର ସମୟ ଆସିଗଲାଣି। ସ୍ୱାଧୀନତା ସମସ୍ତଙ୍କର ଅଧିକାର, ବେଲୁଚିସ୍ତାନ ସ୍ୱାଧୀନ ହେବା ଉଚିତ ବୋଲି ଅହମଦ ଇଲିୟାସୀ କହିଥିଲେ। ସେହିପରି ୱାକଫ ଆଇନ ସମ୍ପର୍କରେ ନିଜ ମତ ରଖି ସେ କହିଛନ୍ତି ଯେ ଏହି ବିଷୟ ଏବେ ଅଦାଲତରେ ବିଚାରାଧୀନ ଅଛି। ତେବେ ଭାରତ ସରକାରଙ୍କ ଦ୍ୱାରା ଅଣାଯାଇଥିବା ନୂତନ ଆଇନ ଅନେକ ଦୃଷ୍ଟିରୁ ଭଲ ବୋଲି ସେ କହିଛନ୍ତି।



# ପୁଞ୍ଛରେ ଯୁଦ୍ଧ ପୀଡିତଙ୍କ ପରିବାରକୁ ଭେଟିଲେ ରାହୁଲ

ନୂଆଦିଲ୍ଲୀ,୨୪।୫(ଏଜେନ୍ସି): କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଶନିବାର ଜମ୍ମୁ କଶ୍ମୀରର ପୁଞ୍ଛ ଇଲାକା ଗସ୍ତ କରି ଅପରେସନ ସିନ୍ଦୂର ସମୟରେ ପାକିସ୍ତାନୀ ସେନା ଗୁଳିମାଡ଼ରେ ମୃତାହତ ହୋଇଥିବା ଲୋକଙ୍କ ପରିବାରକୁ ଭେଟିଛନ୍ତି। ଅପରେସନ ସିନ୍ଦୂର ବେଳେ ପାକିସ୍ତାନୀ ସେନା ବାରମ୍ବାର ଅସ୍ତ୍ରବିରତି ଉଲ୍ଲଘଂନ କରି ଭାରତୀୟ ସୀମା ପଟକୁ ଗୁଳିଗୋଳା ବର୍ଷଣ କରିଥିଲା। ଏଥିରେ ପଞ୍ଜାବ ସୀମା ସ୍ଥିତ ବହୁ ଗ୍ରାମ ଏବଂ ଜମ୍ମୁ କଶ୍ମୀରର ପୁଞ୍ଛ ଅଞ୍ଚଳ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିଲା। ଜଣେ ସ୍କୁଲ ପିଲା ସମେତ ୧୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା ବେଳେ ମୋର୍ଟାର ମାଡ଼ରେ ଅନେକ ଲୋକଙ୍କ ଘର ଭାରୀମାତ୍ରାରେ କ୍ଷତିଗ୍ରସ୍ତ ହୋଇଥିଲା। ରାହୁଲ ପୀଡ଼ିତଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇବା ସହିତ ପରିସ୍ଥିତି ଶୀଘ୍ର ସ୍ୱାଭାବିକ ହେବ ବୋଲି କହିଛନ୍ତି। ଏହି ସମୟରେ ରାହୁଲ ଜମ୍ମୁ କଶ୍ମୀର ଉପମୁଖ୍ୟମନ୍ତ୍ରୀଙ୍କ ସହ ଏକ ବୈଠକରେ ଯୋଗ ଦେବେ ବୋଲି କୁହାଯାଇଛି। ଏହାଛଡ଼ା ସେ ଗୁଳିମାଡ଼ରେ କ୍ଷତିଗ୍ରସ୍ତ ହୋଇଥିବା ବହୁ ଅନୁଷ୍ଠାନ ପରିଦର୍ଶନ କରିବେ ବୋଲି କୁହାଯାଇଛି।



## ରାହୁଲ ଗାନ୍ଧୀଙ୍କ ବିରୋଧରେ ଜାମିନବିହୀନ ପରୱାନା ଜାରି

୭ ବର୍ଷ ତଳର ଏକ ମାନହାନୀ ମାମଲାରେ ଝାଡ଼ଖଣ୍ଡର ଚାଇବାସା ଏମପି-ଏମଏଲଏ କୋର୍ଟ ରାହୁଲ ଗାନ୍ଧୀଙ୍କ ବିରୋଧରେ ଜାମିନବିହୀନ ପରୱାନା ଜାରି କରିଛନ୍ତି। କୋର୍ଟ ରାହୁଲଙ୍କୁ ଜୁନ୍ ୨୬ରେ କୋର୍ଟରେ ହାଜର ହେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ରାହୁଲଙ୍କ ଓକିଲ କୋର୍ଟରେ ଏକ ପିଟିସନ ଦାଏର କରିଥିଲେ ହେଁ କୋର୍ଟ ଏହାକୁ ଖାରଜ କରିବା ସହ ରାହୁଲଙ୍କୁ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାହୁଲ ୨୦୧୮ ରେ ବିଜେପିର ତତ୍‌କାଳୀନ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ପ୍ରତି ଆପତ୍ତିଜନକ ଟିପ୍ପଣୀଦ୍‌ଇଥିଲେ। ଏହାକୁ ବିରୋଧ କରି ବିଜେପି ନେତା ପ୍ରତାପ କଟିଆର ରାହୁଲଙ୍କ ବିରୋଧରେ ଚାଇବାସା ସିଜେଏମ କୋର୍ଟରେ ମାନହାନୀ ମକଦ୍ଦମା ରୁଜୁ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଝାଡ଼ଖଣ୍ଡ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଏହି ମାମଲାକୁ ଏମପି-ଏମଏଲଏ କୋର୍ଟକୁ ହସ୍ତାନ୍ତର କରାଯାଇଥିଲା। ଏହି କୋର୍ଟ ରାହୁଲଙ୍କୁ ବହୁବାର ହଜାର ହେବା ଲାଗି ନୋଟିସ୍ କରିଥିଲେ ହେଁ ରାହୁଲ ହାଜର ହୋଇ ନଥିଲେ। ଏହାପରେ ସଂପୃକ୍ତ କୋର୍ଟ ରାହୁଲଙ୍କ ବିରୋଧରେ ଏହି ପଦକ୍ଷେପ ନେଇଛନ୍ତି।

■ ଟ୍ରମ୍ପଙ୍କ କଟକଣା ହଟାଇଲେ ଆମେରିକା ବିଚାରପତି

# ହାର୍ଭାର୍ଡକୁ ବିଦେଶୀ ଛାତ୍ରଛାତ୍ରୀଙ୍କ ନାମଲେଖା ଅନୁମତି

ବୋଷ୍ଟନ, ୨୪।୫ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ବଡ଼ ଝଟ୍‌କା ଲାଗିଛି। ହାର୍ଭାର୍ଡ ୟୁନିଭର୍ସିଟି ଉପରେ ଟ୍ରମ୍ପ ପ୍ରଶାସନ ଲଗାଇଥିବା କଟକଣାକୁ ବୋଷ୍ଟନର ଫେଡେରାଲ କୋର୍ଟ ହଟାଇ ଦେଇଛନ୍ତି। ବିଦେଶୀ ଛାତ୍ରଛାତ୍ରୀଙ୍କ ନାମ ଲେଖା ପାଇଁ ଏହି ୟୁନିଭର୍ସିଟିକୁ କୋର୍ଟ ଅନୁମତି ଦେଇଛନ୍ତି। ଏବେ ଏହି ବିଶ୍ୱବିଦ୍ୟାଳୟରେ ୭୮୮ ଭାରତୀୟ ଛାତ୍ରଛାତ୍ରୀ ପଢୁଛନ୍ତି। ୟୁନିଭର୍ସିଟି ପକ୍ଷରୁ କରାଯାଇଥିବା ଆବେଦନରେ ଟ୍ରମ୍ପଙ୍କ ନିର୍ଦ୍ଦେଶକୁ ବିରୋଧ କରାଯାଇଥିଲା। ଏହାକୁ ସମ୍ବିଧାନ ଏବଂ ଅନ୍ୟ ସଂଘୀୟ ଆଇନର ଘୋର ଉଲ୍ଲଘଂନ ବୋଲି କୁହାଯାଇଥିଲା। ତତ୍କାଳ ପ୍ରଭାବରେ ଏହି ବିନାଶକାରୀ ନିର୍ଦ୍ଦେଶକୁ ହଟାଇବାକୁ ନିବେଦନ କରାଯାଇଥିଲା।

# ଅଷ୍ଟ୍ରେଲିଆରେ ଜଳପ୍ରଳୟ; ୫୦ ହଜାର ଲୋକ ଜଳବନ୍ଦୀ



କାନବେରା,୨୪।୫(ଏଜେନ୍ସି): ୩ ଦିନ ଧରି ଲଗାଣ ବର୍ଷା ଯୋଗୁଁ ପୂର୍ବ ଅଷ୍ଟ୍ରେଲିଆରେ ଜଳପ୍ରଳୟ ସ୍ଥିତି ଉପୁଜିଛି। ପ୍ରବଳ ଏବଂ ଲଗାଣ ବର୍ଷା ଯୋଗୁଁ ଏଠାକାର ବହୁ ସହର ଜଳାର୍ଣ୍ଣବ ହେବା ସହିତ ହଜାର ହଜାର ଲୋକ ଜଳବନ୍ଦୀ ହୋଇଛନ୍ତି। ଅନେକ ସହର ଏବଂ ଗ୍ରାମାଞ୍ଚଳର ରାସ୍ତାଘାଟ, ନଈ ନାଳ ଏକାକାର ହୋଇଯାଇଛି। ଘର ଭିତରେ ଏବଂ ରାସ୍ତାଘାଟ ଜଳାର୍ଣ୍ଣବ ହୋଇପଡିଥିବାରୁ ଲୋକମାନେ ଅନ୍ୟତ୍ର ଯିବା ଅସମ୍ଭବ ହୋଇପଡ଼ିଛି। ଗତକାଲି ବନ୍ୟା ପରିସ୍ଥିତି ଭୟଙ୍କର ହୋଇଥିବା ବେଳେ ଶନିବାର ପୁଣି ବର୍ଷା ହେବା ଯୋଗୁଁ ବହୁ ରାସ୍ତାଘାଟ ଧୋଇ ଯାଇଛି। ବହୁ ସହର ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି ଏବଂ ୫୦ ହଜାରରୁ ଅଧିକ ଲୋକ ଜଳବନ୍ଦୀ ହୋଇପଡ଼ିଛନ୍ତି। ବର୍ତ୍ତମାନ ସୁଦ୍ଧା ୫ ଜଣଙ୍କ ମୃତ୍ୟୁ ହୋଇଥିବା ସହିତ କେତେକ ସ୍ଥାନରେ ଆଉ କିଛି ଲୋକ ନିଖୋଜ ରହିଥିବା କୁହାଯାଇଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ସ୍ଥିତି ମୁକାବିଲା ପାଇଁ ୨୦୦୦ରୁ ଅଧିକ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି।

# ବଲୁଚ୍ ସାମ୍ବାଦିକଙ୍କ ହତ୍ୟାର ପ୍ରତିଶୋଧ ନେଲା ବିଏଲ୍ଏ

କ୍ୱେଟା,୨୪।୫(ଏଜେନ୍ସି): ବେଲୁଚିସ୍ତାନ ଲିବରେସନ ଆର୍ମି (ବିଏଲଏ) ଶନିବାର ପୁଣି ଥରେ ପାକିସ୍ତାନ ସେନା ଉପରେ ଜୋରଦାର ଆକ୍ରମଣ କରିଛି। ବେଲୁଚିସ୍ତାନର ମାଙ୍ଗୋଚର ସହରରେ ପାକିସ୍ତାନୀ ସେନାର ଏକ କନଭୟ ଉପରେ ବିଏଲଏ କରିଥିବା ଆକ୍ରମଣରେ ବହୁ ସଂଖ୍ୟକ ପାକ୍ ଯବାନଙ୍କ ମୃତ୍ୟୁ ହୋଇଥିବାର ଖବର ସାମ୍ନାକୁ ଆସିଛି। ମିଳିଥିବା ସୂଚନା ଅନୁସାରେ ବିଏଲଏ ପାକିସ୍ତାନ ସେନାକୁ ଟାର୍ଗେଟ କରି ଦୁଇଟି ସ୍ଥାନରେ ଆକ୍ରମଣ କରିଥିଲା। ପାକ୍ ସେନା କନଭଏର ଅନେକ ଗାଡ଼ି ଉପରେ ବୋମା ମାଡ଼ କରାଯାଇଥିଲା। ଏହି ଆକ୍ରମଣ ପାଇଁ ବିଏଲଏ ନିଜକୁ ଦାୟୀ କରିଥିଲା ବେଳେ ବରିଷ୍ଠ ବେଲୁଚ ସାମ୍ବାଦିକ ଲତିଫ୍ ବାଲୁଚଙ୍କ ନିର୍ମମ ହତ୍ୟାର ପ୍ରତିଶୋଧ ନିଆଯାଇଛି ବୋଲି କୁହାଯାଇଛି। ବହୁ ବେଲୁଚ ନେତା ପାକିସ୍ତାନ ସେନା ବିରୋଧରେ ଗମ୍ଭୀର ଅଭିଯୋଗ ଆଣି ଲତିଫ୍ ବଲୋଚଙ୍କୁ ସେନା ହତ୍ୟା କରିଛି ବୋଲି କହିଛନ୍ତି।

## ୟୁକ୍ରେନ ଉପରେ ରୁଷିଆର ବଡ଼ଧରଣର ଆକ୍ରମଣ

# କିଭ୍ ସମେତ ବହୁ ସହର ଉପରକୁ ଘନଘନ କ୍ଷେପଣାସ୍ତ୍ର ମାଡ଼

କିଭ୍ ,୨୪।୫(ଏଜେନ୍ସି): ୟୁକ୍ରେନ ଯୁଦ୍ଧ ବନ୍ଦ ପାଇଁ ବିଭିନ୍ନ ସ୍ତରରେ ଆଲୋଚନା ଜାରି ରହିଥିବା ସତ୍ତ୍ୱେ ରୁଷ ଏବଂ ୟୁକ୍ରେନ ଆକ୍ରମଣ ପ୍ରତି ଆକ୍ରମଣ କରିବାରୁ ବର୍ତ୍ତି ନାହାନ୍ତି। ଉଭୟ ଦେଶ ପରସ୍ପର ଉପରେ ଆକ୍ରମଣ ଜାରି ରଖିଥିଲା ବେଳେ ଶନିବାର ପ୍ରତ୍ୟୁଷରେ ରୁଷିଆ ୟୁକ୍ରେନ ଉପରେ ଜୋରଦାର ଆକ୍ରମଣ କରିଛି। ରାଜଧାନୀ କିଭ୍ ସମେତ ଏହାର ଆଖପାଖ ବିଭିନ୍ନ ସହର ଉପରେ ରୁଷ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ମାଡ଼ କରିଛି। ଏହାକୁ ନେଇ ବିଭିନ୍ନ ସହର ବିସ୍ଫୋରଣ ଶବ୍ଦରେ ଥରି ଉଠିଥିଲା ବେଳେ ଜୀବନ ବଞ୍ଚାଇବା ପାଇଁ ଲୋକମାନେ ଭୂତଳ ମେଟ୍ରୋ ଷ୍ଟେସନରେ ଆଶ୍ରୟ ନେଇଛନ୍ତି।ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧବନ୍ଦୀ ବିନିମୟ ଆରମ୍ଭ ହେବାର ମାତ୍ର କିଛି ଘଣ୍ଟା ପରେ ରୁଷ ସେନା ୟୁକ୍ରେନ ଉପରେ ଏଭଳି ଆକ୍ରମଣ କରିଥିବା ୟୁକ୍ରେନ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ,ଗତ ସପ୍ତାହରେ ଇସ୍ତାନବୁଲରେ ଅନୁଷ୍ଠିତ ବୈଠକରେ ଉଭୟ ପକ୍ଷ ମଧ୍ୟରେ ହୋଇଥିବା ଚୁକ୍ତିନାମା ଅନୁସାରେ ପ୍ରଥମ ପର୍ଯ୍ୟାୟର ଅଂଶ ସ୍ୱରୂପ ଶତାଧିକ ସୈନିକ ଏବଂ ନାଗରିକଙ୍କୁ ମୁକ୍ତ କରାଯାଇଥିଲା। କିନ୍ତୁ ଏହାସତ୍ତ୍ୱେ ରୁଷ ଶନିବାର ଜୋରଦାର ଆକ୍ରମଣ କରିଛି ବୋଲି କିଭ୍ ସାମରିକ ପ୍ରଶାସନର କାର୍ଯ୍ୟକାରୀ ମୁଖ୍ୟ ତୈମୁର ତକାଚେଙ୍କୋ ସୋସିଆଲ ମିଡିଆରେ କହିଛନ୍ତି। ଏହି ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିଲା ବେଳେ ୬ ଆହତଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କିଭ୍‌ର ସୋଲୋମିୟାନ୍‌ସ୍କି ଜିଲ୍ଲାରେ ଦୁଇଟି ବୋମା ଏବଂ କ୍ଷେପଣାସ୍ତ୍ର ମାଡ଼ ଯୋଗୁ ଅଗ୍ନିକାଣ୍ଡ ଘଟିଥିଲା। ବହୁ ଆପାର୍ଟମେଣ୍ଟ ଏବଂ ବହୁତଳ ପ୍ରାସାଦ କ୍ଷତିଗ୍ରସ୍ତ ହୋଇଛି। ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ୧,୦୦୦ ଯୁଦ୍ଧ ବନ୍ଦୀଙ୍କୁ ଶୁକ୍ରବାର ମୁକ୍ତ କରିବାକୁ ସ୍ଥିର ହୋଇଥିଲା। ସେହି ଅନୁସାରେ ପ୍ରଥମ ପର୍ଯ୍ୟାୟରେ ୩୯୦ ୟୁକ୍ରେନୀୟ ନାଗରିକ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ବୋଲି ରାଷ୍ଟ୍ରପତି ଜେଲେଁସ୍କି କହିଛନ୍ତି।



# କେରଳ ଉପକୂଳରେ ବୁଡ଼ିଗଲା ବିଦେଶୀ ଜାହାଜ

କୋଚି,୨୪।୫(ଏଜେନ୍ସି) : ଆରବ ସାଗରର କେରଳର କୋଚି ନିକଟସ୍ଥ ସମୁଦ୍ରରେ ଏକ ବିଦେଶୀ ମାଲବାହୀ ଜାହାଜ ଶନିବାର ବୁଡ଼ିଯାଇଛି। ଜାହାଜ ବୁଡ଼ିଯିବାର ପ୍ରକୃତ କାରଣ ତାହା ସ୍ପଷ୍ଟ ହୋଇ ନଥିଲା ବେଳେ ଖରାପ ପାଗ କାରଣ ହୋଇପାରେ ବୋଲି ଆକଳନ କରାଯାଇଛି। ଲାଇବେରିଆ ପତାକା ସଙ୍କେତ ରହିଥିବା ଏହି ଜାହାଜରେ ମୋଟ ୨୪ ଜଣ କର୍ମଚାରୀ ରହିଥିବା କୁହାଯାଇଥିଲା ବେଳେ ସେମାନଙ୍କ ମଧ୍ୟରୁ ଭାରତୀୟ କୋଷ୍ଟ ଗାର୍ଡ ୯ ଜଣଙ୍କୁ ଉଦ୍ଧାର କରିଛି। ବାକି ୧୫ ଜଣଙ୍କୁ ଖୋଜିବାକୁ ଅଭିଯାନ ଜାରି ରହିଛି। ମିଳିଥିବା ସୂଚନା ଅନୁସାରେ ୧୮୪ ମିଟର ଲମ୍ବ ବିଶିଷ୍ଟ ଲାଇବେରିଆନ ପତାକାଯୁକ୍ତ ଜାହାଜ ଏମଏସସି ଏଲସା ୩ ଗତକାଲି ମାଲ ନେଇ ୨୩ ତାରିଖରେ ଭିଜିନଜାମ ବନ୍ଦରରୁ ବାହାରିଥିଲା ଏବଂ ଶନିବାର କୋଚି ବନ୍ଦରରେ ପହଞ୍ଚିବାର ଥିଲା। କିନ୍ତୁ କୋଚି ବନ୍ଦରରେ ପହଞ୍ଚିବାର ମାତ୍ର ୩୦ ମିନିଟ୍ ପୂର୍ବରୁ ଏବଂ ୩୦ ନଟିକାଲ ମାଇଲ ଦୂରରୁ ଏହା ସମୁଦ୍ରରେ ବୁଡ଼ି ଯାଇଥିଲା। ଖବର ପାଇବା ପରେ କେରଳ ବିପର୍ଯ୍ୟୟ ପରିଚାଳନା ବୋର୍ଡ ପକ୍ଷରୁ ସତର୍କତା ଜାରି କରାଯାଇଥିଲା ଏବଂ ପରେ ପରେ କୋଷ୍ଟ ଗାର୍ଡ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା।




ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍‌ଠାରେ 'ନିତି ଆୟୋଗ' ପ୍ରଶାସନିକ ପରିଷଦର ୧୦ମ ବୈଠକରେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରଶାସିତ ଅଞ୍ଚଳର ଉପରାଜ୍ୟପାଳଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-326 ♦BHUBANESWAR ♦SUNDAY ♦25 MAY 2025 ♦PAGE-12 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୩୨୬ ♦ଭୁବନେଶ୍ୱର ♦ରବିବାର ♦୨୫ ମେ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦ (ସିନ୍ଦୂରା ସହ)


## ପିଏଫ୍ ଉପରେ ୮.୨୫ ପ୍ରତିଶତ ସୁଧ

■ **ନୂଆଦିଲ୍ଲୀ, ୨୪।୫ (ଏଜେନ୍ସି):** ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ପିଏଫ୍ ସୁଧହାରକୁ ଅପରିବର୍ତ୍ତିତ ରଖାଯାଇଛି। ୨୦୨୩-୨୪ ପରି ୨୦୨୪-୨୫ ପାଇଁ ପିଏଫ୍ ଆକାଉଣ୍ଟର ଜମା ରାଶି ଉପରେ ୮.୨୫ ପ୍ରତିଶତ ସୁଧ ମିଳିବ। ଏ ନେଇ କର୍ମଚାରୀ ଭବିଷ୍ୟ ନିଧି ସଂଗଠନ (ଇପିଏଫଓ) କରିଥିବା ସୁପାରିସକୁ ଅର୍ଥ ମନ୍ତ୍ରାଳୟ ମଞ୍ଜୁରୀ ଦେଇଛି। ଏବେ ଦେଶର ୭ କୋଟିରୁ ଅଧିକ କର୍ମଚାରୀଙ୍କ ପିଏଫ୍ ଆକାଉଣ୍ଟକୁ ସିଧାସଳଖ ସୁଧ ବାବଦ ଅର୍ଥ ଟ୍ରାନ୍ସଫର କରିଦିଆଯିବ। ଏହା ପୂର୍ବରୁ ଫେବୃଆରୀ ୨୮ରେ ବସିଥିବା ଇପିଏଫଓର ସେଣ୍ଟ୍ରାଲ ବୋର୍ଡ ଅଫ୍ ଟ୍ରଷ୍ଟିଙ୍କ ବୈଠକରେ ୮.୨୫ ପ୍ରତିଶତର ସୁଧହାରକୁ ବଜାୟ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପରେ ଏହାକୁ ଅର୍ଥ ମନ୍ତ୍ରାଳୟର ମଞ୍ଜୁରୀ ପାଇଁ ପଠା ଯାଇଥିଲା। ୮. ୨୫ ପ୍ରତିଶତ ହିସାବରେ ଯଦି ଇପିଏଫ ଆକାଉଣ୍ଟରେ ଲକ୍ଷେ ଟଙ୍କା ଜମାଥିବ ତେବେ ଏହା ଉପରେ ବର୍ଷକୁ ୮, ୨୫୦ ଟଙ୍କା ସୁଧ ମିଳିବ। ସେହିପରି ଆକାଉଣ୍ଟରେ ୨୦୨୪ ଏପ୍ରିଲ ପର୍ଯ୍ୟନ୍ତ ୫ ଲକ୍ଷ ଟଙ୍କା ଜମା ଥିଲେ ୪୧, ୨୫୦ ଟଙ୍କା ସୁଧ ମିଳିବ।

# ମୌସୁମୀର କ୍ଷିପ୍ର ଗତି // ସଅଳ ଛୁଇଁଲା କେରଳ

## ଗିଲ୍‌ଙ୍କୁ ଭାରତର ଟେଷ୍ଟ ନେତୃତ୍ୱ



ଶୁବମନ ଗିଲ୍‌ଙ୍କୁ ଭାରତୀୟ ଟେଷ୍ଟ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ଜୁନ୍ ୨୦ରୁ ଇଂଲଣ୍ଡରେ ଖେଳାଯିବାକୁ ଥିବା ୫-ଟେଷ୍ଟ ସିରିଜ୍ ପାଇଁ ଘୋଷିତ ୧୮ ଜଣିଆ ଭାରତୀୟ ଦଳରେ ଶୁଭମନ ଅଧିନାୟକ ଦାୟିତ୍ୱ ସମ୍ଭାଳିବେ।

## ୨୦୦୯ ପରେ ପୁଣି ମେ'ରେ ପ୍ରବେଶ
## ଜୁନ୍ ପ୍ରଥମ ସପ୍ତାହରେ ଓଡ଼ିଶା ଛୁଇଁବ

■ **ନୂଆଦିଲ୍ଲୀ, ୨୪।୫ (ଏଜେନ୍ସି):** ଚଳିତ ବର୍ଷ ଧାର୍ଯ୍ୟ ସମୟ ପୂର୍ବରୁ ମୌସୁମୀର ଆଗମନ ହୋଇଛି। ପାଣିପାଗ ବିଭାଗ ଆକଳନ ଅବଧିର ଆଠଦିନ ପୂର୍ବରୁ ଶନିବାର ମୌସୁମୀ କେରଳ ଉପକୂଳ ଛୁଇଁଛି। ବିଗତ ୧୬ ବର୍ଷ ମଧ୍ୟରେ ଏହା ପ୍ରଥମ ଘଟଣା। ଏଥର ଜୁନ୍ ପହିଲାରେ ମୌସୁମୀ କେରଳ ଛୁଇଁବ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଥିଲା।

କେରଳରେ ମୌସୁମୀ ଜନିତ ପ୍ରବଳ ବର୍ଷା ଆରମ୍ଭ ହୋଇଥିବା ବେଳେ ଓଡ଼ିଶାକୁ ମଧ୍ୟ ମୌସୁମୀ ବାୟୁ ସଅଳ ଆସିବା ନେଇ ଆକଳନ କରିଛନ୍ତି ପାଣିପାଗ ବିଜ୍ଞାନୀ। ସାଧାରଣତଃ କେରଳରେ ମୌସୁମୀ ବାୟୁ ଛୁଇଁବାର ୧୦ ଦିନ ପରେ ଏହା ଓଡ଼ିଶାକୁ ପ୍ରବେଶ କରିଥାଏ। ଅତଏବ ମେ ଶେଷ କିମ୍ବା ଜୁନ୍ ମାସର ପ୍ରଥମ ସପ୍ତାହ ମଧ୍ୟରେ ମୌସୁମୀ ବାୟୁ ଓଡ଼ିଶା ଛୁଇଁବା ନେଇ ଅଧିକ ସମ୍ଭାବନା ରହିଥିବା କୁହାଯାଉଛି। ▶ପୃଷ୍ଠା-୭

## ଲମତାପୁଟରେ ବାଦଲଫଟା ବର୍ଷା
## ଧୋଇଗଲା ହାଟ



■ **କୋରାପୁଟ/ଲମତାପୁଟ, ୨୪।୫ (ସମିସ):** କୋରାପୁଟ ଜିଲ୍ଲା ଲମତାପୁଟରେ ଆଜି ବାଦଲଫଟା ବର୍ଷା ହୋଇଛି। କାଳବୈଶାଖୀ ପ୍ରଭାବରେ ଅଚାନକ ପବନ ସହ ବର୍ଷା ହେବାରୁ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଜୟପୁର-ବିଶାଖାପାଟଣା ରାଜପଥ ଜଳମଗ୍ନ ହେବାରୁ ଯାନବାହନ ଚଳାଚଳ ପ୍ରଭାବିତ ହୋଇଥିଲା। ସୂଚନା ଅନୁଯାୟୀ, କାଳବୈଶାଖୀ ବର୍ଷାର ପ୍ରଭାବ ଲମତାପୁଟ ବ୍ଲକ ମହକୁମାରେ ଦେଖିବାକୁ ମିଳିଛି। ଆଜି ଲାମତାପୁଟ ସାପ୍ତାହିକ ହାଟ ଥିବାବେଳେ ଅଚାନକ ▶ପୃଷ୍ଠା-୭

## 'ନିତି ଆୟୋଗ' ବୈଠକରେ ସବୁ ରାଜ୍ୟଙ୍କୁ ମୋଦୀଙ୍କ ଆହ୍ୱାନ
## 'ଟିମ୍ ଇଣ୍ଡିଆ' ହୋଇ କାର୍ଯ୍ୟ କରିବାକୁ ପଡ଼ିବ



■ **ନୂଆଦିଲ୍ଲୀ, ୨୪।୫ (ଏଜେନ୍ସି):** ବିକଶିତ ଭାରତ ସବୁ ଭାରତୀୟଙ୍କ ଲକ୍ଷ୍ୟ। ରାଜ୍ୟ ବିକଶିତ ହେଲେ ଭାରତ ସାମଗ୍ରିକ ସ୍ତରରେ ବିକଶିତ ହେବ। ଏହାକୁ ହାସଲ କରିବାକୁ ହେଲେ ଆମକୁ 'ଟିମ୍ ଇଣ୍ଡିଆ' ଭଳି କାର୍ଯ୍ୟ କରିବାକୁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀ ସ୍ଥିତ ଭାରତ ମଣ୍ଡପମ୍‌ରେ ଶନିବାର ଅନୁଷ୍ଠିତ 'ନିତି ଆୟୋଗ'ର ୧୦ମ ପ୍ରଶାସନିକ ପରିଷଦ ବୈଠକରେ ଆହ୍ୱାନ ▶ପୃଷ୍ଠା-୭

**'କେନ୍ଦ୍ର-ରାଜ୍ୟ ମିଳିତ ଭାବେ କାର୍ଯ୍ୟ କଲେ କିଛି ଅସମ୍ଭବ ହେବନି'**


**'ବିକଶିତ ଓଡ଼ିଶା' ଗଠନ ପାଇଁ ସହଯୋଗ ଲୋଡ଼ିଲେ ମୋହନ**

## ହିନ୍ଦୋଳ ବନାଞ୍ଚଳ ଶିକାରୀଙ୍କ ପ୍ରାଦୁର୍ଭାବ
## ଫରେଷ୍ଟ ଗାର୍ଡଙ୍କୁ ଗୁଳି କରି ହତ୍ୟା

■ **ଢେଙ୍କାନାଳ/ ହିନ୍ଦୋଳ/ ଖଜୁରିଆକଟା, ୨୪।୫ (ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବନାଞ୍ଚଳ ତାଣ୍ଡିଚିରା କଇଁ ଜଙ୍ଗଲରେ ଶିକାରୀଙ୍କ ଗୁଳି ମାଡ଼ରେ ଜଣେ ଫରେଷ୍ଟ ଗାର୍ଡଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ପ୍ରହଲ୍ଲାଦ ପ୍ରଧାନ। ତାଙ୍କ ଘର କାମାକ୍ଷାନଗର ଥାନା ଅନ୍ତର୍ଗତ ଜିରିଡାମାଳି ଗ୍ରାମରେ। ଏହି ଜଙ୍ଗଲରେ କିଛି ▶ପୃଷ୍ଠା-୭







## ପିପିଲି ପୁଲିସର ଏକପାଖିଆ ମାମଲାକୁ ବିଜେଡିର ନିନ୍ଦା

# ଥାନା ଅଧିକାରୀଙ୍କୁ ଭେଟିଲେ ବିଜେଡି ପ୍ରତିନିଧି ଦଳ

ପିପିଲି, ୨୪।୫(ସମିସ)

ପୁଲିସର ଏକପାଖିଆ ମିଥ୍ୟା ମାମଲା ରୁଜୁ ବିରୋଧରେ ବିଜେଡିର ଏକ ପ୍ରତିନିଧି ଦଳ ପିପିଲି ଥାନାକୁ ଆସିଛନ୍ତି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏହି ପ୍ରତିନିଧି ଦଳ ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ଓ ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ରଙ୍କ ସହ ଆଲୋଚନା କରିଛନ୍ତି।



ପିପିଲି ବିଜ୍ଞାପିତ ଅଞ୍ଚଳ ପରିଷଦ ୱାର୍ଡ ନମ୍ବର ୧୨ରେ ଏକ କଲ୍ୟାଣ ମଣ୍ଡପ ଶିଳାନ୍ୟାସ ଫଳକ ଭଙ୍ଗା ଅଭିଯୋଗରେ ପିପିଲି ଏନ୍‌ଏସି ଅଧ୍ୟକ୍ଷ ସେକ୍ ବାବୁ ଓ ବିଜେଡି କାଉନ୍‌ସିଲରଙ୍କ ନାମରେ ମାମଲା ପରେ ବିଜେଡିର ପ୍ରତିନିଧି ଦଳ ଶନିବାର ଅପରାହ୍ଣରେ ପିପିଲି ଥାନାରେ ପହଞ୍ଚିଥିଲା। ମିଥ୍ୟା ଅଭିଯୋଗରେ ଅଧ୍ୟକ୍ଷଙ୍କ ସମେତ କାଉନ୍‌ସିଲରଙ୍କ ନାମରେ ପୁଲିସ ମାମଲା ରୁଜୁ କରିଥିବାବେଳେ ଶୁକ୍ରବାର ବିନା ଅନୁମତିରେ ବିଜେପି କର୍ମୀମାନେ ପିପିଲି ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ଯେଉଁଭଳି ବିକ୍ଷୋଭ ପ୍ରଦର୍ଶନ କଲେ ତାହାକୁ ନେଇ ପ୍ରଶ୍ନ କରିଥିଲା ବିଜେଡି। ପିପିଲିରେ ଗତ କିଛି ମାସ ଧରି ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ି ଯାଇଥିବାବେଳେ ପିପିଲି ପୁଲିସ କେବଳ ବିଜେପିର ହାତବାରିଶି ସାଜିଥିବା ନେଇ ବିଜେଡି ଅଭିଯୋଗ କରିଛି। ବିଜେପି କଥାରେ ପୁଲିସ ଆଖି ବୁଜି ବିଜେଡି ଲୋକଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରୁଛି ବୋଲି ବିଜେଡି ଅଭିଯୋଗ କରିଥିବାବେଳେ ଆଇନ ଅନୁସାରେ ପୁଲିସ କାମ କରୁ ବୋଲି ଦାବି କରିଛି ବିଜେଡି। ଏହି ଗସ୍ତରେ ପୁରୀ ଜିଲ୍ଲା ବିଜେଡି ସଭାପତି ଉମା ସାମନ୍ତରାୟଙ୍କ ନେତୃତ୍ୱରେ ବିଜେଡିର ଏହି ପ୍ରତିନିଧି ଦଳରେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ବରିଷ୍ଠ ନେତା ସଞ୍ଜୟ ଦାସବର୍ମା, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ସ୍ଥାନୀୟ ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ନେତା ସୁବ୍ରତ ଛାଟୋଇଙ୍କ ସମେତ ବହୁ ତୁଙ୍ଗ ନେତା ଏଥିରେ ସାମିଲ୍ ହୋଇଥିଲେ। ପୁଲିସ ଆଇନ ଅନୁସାରେ କାମ କରୁଛି ବୋଲି ପିପିଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

# ବଲଙ୍ଗାରେ ଭଉଁରୀ ଉତ୍ସବ ଉଦ୍‌ଯାପିତ

**ବଲଙ୍ଗା, ୨୪।୫(ସମିସ):** ବକ୍ରେଶ୍ୱର ଦେବଙ୍କ ୨୧ ଦିନ ଚନ୍ଦନ ଉତ୍ସବ ପରିପ୍ରେକ୍ଷୀରେ ତିନି ଦିନ ଓଡ଼ିଶା ପ୍ରସିଦ୍ଧ ଭଉଁରୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭଉଁରୀ ଯାତ୍ରାର ମୁଖ୍ୟ ଆକର୍ଷଣ ନାଗାନୃତ୍ୟ। ଗୋଟିଏ ନାଗାର ମୁଣ୍ଡ ଉପରେ ଥିବା ହାଣ୍ଡିଆ ପ୍ରାୟ ୫୦ କେଜି ଚାନ୍ଦି, ରୁପା ତାରକସି କାରୁକାର୍ଯ୍ୟ ଯଥା- ବିଭିନ୍ନ ମନ୍ଦିର, ତୋରଣ, ଫୁଲ, ଫଳ ଖଚିତ ହୋଇଥାଏ। ଢାଲ, ବାଙ୍କଛୁରୀ, ଗଣ୍ଡାଶିଙ୍ଗ, ବାଘଛାଲ, କମରପଟି, ଓରମାଲ, ଡେଣୁକ, ଏରାପକ୍ଷୀ ପ୍ରଭୃତି ପ୍ରସ୍ତୁତ ତାଟୀ କାନ୍ଧରେ ରଖି ବୀରବାଦ୍ୟ ତାଳେ ତାଳେ ନାଗାନୃତ୍ୟ କରିଥା'ନ୍ତି। ଚଳିତ ବର୍ଷ ବଲଙ୍ଗା, ସମ୍ଭୁଭାରତୀ ପାଟଣା, ତୋଟାସାହି, ଦେଉଳି ସାହି ପ୍ରଭୃତି ଗ୍ରାମସ୍ଥ ବିଭିନ୍ନ ସାହିରେ ଥିବା ୧୪ଟି ଜାଗାଘର ତରଫରୁ ପ୍ରାୟ ୨୫ଟି ନାଗା ପ୍ରସ୍ତୁତ ହୋଇଥିଲେ। ବକ୍ରେଶ୍ୱର ମେଳଣ କମିଟି ତରଫରୁ ନାଗା ପାଇକ ଆଖଡ଼ା ଖେଳାଳି ତଥା ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅଂଶଗ୍ରହଣକାରୀଙ୍କୁ ଶାଢ଼ି, ଶିରିପା, ଫୁଲ, ଚନ୍ଦନ, କର୍ପୂର ମାଳ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କମିଟି ଉପଦେଷ୍ଟା ସୁବାସ ଚନ୍ଦ୍ର ପତି, ଥାନା ଅଧିକାରୀ ଦିବ୍ୟ ରଞ୍ଜନ ପଣ୍ଡା, ନିମାପଡ଼ା ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ସଭାପତି ପ୍ରଫୁଲ୍ଲ କୁମାର ପ୍ରଧାନ, ସମ୍ପାଦକ ବଳଭଦ୍ର ଜେନା, ଜିଲ୍ଲା ପରିଷଦ ପ୍ରଦିପ୍ତ ଖଟୋଇ, ସରପଞ୍ଚ ଅଞ୍ଜଳି ପ୍ରଧାନ, ପୂର୍ବତନ ସରପଞ୍ଚ ଅଜିତ୍ ଦଳେଇ, ସମିତିସଭ୍ୟ ପ୍ରକାଶ ସାହୁ, ସମାଜସେବୀ ଶ୍ରୀକର ପ୍ରଧାନ, କୃପାସିନ୍ଧୁ ଦତ୍ତ, ସୁକାନ୍ତ ବରାଳ, ପ୍ରଶନ୍ନ କୁମାର ସତପଥି, ସାମ୍ବାଦିକ ମାନସ ରଞ୍ଜନ ଦାଶ, ସନ୍ତୋଷ ବରାଳ, ସୁରେଶ ଚନ୍ଦ୍ର ମହାନ୍ତି, ପରିଚାଳନା କମିଟି କର୍ମକର୍ତ୍ତା ସଭ୍ୟ, ବିଭିନ୍ନ ଜାଗାଘର ମୁରବୀ ପ୍ରଭୃତି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



# ଅଦିନିଆ ବର୍ଷା; ଗାଁ ରାସ୍ତାରେ ଆଣ୍ଠୁଏ ପାଣି



**ଚାରିଛକ, ୨୪।୫(ସମିସ):** ନିମାପଡ଼ା ବ୍ଲକ ଅନ୍ତର୍ଗତ ଚାରିଛକ ନିକଟସ୍ଥ ତୁଳସୀପୁର ପଞ୍ଚାୟତ ପଥରପଦା ବ୍ରାହ୍ମଣସାହି ଗ୍ରାମ ରାସ୍ତାରେ ଅଦିନିଆ ବର୍ଷାରେ ଜମାହୋଇ ରହିଛି ଆଣ୍ଠୁଏ ପାଣି। ଯାହାଦ୍ୱାରା ଗ୍ରାମର ଲୋକମାନେ ଯାତାୟାତ ପାଇଁ ବାଧା ସୃଷ୍ଟି ହୋଇଛି। ଗତ ଦୁଇଦିନ ଧରି ଅଦିନିଆ ବର୍ଷା ହେବା ଫଳରେ ବ୍ରାହ୍ମଣ ସାହିର ୨୦ ପରିବାର ଜଳବନ୍ଦୀରେ ଥିବା ଜଣାପଡ଼ିଛି।

**୨୦ ପରିବାର ଜଳବନ୍ଦୀ**

ଗ୍ରାମାଞ୍ଚଳର ଜନ ସାଧାରଣ ସୁବିଧାରେ ଯାତାୟାତ କରିବା ପାଇଁ ସୁଗମ ରାସ୍ତା ନିର୍ମାଣ ନିମନ୍ତେ ସରକାରଙ୍କ ପକ୍ଷରୁ ପ୍ରଚୁର ଅର୍ଥ ଖର୍ଚ୍ଚ ହେଉଛି। କିନ୍ତୁ ଦୀର୍ଘଦିନ ହେବ ଉକ୍ତ ରାସ୍ତାଟି ଖାଲଖମା ହୋଇ ପଡ଼ିରହିଥିବା ବେଳେ ଏଥିପ୍ରତି କାହାରି ଦୃଷ୍ଟି ପଡୁନି। ମରାମତି ନ ହେବା ଫଳରେ ସାମାନ୍ୟ ବର୍ଷାରେ ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଜମାହୋଇ ରହୁଛି। ଯାହାଦ୍ୱାରା ଗ୍ରାମବାସୀ ଓ ସ୍କୁଲ ପିଲାମାନେ ଯାତାୟାତ ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ରାସ୍ତାଟିକୁ ତୁରନ୍ତ ମରାମତି କରିବାକୁ ଗ୍ରାମର ରସାନନ୍ଦ ଦାଶ, ଗଗନ ଦାଶ, ପ୍ରକାଶ ଦାଶ, ବ୍ରହ୍ମାନନ୍ଦ ଦାଶ, ମନୋଜ ଦାଶ, ବ୍ରଜବନ୍ଧୁ ଦାଶ, କୈଳାଶ ଦାଶ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀଙ୍କ ପକ୍ଷରୁ ସ୍ଥାନୀୟ ସରପଞ୍ଚ ମଞ୍ଜୁଶ୍ରୀ ଭୋଇଙ୍କୁ ଅବଗତ କରାଯିବା ପରେ ଅନୁଦାନ ଅର୍ଥ ଆସିଲେ ଉକ୍ତ ରାସ୍ତାଟି ଖୁବ୍‌ଶୀଘ୍ର ମରାମତି ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଭୂମିହୀନ ଆନ୍ଦୋଳନକାରୀଙ୍କ ସାଂଗଠନିକ ବୈଠକ



**ବ୍ରହ୍ମଗିରି, ୨୪।୫(ସମିସ):** ବ୍ରହ୍ମଗିରି ଭୂମିହୀନ ଆନ୍ଦୋଳନକାରୀଙ୍କ ବଢୁଛି ବଳ। ଶନିବାର କଟକ ପଡ଼ା ମା' ସାଥୀ ଭଉଣୀ ପ୍ରାଙ୍ଗଣରେ ଦିନ ୧୧ଟାରେ ଭୂମିହୀନ ଦଳିତ ସଂଗ୍ରାମ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସୂଚନା ଥାଉକି, ଗତ ୧୬ ତାରିଖରେ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀଙ୍କୁ ସମିତିର ଚିଠି ମାଧ୍ୟମରେ ଅନୁରୋଧ ପରେ ରାଜ୍ୟ ସରକାର ରାଜସ୍ୱ ମନ୍ତ୍ରୀଙ୍କ ତରଫରୁ ଗତ ୨୦ ତାରିଖରେ ପ୍ରତି ଭୂମିହୀନଙ୍କୁ ୪ ଡିସିମିଲ ଘରବାରିରୁ କମ୍ ବ୍ୟକ୍ତିଙ୍କୁ ୪ ଡିସିମିଲ ଘରଡିହ ପଟ୍ଟା ପ୍ରଦାନ ନିମନ୍ତେ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେଥିପାଇଁ ରାଜ୍ୟ ସରକାରଙ୍କୁ ସମିତି ତରଫରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଏହି ଘୋଷଣାରେ ବ୍ରହ୍ମଗିରି ଭୂମିହୀନଙ୍କ ସହ ରାଜ୍ୟର ହଜାର ହଜାର ଭୂମିହୀନ ଉପକୃତ ହେବେ। ଏହି ସମିତି ବ୍ରହ୍ମଗିରିରେ ୧ମାସରୁ ଅଧିକ ସମୟ ହେଲା ଲଗାତର ଆନ୍ଦୋଳନକୁ ଓହ୍ଲାଇଛି। ଭୂମିହୀନ ଆନ୍ଦୋଳନକାରୀମାନେ ଦିଲ୍ଲୀରେ ହୋଇଥିବା କୃଷକ ଆନ୍ଦୋଳନ ଭଳି ଏହାକୁ ତୀବ୍ରତର କରି ନିଜର ମୌଳିକ ଅଧିକାର ୪ ଡିସିମିଲ ଘରଡିହ ପଟ୍ଟା ହାସଲ ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିବ ବୋଲି ସମିତି ପକ୍ଷରୁ ଘୋଷଣା କରାଯାଇଛି। ଏହି ବୈଠକରେ ପୁରୀ ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ କମିଟି ସଭାପତି ବିହାରୀବନ୍ଧୁ ପଲେଇ, ସ୍ୟାମେଳେନ୍ଦୁ ପ୍ରଧାନଙ୍କ ସହ ଚାଷୀ ନେତା ପୀତବାସ ବେହେରା, ଉପସଭାପତି ଭୀମସେନ ଦାସ, ସହ ସମ୍ପାଦକ ଲବଙ୍ଗ ବେହେରା, ପ୍ରତାପ ବେହେରା, ସାମାଜିକ ଗଣମାଧ୍ୟମ ପ୍ରଭାରୀ ନକୁଳ ବେହେରା, ନାରୀ ନେତ୍ରୀ ବିଳାସିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସାବିତ୍ରୀ ପାଇଁ ଶାଢ଼ି ଓ ଫଳ ଦୋକାନରେ ଭିଡ଼

**ବ୍ରହ୍ମଗିରି, ୨୪।୫(ସମିସ):** ଆଉ ଦିନକ ପରେ ହେବ ସାବିତ୍ରୀ ବ୍ରତ। ସ୍ୱାମୀଙ୍କ ଦୀର୍ଘାୟୁ କାମନା ସହିତ ପରିବାରର ସୁଖ ସମୃଦ୍ଧି କାମନା କରି ଏହି ସାବିତ୍ରୀ ବ୍ରତ ପାଳନ କରାଯାଇଥାଏ। ସାବିତ୍ରୀ ଅମାବାସ୍ୟା ଆଉ ମାତ୍ର ଗୋଟାଏ ଦିନ ଥିବାରୁ ବଜାରରେ ଭିଡ଼ ପରିଲକ୍ଷିତ ହୋଇଛି। ମହିଳାମାନେ ବ୍ରତ, ଶାଢ଼ି, ପୂଜା ସାମଗ୍ରୀ ଏବଂ ବିଭିନ୍ନ ପ୍ରକାରର ଫଳ କିଣିବା ପାଇଁ ତତ୍ପର ହୋଇ ଉଠିଛନ୍ତି। ସାବିତ୍ରୀ ବ୍ରତ ପାଇଁ ବ୍ରହ୍ମଗିରି ବଜାର ସମେତ ବିଭିନ୍ନ ଛକ ଓ ଗାଁମାନଙ୍କରେ ଥିବା ଦୋକାନ ପାଖରେ ଭିଡ଼ ଦେଖିବାକୁ ମିଳିଛି। ସେପଟେ କିଛି ଅସାଧୁ ଫଳ ବେପାରୀ ସାବିତ୍ରୀ ଅମାବାସ୍ୟାକୁ ଦୃଷ୍ଟିରେ ରଖି ଫଳର ଦାମ୍ ଆକାଶଛୁଆଁ କରିଛନ୍ତି। ସେଥିଯୋଗୁଁ ଫଳ କିଣିବା ପାଇଁ କଷ୍ଟକର ହୋଇପଡୁଥିବା ମହିଳାମାନେ କହିଛନ୍ତି।

## ଫଳ ଦର ଆକାଶଛୁଆଁ

**ନିମାପଡ଼ା, ୨୪।୫(ସମିସ):** ଆଗକୁ ସାବିତ୍ରୀ ବ୍ରତ ଆସୁଥିବାରୁ କିଛି ଦିନ ହେଲା ବଜାରରେ ଫଳଦର ଆକାଶଛୁଆଁ ହୋଇଥିବା ଦେଖାଯାଇଛି। ନିମାପଡ଼ା ଅଞ୍ଚଳର ବିଭିନ୍ନ ବଜାରରେ ସେଓ କିଲୋ ୨୬୦ରୁ ୩୦୦ ଟଙ୍କା, ଅଙ୍ଗୁର ୧୮୦, କମଳା ୧୮୦ରୁ ୨୦୦, ଡାଳିମ୍ବ ୨୦୦ରୁ ୨୫୦ ଓ ତରଭୁଜ ୪୦ ଟଙ୍କା ବିକ୍ରି ହେଉଛି। ନିତାନ୍ତ ଆବଶ୍ୟକ ପଡୁଥିବା କଦଳୀ ଡଜନ୍‌କୁ ୧୦୦ରୁ ୧୫୦ଟଙ୍କା, ପଣସ ଗୋଟାକୁ ୫୦ରୁ ୧୦୦ ଟଙ୍କା, ନଡ଼ିଆ ଗୋଟାକୁ ୩୦ରୁ ୪୦ ଟଙ୍କା, ଆମ୍ବ କିଲୋ ୭୦ରୁ ୧୨୦ ଟଙ୍କା, କାକୁଡ଼ି କିଲୋ ୬୦, ତାଳ ଗୋଟାକୁ ୩୦ରୁ ୪୦ ଟଙ୍କା, ସପୁରୀ ଗୋଟାକୁ ୫୦ଟଙ୍କା, ଖଜୁରୀ କୋଳି ପ୍ୟାକେଟ୍ ୧୨୦ ଟଙ୍କା ଓ ଲିଚୁ କୋଳି କିଲୋ ୨୦୦ ଟଙ୍କାରେ ବଜାରରେ ବିକ୍ରି ହେଉଥିବା ଜଣାପଡ଼ିଛି। ଏଭଳି ଫଳଦର ଅହେତୁକ ବୃଦ୍ଧିକୁ ଦେଖି ଗ୍ରାହକମାନେ ଚିନ୍ତାରେ ପଡ଼ିଛନ୍ତି। ଏନେଇ ଫଳ ବ୍ୟବସାୟୀ କୁହନ୍ତି, ସାବିତ୍ରୀ ବ୍ରତ ପାଇଁ ଆମେ ଉଚ୍ଚା ଦରରେ ଫଳମୂଳ କିଣୁଛୁ। ସେହି ଅନୁଯାୟୀ ବିକ୍ରି କରାଯାଉଥିବା ନେଇ ପ୍ରକାଶ କରିଛନ୍ତି।

# ଡେଲାଙ୍ଗରେ ବେଧଡ଼କ ମାଙ୍କଡ଼ା ଚୋରା ଚାଲାଣ

## ରାତିରେ ଥାନା ସାମ୍ନା ଦେଇ ଯାଉଛି ଶହଶହ ମାଙ୍କଡ଼ା ବୋଝେଇ ଗାଡ଼ି

**ଡେଲାଙ୍ଗ, ୨୪।୫(ସମିସ):** ଡେଲାଙ୍ଗ ଥାନା ଅଧୀନ ବିଭିନ୍ନ ଖଣିରୁ ବେଧଡ଼କ ଭାବେ ମାଙ୍କଡ଼ା ପଥର ଚୋରାଚାଲଣ କରାଯାଉଥିବା ନେଇ ଅଭିଯୋଗ ହୋଇଛି। ପ୍ରତିଦିନ ରାତି ସମୟରେ ଶହଶହ ମାଙ୍କଡ଼ା ବୋଝେଇ ଭାରୀଯାନ ଥାନା ସାମ୍ନା ଦେଇ ଯାଉଥିବାବେଳେ ଏନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି। ଏହି ସବୁ ଘଟଣା ସମ୍ପର୍କରେ ଥାନା ପ୍ରଶାସନ ସବୁ ଜାଣି ମଧ୍ୟ ଚୁପ୍ ହୋଇ ବସିରହୁଥିବା ସ୍ଥାନୀୟ ବୁଦ୍ଧିଜୀବୀ ମହଲେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିବା ସହିତ ଥାନା ପ୍ରଶାସନର କାର୍ଯ୍ୟକଳାପ ଉପରେ ସନ୍ଦେହ ସୃଷ୍ଟି କରୁଛି। ମାଙ୍କଡ଼ା ପଥର ଏବଂ ମୋରମ୍ ଚୋରାଚାଲାଣ କରାଯିବାରୁ ସରକାରଙ୍କ ଲକ୍ଷଲକ୍ଷ ଟଙ୍କାର ରାଜସ୍ୱ ହାନୀ ହେଉଛି। ମାଙ୍କଡ଼ା ପଥର ନେଇ ଭାରୀଯାନଗୁଡ଼ିକ ଡେଲାଙ୍ଗ ଷ୍ଟେସନ ବଜାର ରାସ୍ତାରେ ରାତି ସମୟରେ ଦ୍ରୁତଗତିରେ ଯାତାୟାତ କରୁଥିବାବେଳେ ରାତିରେ ନିଜ ଦୋକାନ ଜଗି ଶୋଉଥିବା ଦୋକାନୀମାନଙ୍କ ଜୀବନ ପ୍ରତି ବିପଦ ଉପୁଜୁଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ସନ୍ଧ୍ୟା ସମୟରେ ଥାନା ସାମ୍ନାରେ ପୁଲିସ, ଭ୍ୟାନ୍ ରଖି ବଜାରକୁ ପରିବା ଏବଂ ରାସନ ପାଇଁ ଆସୁଥିବା ସାଧାରଣ ଲୋକଙ୍କ ବାଇକ କାଗଜ ପତ୍ର ଓ ହେଲ୍‌ମେଟ ଚେକ୍ କରି ହଜାର ହଜାର ଟଙ୍କାର ଜରିମାନା ଅଦାୟ କରୁଛନ୍ତି। ହେଲେ ରାତିରେ ଲକ୍ଷ ଲକ୍ଷ ଟଙ୍କାର ମାଙ୍କଡ଼ା ପଥର ଓ ମୋରମ୍ ଚୋରା ଚାଲାଣ କରୁଥିବା ଗାଡ଼ି ମାଲିକଙ୍କ ସହିତ ପୁଲିସର ସଲାସୁତରା ଯୋଗୁଁ ଥାନା ଭିତରେ ପୁଲିସ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହୁଥିବା ଲୋକେ ଅଭିଯୋଗ କରିଛନ୍ତି।



## ପୁଲିସକୁ ଲୁଟେରାଙ୍କ ଖୋଲା ଚ୍ୟାଲେଞ୍ଜ

# ଗୋଟିଏ ରାତିରେ ସ୍କୁଟି ଓ ପିକ୍‌ଅପ୍ ଭ୍ୟାନ୍ ଲୁଟ୍

**କୁଣ୍ଢେଇ, ୨୪।୫(ସମିସ):** ଦିନକୁ ଦିନ ପୁରୀ ଜିଲ୍ଲା କାକଟପୁର ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। କେଉଁଠି ଲୁଟେରାମାନେ କାହା ବେକରୁ ଚେନ୍ ଛିଣ୍ଡାଇ ନେଇ ଖସି ପଳାଇବାରେ ସକ୍ଷମ ହେଉଛନ୍ତି ତ ଆଉ କେଉଁଠି ବାଇକ୍ ଓ ଚାରିଚକିଆ ଯାନ ଚୋରି କରି ଅନାୟାସରେ ଖସି ଯାଉଛନ୍ତି। କିନ୍ତୁ କାକଟପୁର ପୁଲିସର ନିଷ୍କ୍ରିୟତା ଓ ଦାୟିତ୍ୱହୀନତା ପାଇଁ ସାଧାରଣ ଲୋକଙ୍କର ପୁଲିସ ଉପରୁ ଆସ୍ଥା ତୁଟିବାରେ ଲାଗିଛି। ଗତ ଶୁକ୍ରବାର ରାତିରେ ଲୁଟେରାମାନେ ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଗୋଟିଏ ରାତିରେ ଏକ ସ୍କୁଟି ଓ ପିକ୍‌ଅପ୍ ଭ୍ୟାନ୍ ଲୁଟିନେଇଛନ୍ତି।

ଗତ ଶୁକ୍ରବାର ରାତିରେ ମଙ୍ଗଳା ମନ୍ଦିର ନିକଟରେ ଥିବା ଅକ୍ଷୟ ଦୀକ୍ଷିତ (ଯଚି)ଙ୍କ ଏକ ଧଳା ରଙ୍ଗର ସ୍କୁଟିକୁ ଘର ସାମ୍ନାରେ ରଖି ଶୋଇବାକୁ ଯାଇଥିଲେ। ସକାଳୁ ଦେଖିବାବେଳକୁ ସ୍କୁଟିଟି ନାହିଁ। ପଡ଼ୋଶୀଙ୍କୁ ପଚାରିବାରୁ ଜଣାପଡ଼ିଲା ଯେ ୨ ଜଣ ଦୁର୍ବୃତ୍ତ ଗାଡ଼ିଟିକୁ ରାତି ୩ଟାରେ ଚୋରି କରି ନେଇଛନ୍ତି। ଏନେଇ ଅକ୍ଷୟ କାକଟପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେହିପରି ଉକ୍ତ ରାତିରେ କାକଟପୁର ବ୍ଲକ ଛକ ନିକଟରେ ଥିବା ବୀଣାପାଣି ଷ୍ଟୋର୍ ଆଗରୁ ଏକ ପିକ୍‌ଅପ୍ ଭ୍ୟାନ୍ ଚୋରି ହୋଇଥିବା ଷ୍ଟୋର୍‌ର ମାଲିକ ବିଜୟ ତ୍ରିପାଠୀ କାକଟପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହା ପଛରେ ଏକ ସ୍ୱତନ୍ତ୍ର ଗ୍ୟାଙ୍ଗ୍ କାମକରୁଥିବା ସାଧାରଣ ଲୋକେ ଅନୁମାନ କରୁଥିବାବେଳେ ଲୁଟେରାମାନେ ବାରମ୍ବାର ଲୁଟ୍ କରି ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। ଏ ସମସ୍ତ ଘଟଣାକୁ ଦେଖିଲେ କାକଟପୁର ପୁଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅପରପକ୍ଷରେ କାକଟପୁର ଜଗଜ୍ଜନନୀ ମା' ମଙ୍ଗଳାଙ୍କ ମନ୍ଦିରକୁ ପ୍ରତିଦିନ ହଜାର ହଜାର ଭକ୍ତ ମା'ଙ୍କ ଦର୍ଶନ ପାଇଁ ରାଜ୍ୟ ଓ ରାଜ୍ୟ ବାହାରୁ ଆସୁଥିବାରୁ ସେମାନଙ୍କ ପାଇଁ ବିପଦ ସୃଷ୍ଟି କରିଛି। ଥାନା ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ କୌଣସି ତାଳମେଳ ରହୁ ନ ଥିବା ଯୋଗୁଁ ଲୁଟେରାମାନେ ସକ୍ରିୟ ହୋଇପଡ଼ିଛନ୍ତି। ସେହିପରି ଗତ ଫେବୃଆରୀ ୧୨ ତାରିଖ ରାତିରେ ଶ୍ରୀରାମପୁରରୁ ଦୁଇ ଜଣଙ୍କ ଘରୁ ଚୋରି ହୋଇଥିବାବେଳେ ଜଣେ ବ୍ୟକ୍ତିଙ୍କ ଘରୁ ଏକ ପାଣି ମୋଟର ଚୋରି ହୋଇଥିବା ବେଳେ ବିଜୟ ସାହୁଙ୍କ ଘରୁ ଏକ ଜେନେରେଟର ସହିତ ପାଣି ମୋଟର, ଅନେକ ଘର ତିଆରି ସାମଗ୍ରୀ ଚୋରି ହୋଇଥିଲା। ଶ୍ରୀ ସାହୁ କାକଟପୁର ଥାନାରେ ଲିଖିତ ଅଭିଯୋଗ କରିବାର ୪ ମାସ ପୂରିଥିଲେ ପୁଲିସ ଚୁପ୍ ବସିଛି। ବାହାର ରାଜ୍ୟରୁ ଆସି ଫେରିବାଲା ଓ ରାଜମିସ୍ତ୍ରି ଭାବେ କାମ କରୁଥିବା ବ୍ୟକ୍ତିଙ୍କ କାଣ୍ଡ ହୋଇଥାଇପାରେ ବୋଲି ସାଧାରଣରେ ଆଲୋଚନା ହେଉଛି। ତୁରନ୍ତ ପୁରୀ ଏସ୍‌ପି ଏ ଦିଗରେ ଦୃଷ୍ଟି ଦେବା ପାଇଁ ଦାବି ହେଉଛି।

# ଜମିବାଡ଼ିକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ସଂଘର୍ଷ

**ନୟାହାଟ, ୨୪।୫(ସମିସ):** ଜମିବାଡ଼ି ବଣ୍ଟନକୁ ନେଇ ନୟାହାଟ ଫାଣ୍ଡିର ବରୀମୁଣ୍ଡ ଗ୍ରାମରେ ବଡ଼ଭାଇ ଆକ୍ରମଣରେ ସାନଭାଇ ଆହତ ହେବା ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ବାଉଲଙ୍ଗ ପଞ୍ଚାୟତର ବରୀମୁଣ୍ଡ ଗ୍ରାମର ବଡ଼ଭାଇ କମଳାକାନ୍ତ ବେହୁରା ଓ ସାନଭାଇ ଅରୁଣ ବେହୁରାଙ୍କ ମଧ୍ୟରେ ଦୀର୍ଘ ଦିନ ହେଲା ବିବାଦ ଲାଗିରହିଥିଲା। ବଡ଼ଭାଇ କମଳାକାନ୍ତ ବାହାରେ ରହୁଥିବାବେଳେ ସେ ସାନଭାଇକୁ ଭାଗ ଦେବାକୁ ବିଭିନ୍ନ ସମୟରେ ଅରାଜି ହେଉଥିଲେ। ଶୁକ୍ରବାର ଏହି ଜମିବାଡ଼ିକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ବଚସା ହୋଇଥିଲା। ଏହା ଗଣ୍ଡଗୋଳର ରୂପ ନେଇ ବଡ଼ଭାଇର ଆକ୍ରମଣରେ ସାନଭାଇ ଆହତ ହୋଇଥିଲେ। ଏନେଇ ଗୋପ ଥାନାରେ ଦୁଇଟି ମାମଲା ରୁଜୁ ହୋଇଛି। ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଘଟଣାର ତଦନ୍ତ ଚଳାଇଛନ୍ତି।

# ୬୦ରୁ ଊର୍ଦ୍ଧ୍ୱ ଗୋରୁ ଜବତ; ୩ ଚାଲାଣକାରୀ ଗିରଫ

**ବଲଙ୍ଗା, ୨୪।୫(ସମିସ):** ବଲଙ୍ଗା ଥାନା ଅନ୍ତର୍ଗତ ଭାର୍ଗବୀ ନଦୀପଠାରେ ୬୦ରୁ ଊର୍ଦ୍ଧ୍ୱ ଗୋରୁଙ୍କୁ ଚତୁରତାର ସହ ଭାର୍ଗବୀ ନଦୀ ବନ୍ଧରେ ନେଉଥିବାବେଳେ ବଜରଙ୍ଗ ଦଳର କର୍ମକର୍ତ୍ତାମାନେ ଏହାକୁ ଦେଖି ବଲଙ୍ଗା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ୩ ଜଣଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି।

ବଜରଙ୍ଗୀ ଦଳ ସଂଯୋଜକ ମହାବୀର ପ୍ରସାଦ ବରାଳଙ୍କ ଅଭିଯୋଗ ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ବଲଙ୍ଗା ଭାର୍ଗବୀ ନଦୀପଠାରେ ୩ଜଣ ଲୋକ ୬୦ରୁ ଊର୍ଦ୍ଧ୍ୱ ଗୋରୁଙ୍କୁ ବେଆଇନ ଭାବେ ଚାଲାଣ ପାଇଁ ନଦୀବନ୍ଧରେ ଯାଉଥିବାବେଳେ ବଜରଙ୍ଗ ଦଳର କର୍ମକର୍ତ୍ତାମାନେ ପଚରାଉଚରା କରିବାରେ ସନ୍ତୋଷଜନକ ଉତ୍ତର ନ ମିଳିବାରୁ ଥାନାରେ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଗୋରୁଗୁଡ଼ିକୁ ଉଦ୍ଧାର କରିବା ସହିତ ୩ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବାବେଳେ ଗାଈମାନଙ୍କୁ ନିକଟସ୍ଥ ଶମ୍ଭୁଭାରତୀ ପାଟଣା ସ୍କୁଲ ପରିସରରେ ରଖିଥିବା ଦେଖିବାକୁ ମିଳିଛି। ବଲଙ୍ଗା ପୁଲିସ ୧୦୮/୨୫ରେ ଏକ ମାମଲା ରୁଜୁ କରି ସଦର ଥାନା ଅନ୍ତର୍ଗତ ଅମୁରୀ ଗ୍ରାମର ଶୁଶାନ୍ତ ବେହେରା(୩୭), ବଲଙ୍ଗା ଥାନା ଅଧୀନ ନାହାମଙ୍ଗପାଟଣା ଗ୍ରାମର କ୍ଷେତ୍ରବାସୀ ବେହେରା(୪୦), ସତ୍ୟବାଦୀ ଥାନା ଅନ୍ତର୍ଗତ ସୁଆଲୋ ଗ୍ରାମର କାହ୍ନୁଚରଣ ବେହେରା(୨୫)ଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଚାଲିଛି ବିଦେଶୀ ପକ୍ଷୀ ଶିକାର; ବନ ବିଭାଗ ନିରବ

**କଣାସ, ୨୪।୫(ସମିସ):** ଶୀତଋତୁ ଆଗମନରେ ଚିଲିକା ହ୍ରଦକୁ ବିଭିନ୍ନ ଦେଶରୁ ଲକ୍ଷ ଲକ୍ଷ ବିଭିନ୍ନ ପ୍ରଜାତିର ବିଦେଶୀ ପକ୍ଷୀ ଆସି ପୁନଶ୍ଚ ଗ୍ରୀଷ୍ମଋତୁର ଆଗମନ ସମୟରେ ଫେରିଯାଆନ୍ତି। ଚଳିତ ବର୍ଷ ହଜାର ହଜାର ବିଦେଶୀ ପକ୍ଷୀ କଣାସ ବ୍ଲକର ଚିଲିକା ଉପକୂଳ ପାଇକମରା, ଗୋପୀନାଥପୁର, କଳାପଦର, ଜାଗୁଳାଇପଦର, ମାଳିସାହି, କଉଡ଼ଖଣି, ସାହସପୁର, ବଡ଼ଓରା, ସାନଓରା, ଓଗାଳପୁର ସରସ୍ୱତୀ ନଗର, ଗଙ୍ଗାଧରପୁର ଦୋଛିଆଁ, ଆଳିପଡ଼ା, ନୂଆଗାଁ, ଯାମଳଗୋଦା ଅଞ୍ଚଳ ଧାନଜମିରେ ଖାଦ୍ୟ ଅନ୍ୱେଷଣରେ ଘୂରି ବୁଲୁଛନ୍ତି। ସପ୍ତାହେ ତଳେ ବିଭିନ୍ନ ଖବର କାଗଜରେ ବିଦେଶୀ ପକ୍ଷୀ ଶିକାର ଖବର ପ୍ରକାଶ ପାଇବା ପରେ ଟାଙ୍ଗୀ ବନ କର୍ମଚାରୀମାନେ ଦୁଇ ଦିନ ପ୍ରଭାତରୁ ଆସି ଜଗିଥିବାବେଳେ ଶିକାରୀମାନେ ସଜାଗ ହୋଇ ଆଉ ପକ୍ଷୀ ଶିକାର କରି ନ ଥିଲେ। ଏବେ ତିନିଦିନ ହେଲା କୌଣସି ସୁରକ୍ଷା କର୍ମଚାରୀ ଆସୁ ନ ଥିବାରୁ ପୁଣିଥରେ ଶିକାରୀମାନେ ସକ୍ରିୟ ହୋଇପଡ଼ିଛନ୍ତି। ଶହ ଶହ ପକ୍ଷୀଙ୍କୁ ବିଷ ଦେଇ ଓ ଫାଶ ଜାଲ ବସାଇ ପ୍ରଭାତରୁ ଧରି ନେଉଛନ୍ତି। ଏ ସମ୍ପର୍କରେ ଆମ ପ୍ରତିନିଧି ଖୋର୍ଦ୍ଧା ରେଞ୍ଜର ଜୟକୃଷ୍ଣ ପଣ୍ଡାଙ୍କୁ ଜଣାଇବାରୁ ସେ ଭିନ୍ନ ତରିକାରେ ଉତ୍ତର ରଖିଛନ୍ତି। ଯେଉଁମାନେ ପକ୍ଷୀ ଧରୁଛନ୍ତି ତାଙ୍କ ନାମ, ଠିକଣା ଲେଖି ଆମକୁ ଜଣାନ୍ତୁ। ଏହି ଘଟଣା ବିଷୟରେ ଆମେ ତ ଛାଡ଼, ଜିଲ୍ଲାପାଳଙ୍କୁ କିମ୍ବା ମନ୍ତ୍ରୀଙ୍କୁ ଜଣାଇଲେ ମଧ୍ୟ କେହି କିଛି କରିପାରିବେ ନାହିଁ।

# ସିଜୋଫ୍ରେନିଆ ସଚେତନତା ରାଲି

**କଣାସ, ୨୪।୫(ସମିସ):** କଣାସ ବ୍ଲକ ଅନ୍ତର୍ଗତ ଦୟାବିହାରଠାରେ ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନର ମାନସିକ ଅସୁସ୍ଥ ବିଭାଗରେ ୫୭୩ ପୁରୁଷ ଓ ମହିଳା ଅନ୍ତେବାସୀଙ୍କୁ ନେଇ ଏକ ସଚେତନତା ରାଲି କରାଯାଇଥିଲା। ଏଥିରେ ଲୋକମାନଙ୍କୁ ସିଜୋଫ୍ରେନିଆ ରୋଗର ଲକ୍ଷଣ ଏବଂ ନିରାକରଣର ବାର୍ତ୍ତା ଦିଆଯାଇଥିଲା। ଏହାପରେ ସୁଦର୍ଶନ ପରିଡ଼ା ଓ ଡ. ସସ୍ମିତା ସାମନ୍ତରାୟଙ୍କ ନେତୃତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା। ଏହି ଅବସରରେ ପ୍ରକଳ୍ପ ସଂଯୋଜକ କୃଷ୍ଣ ଚନ୍ଦ୍ର ନିଶଙ୍କ ସିଜୋଫ୍ରେନିଆ ରୋଗ କ'ଣ ଏବଂ ଏହାର ନିରାକରଣ ଉପରେ ଉଦ୍‌ବୋଧନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ତତ୍ତ୍ୱାବଧାରକ ନିଗମାନନ୍ଦ ବାରିକ, ଭାଗ୍ୟଲକ୍ଷ୍ମୀ ସାହୁ, ତପନ ଦାସ, ମନସ୍ତତ୍ତ୍ୱବିତ୍ ନୟନ ମୁର୍ମୁ, ଚିକିତ୍ସା ମନୋବିଜ୍ଞାନୀ ଶୁଭଲକ୍ଷ୍ମୀ ସାହୁ, ଅର୍ପିତା ସ୍ୱାଇଁ, ସୁଜାତା ବେହେରା, ମାନସୀ ସାସମଲ, ସ୍ୱପ୍ନାଶ୍ରୀ ମହାନ୍ତି, ଲିପି ପ୍ରଧାନ, ଶିବାନୀ ଜେନା, ସୁନନ୍ଦା ପାଲଟାସିଂହ, ଦେବେନ୍ଦ୍ର ସିଂହ, ଲତା ମଲ୍ଲିକ, ଶ୍ୱେତପଦ୍ମା ସାହୁ, ଝିଲି ପରିଡ଼ା, ମାନସୀ ସେଠୀ, ବିଶ୍ୱଜିତ୍ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ପ୍ରକଳ୍ପ ଅଧିକାରୀ କୃଷ୍ଣଚନ୍ଦ୍ର ନିଶଙ୍କ ଧନ୍ୟବାଦ ଦେଇଥିଲେ।



# ମଠ-ମନ୍ଦିର ଓ ପ୍ରାଚୀ ନଦୀର ହେବ ପୁନଃଉଦ୍ଧାର

ଚାରିଛକ/ନିମାପଡ଼ା, ୨୪।୫(ସମିସ)

ପ୍ରାଚୀ ନଦୀର ପୁନଃଉଦ୍ଧାର ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ଦାବି ଜୋର୍ ଧରିଥିଲା। ଦାବି ସବୁକୁ ଗୁରୁତ୍ୱର ସହ ବିଚାରକୁ ନେଇ ରାଜ୍ୟ ଉପ ମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରାଚୀ ନଦୀର ଉନ୍ନତୀକରଣ ପାଇଁ ୩୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦ କରାଯାଇଥିବା ସୂଚନା ଦେଇଛନ୍ତି। କେତେକ ପ୍ରଭାବଶାଳୀ ବ୍ୟକ୍ତି ଏହି ନଦୀର ବିଭିନ୍ନ ସ୍ଥାନରେ ନଦୀ ବନ୍ଧକୁ ଜବରଦଖଲ କରିଥିବାବେଳେ ନଦୀଗର୍ଭର ଅନେକ ସ୍ଥାନ ପୋତି ହୋଇଯାଇଥିବା ସହ ନାନା ପ୍ରକାର ଗଛଲତା ମାଡ଼ିଯିବା ଫଳରେ ନଦୀଟି ତା'ର ପୂର୍ବାବସ୍ଥା ହରାଇଛି। ଏହାର ତଟରେ ଦ୍ୱାଦଶ ମାଧବ, ଦ୍ୱାଦଶ ଶମ୍ଭୁ, ଦ୍ୱାଦଶ ଦେବୀଙ୍କ ପୀଠ ସମେତ ଅନେକ ଆଶ୍ରମ, ମଠ, ମନ୍ଦିର ଓ ତୀର୍ଥସ୍ଥାନ ସବୁ ରହିଛି। ପ୍ରାଚୀ ନଦୀ କୂଳରେ ଥିବା ବହୁ ପୁରାତନ ମଠ ମନ୍ଦିରର ବିକାଶ ଓ ପୁନଃଉଦ୍ଧାର କରାଯିବ ବୋଲି ଗତ ଶୁକ୍ରବାର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ପ୍ରାଚୀ ନଦୀ ନିକଟସ୍ଥ ଐତିହାସିକ ବରାହୀ ମନ୍ଦିର ଓ ବଦେଶ୍ୱର ମନ୍ଦିର ପରିଦର୍ଶନ ଓ ନିକଟରେ ଏକ ରାସ୍ତାର ଶିଳାନ୍ୟାସ ସମୟରେ ଏହି ନଦୀର ପୁନଃଉଦ୍ଧାର ଓ ବିକାଶ ପାଇଁ ୩୪୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ନେଇ ଗଣମାଧ୍ୟମ ନିକଟରେ ପ୍ରକାଶ କରିଛନ୍ତି। ଏଥିପାଇଁ ପ୍ରାଚୀ ସଂସ୍କୃତି ଗବେଷକ ପଣ୍ଡିତ ତ୍ରିଲୋଚନ ମିଶ୍ର, ଚାରିଛକ ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରଫେସର ଗୋପୀନାଥ କର, ସମ୍ପାଦକ କାହ୍ନୁ ଚରଣ ବେହେରା, ଚାରିଛକ ସାମ୍ବାଦିକ ସଂଘର ସଭାପତି ପ୍ରଫୁଲ୍ଲ କୁମାର କର, ବରିଷ୍ଠ ଐତିହାସିକ ଡ. ସନ୍ତୋଷ କୁମାର ମିତ୍ର, ସମାଜସେବୀ ସନାତନ ପାତ୍ର, ଚନ୍ଦ୍ରକାନ୍ତ ଦଳାଇ, ବନବିହାରୀ ଦାଶ, କୃଷ୍ଣଚନ୍ଦ୍ର ରାଉତଙ୍କ ସମେତ ଅଞ୍ଚଳବାସୀ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କୁ ସାଧୁବାଦ ଜଣାଇଛନ୍ତି।



**୩୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦ**

ପ୍ରକାଶ ଯେ, ସରକାରଙ୍କ ଉଦାସୀନତା ଓ କିଛି ଜମି ମାଫିଆଙ୍କ ଚକ୍ରାନ୍ତ ଯୋଗୁଁ ଆଜି ପୁଣ୍ୟତୋୟା ପ୍ରାଚୀ ନଦୀ ତାହାର ଅସ୍ତିତ୍ୱ ହରାଇଛି। ନଦୀ ଧୀରେ ଧୀରେ ପୋତି ହେବାକୁ ଲାଗିଥିବାବେଳେ ଦଳ ଭର୍ତ୍ତି ହୋଇ ଜଳ ଦୃଶ୍ୟମାନ ହେଉନାହିଁ। କଟକ, ଖୋର୍ଦ୍ଧା ଓ ପୁରୀ ଜିଲ୍ଲା ଦେଇ ପ୍ରବାହିତ ପ୍ରାଚୀ ନଦୀ ଗଙ୍ଗାଠାରୁ ବହୁ ପୁରାତନ ତଥା ୧୦୦ ବର୍ଷ ବଡ଼ ବୋଲି ପୁରାଣରେ ବର୍ଣ୍ଣିତ ଅଛି। ଏହି ନଦୀ ତଟରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମାମୁଘର କୁହାଯାଉଥିବା ମାଧବର ମାଧବାନନ୍ଦଜୀଉ ମନ୍ଦିର, ରାଜ୍ୟର ଅଷ୍ଟଚଣ୍ଡୀ ମଧ୍ୟରେ ସ୍ଥାନ ପାଇଥିବା କାକଟପୁରର ମା' ମଙ୍ଗଳା ମନ୍ଦିର, ପ୍ରସିଦ୍ଧ ବୌଦ୍ଧପୀଠ, ଚଉରାଶୀର ବଜ୍ର ବରାହୀ ମନ୍ଦିର, ଲକ୍ଷ୍ମୀନାରାୟଣ ମନ୍ଦିର, ଲଳିତ ମାଧବ, ପ୍ରଭୁ ବଦେଶ୍ୱରଙ୍କ ମନ୍ଦିର, ଶ୍ରୀଜୀଉମାନଙ୍କ ଅନ୍ତୁଡ଼ିଶାଳ କାକଟପୁରର ଦେଉଳି ମଠ, ନୂଆସାତଙ୍ଗର ପଶ୍ଚିମାଭିମୁଖୀ ନାରାୟଣୀ ଦୁର୍ଗାମନ୍ଦିର ଆଦି ପ୍ରାଚୀ କୂଳରେ ଅବସ୍ଥାପିତ। ପ୍ରାଚୀ ନଦୀର ତ୍ରିବେଣୀ ଘାଟ, ଗୋତୀର୍ଥ ଘାଟ, ବିଶ୍ୱାମିତ୍ର ଆଶ୍ରମ ଆଦି ଘାଟରେ ଶ୍ରଦ୍ଧାଳୁମାନେ ନିଜ ନିଜ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଅର୍ପଣ କରିଥା'ନ୍ତି। ଏକଦା କଟକ, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାର ଜୀବନରେଖା ଥିଲା ପ୍ରାଚୀ ନଦୀ। ମହାନଦୀରୁ ଉତ୍ପତ୍ତି ହୋଇଥିବା ପୁଣ୍ୟତୋୟା ପ୍ରାଚୀ ନଦୀ ଓଡ଼ିଆ ଜାତିର ନୌବାଣିଜ୍ୟର ମଧ୍ୟ ମୁକସାକ୍ଷୀ। ଅତୀତରେ ସାଧବ ପୁଅ ଓ ବଣିକମାନେ ପ୍ରାଚୀ ନଦୀର ଜଳପଥ ଦେଇ ସମୁଦ୍ରକୁ ପ୍ରବେଶ କରି ନୌବାଣିଜ୍ୟ କରୁଥିଲେ। ବାଣିଜ୍ୟ ଓ ପରିବହନ ପାଇଁ ପ୍ରାଚୀ ନଦୀର ଭୂମିକା ରହିଥିଲା ବେଶ୍ ଗୁରୁତ୍ୱପୂର୍ଣ୍ଣ।

୨୪/୫/୨୦୨୫ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୩୪,୫୬୦/- ସୁନା: ୦୦.୬୦୦ ଗ୍ରାମ୍ ରୁପା: ୯୮.୩୦୦ ଗ୍ରାମ୍



## ଅଭୟାରଣ୍ୟ ପରିସରରେ ଜମି କିଣାବିକା ପ୍ରସଙ୍ଗ

# ଦଣ୍ଡନୀୟ ଅପରାଧର ଫଳକ ମାରିଲା ବନ ବିଭାଗ

ପୁରୀ,୨୪।୫(ସମିସ): ବାଲୁଖଣ୍ଡ ଅଭୟାରଣ୍ୟ ପରିସୀମା ମଧ୍ୟରେ ପ୍ଲଟିଂ କରାଯାଇ ଜମି କିଣାବିକାକୁ ନେଇ ଶେଷରେ ଆକ୍ସନ ମୋଡ୍‌କୁ ଆସିଛି ବନ ବିଭାଗ। ଅଭୟାରଣ୍ୟ ଭିତରେ କୌଣସି ପ୍ରକାର ବେଆଇନ କାର୍ଯ୍ୟ ହେଉଛି ଦଣ୍ଡନୀୟ ଅପରାଧ। ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଅଭୟାରଣ୍ୟ ସଂଲଗ୍ନ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ପାର୍ଶ୍ୱରେ ଶନିବାର ଏମିତି ଏକାଧିକ ଫଳକ ମାରିଛି ବନ ବିଭାଗ। ବାଲୁଖଣ୍ଡ ବନ୍ୟପ୍ରାଣୀ ବନାଞ୍ଚଳ ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ଲଗାଯାଇଥିବା ଏହି ଫଳକରେ ଲେଖାଯାଇଛି ଯେ ଜାତୀୟ ରାଜପଥରୁ ଅଭୟାରଣ୍ୟ ମଧ୍ୟକୁ ପଡ଼ିଥିବା ରାସ୍ତା ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ। ଅଭୟାରଣ୍ୟ ପରିସୀମା ମଧ୍ୟରେ କୌଣସି ବି ଜମି କିଣାବିକା, ଲିଜ୍, ନୂତନ ନିର୍ମାଣ ବନ୍ୟପ୍ରାଣୀ ସୁରକ୍ଷା ଆଇନ ୧୯୭୨ ଅନୁଯାୟୀ ବୈଧ ନୁହେଁ। ଅଭୟାରଣ୍ୟ ମଧ୍ୟରେ ବିନା ଅନୁମତିରେ ପ୍ରବେଶ କରିବା, ଗଛ କାଟିବା, ଶିକାର କରିବା, ବଣଭୋଜି କରିବା, ନିଆଁ ଲଗାଇବା, ଅଭୟାରଣ୍ୟ ଜମିକୁ ଜବରଦଖଲ କରିବା ଦଣ୍ଡନୀୟ ଅପରାଧ ଅଟେ। ଆଇନକୁ ଅବମାନନା କଲେ ୭ ବର୍ଷ ଜେଲ୍‌ଦଣ୍ଡ ସହ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅର୍ଥଦଣ୍ଡରେ ଦଣ୍ଡିତ ହେବାକୁ ପଡ଼ିବ ବୋଲି ବନ ବିଭାଗ ଫଳକରେ ସ୍ପଷ୍ଟ କରିଛି।



ସେହିପରି ଅନ୍ୟ ଫଳକରେ ପରିବେଶ ସମ୍ବେଦନଶୀଳ ଅଞ୍ଚଳରେ ବିନା ଅନୁମତିରେ ନିର୍ମାଣ କାର୍ଯ୍ୟ କରିବା ଅପରାଧ ଅଟେ ବୋଲି ଉଲ୍ଲେଖ କରାଯାଇଛି। ବିଳମ୍ବରେ ହେଉ ପଛେ ବନ ବିଭାଗ ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ଦାବିକୁ ମାନିଥିବାରୁ ଆପ୍ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି ବିଭାଗୀୟ ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ତେବେ ପୁରୀ-କୋଣାର୍କ ଜାତୀୟ ରାଜପଥ ପାର୍ଶ୍ୱରେ ଏକ ଜାଗାରେ କାମ ଚାଲିଥିଲା। ସମ୍ପୃକ୍ତ ସଂସ୍ଥା କାହାକୁ ଖାତିର୍ ନ କରି ମନଇଚ୍ଛା କାମ କରୁଥିବା ଅଭିଯୋଗ ହେବାରୁ ବନ ବିଭାଗ କାମ ବନ୍ଦ କଲା ଏବଂ ଏହାର ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛି। କିନ୍ତୁ ଏପର୍ଯ୍ୟନ୍ତ ସମ୍ପୃକ୍ତ ସଂସ୍ଥା ବିରୋଧରେ କୌଣସି ପଦକ୍ଷେପ ନିଆ ନ ଯିବାରୁ ସେ ମନମାନୀ ଚଳାଇଛି ବୋଲି ଆପ୍ ସଭାପତି ଶ୍ରୀ ମହାନ୍ତି ଅଭିଯୋଗ କରିଛନ୍ତି।

ସୂଚନାଥାଉ କି, ପୁରୀ ଜିଲ୍ଲାରେ ସକ୍ରିୟ ହୋଇପଡ଼ିଛନ୍ତି ଜମି ମାଫିଆ। ବେଆଇନ ଭାବେ ଅନ୍ୟର ଜମି ମାଡ଼ିବସିବା, ଜାଲ୍ କାଗଜପତ୍ର କରି ଜମି ବିକ୍ରି କରିବା, ସରକାରୀ ଜମି ଜବରଦଖଲ ଏମିତି ଜମିଜମାକୁ ନେଇ ବେଆଇନ କାର୍ଯ୍ୟ ବଢ଼ିବାରେ ଲାଗିଛି। ଏବେ କିଛି ଜମି ମାଫିଆଙ୍କ ନଜର ପଡ଼ିଛି ବାଲୁଖଣ୍ଡ ଅଭୟାରଣ୍ୟ ଉପରେ। ଅଭୟାରଣ୍ୟ ଭିତରେ ରାସ୍ତା, ପାଚେରି ଏବଂ ପ୍ଲଟିଂ କରାଯାଇ ବିକ୍ରି କରାଯାଉଛି। ବାସ୍ତବରେ ଏ ଜମିର ମାଲିକାନା କ'ଣ ତାହା ସ୍ପଷ୍ଟ ନ ଥିବାବେଳେ ଅଭୟାରଣ୍ୟ ଭିତରେ ଜମି ବିକାକୁ ନେଇ ଅଭିଯୋଗ କରିଥିଲା ଆପ୍। ଅଭୟାରଣ୍ୟ ଭିତରେ ପ୍ରବେଶ ପାଇଁ ବିଭିନ୍ନ ପ୍ରକାର କଟକଣା ରହିଛି। ହେଲେ ଏହା ମଧ୍ୟରେ ଏକାଧିକ ରାସ୍ତା କରାଯାଇଥିବାବେଳେ ବିଦ୍ୟୁତ୍ ସଂଯୋଗ, ପାଚେରି ବୁଲାଯାଇ ପ୍ଲଟିଂ ବେପାର ହେଉଛି କିଭଳି? ବିଦ୍ୟୁତ୍ ହେଉ କି ରାସ୍ତା ନିର୍ମାଣ ଏ ସବୁ ପାଇଁ ଅନୁମତି ଦେଇଛି କିଏ? ନିଶ୍ଚିତ ଜିଲ୍ଲା ପ୍ରଶାସନ କିମ୍ବା ଜଙ୍ଗଲ ବିଭାଗ ଅନୁମତି ଦେଇଥିବ। ନଚେତ୍ ଏତେ ସାହସ ହେବ କେମିତି? ଏଭଳି ଅଭିଯୋଗ ନେଇ ଆପ୍ ଜିଲ୍ଲା ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ)ଙ୍କ ଦ୍ୱାରସ୍ଥ ହେଇଥିଲାବେଳେ ବନ ବିଭାଗ ପଦକ୍ଷେପ ନେଇଛି।

# ଅଭୟାରଣ୍ୟରେ ଖାଦ୍ୟାଭାବ

## ବାଟ ହୁଡୁଛନ୍ତି ହରିଣ; ଦୁର୍ଘଟଣାରେ ଯାଉଛି ଜୀବନ

ପୁରୀ,୨୪।୫(ସମିସ): ବାଲୁଖଣ୍ଡ ଅଭୟାରଣ୍ୟରେ ବିଭିନ୍ନ ପ୍ରକାର ଜୀବଜନ୍ତୁ ରହୁଥିଲେ ମଧ୍ୟ ଚିତ୍ରା ହରିଣ ହେଉଛନ୍ତି ଏହାର ପ୍ରମୁଖ ଆକର୍ଷଣ। ବାତ୍ୟା ଫନି ପରେ ଏମାନଙ୍କ ସଂଖ୍ୟା କମି ଯାଇଥିଲା। ହେଲେ ଏବେ ହରିଣଙ୍କ ସଂଖ୍ୟା ବଢ଼ିଛି। ଯଦିଓ ଇତିମଧ୍ୟରେ ହରିଣଙ୍କ ଗଣନା କରାଯାଇ ନାହିଁ କିନ୍ତୁ ସେମାନଙ୍କ ଗତିବିଧିରୁ ସଂଖ୍ୟା ବଢ଼ିଥିବା କୁହାଯାଉଛି। ସବୁଠୁ ଉଦ୍‌ବେଗର ବିଷୟ ହେଉଛି ହରିଣଙ୍କ ପାଇଁ ପର୍ଯ୍ୟାପ୍ତ ଖାଦ୍ୟ ମିଳୁନାହିଁ। ଫଳରେ ବିଭିନ୍ନ ସମୟରେ ବାଟ ହୁଡୁଛନ୍ତି ହରିଣପଲ୍ଲ। ଅନେକ ସମୟରେ ଖାଦ୍ୟ ଆଶାରେ ଜନବସତିମୁହାଁ ହେଉଥିବା ହରିଣ ବିପଦରେ ପଡୁଛନ୍ତି। କେତେବେଳେ ବୁଲା କୁକୁରଙ୍କ ଶିକାର ହେଉଛନ୍ତି ତ ପୁଣି କେତେବେଳେ ଗାଡ଼ି ଦୁର୍ଘଟଣା ଏପରିକି ଡ୍ରେନ୍‌ରେ ପଡ଼ି ଏମାନଙ୍କ ଜୀବନ ଯାଉଛି। ନିକଟରେ ଜନବସତିମୁହାଁ ହେଉଥିବାବେଳେ ଟ୍ରେନ୍‌ରେ କଟି ୩ଟି ହରିଣଙ୍କ ମୃତ୍ୟୁ ଘଟିଛି।

ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ୍ ରୋଡ୍‌ରେ ଅବସ୍ଥିତ ବାଲୁଖଣ୍ଡ ଅଭୟାରଣ୍ୟ। ୮୭ ବର୍ଗ କିମି ଅଞ୍ଚଳରେ ପରିବ୍ୟାପ୍ତ ଏହି ଅଭୟାରଣ୍ୟର ପରିବେଶ ବେଶ୍ ମନମୁଗ୍ଧକର। ଶାନ୍ତ ଶୀତଳ ପରିବେଶରେ ବିଭିନ୍ନ ପ୍ରକାର ଜୀବଜନ୍ତୁ ଏଠାରେ ରହିଆସୁଥିଲେ। କିନ୍ତୁ ୨୦୧୯ର ଫନି ବାତ୍ୟା ଅଭୟାରଣ୍ୟ ସବୁଜିମାକୁ ଧୂଳିସାତ୍ କରି ଦେଇଥିଲା। ବାତ୍ୟାରେ ଲକ୍ଷ ଲକ୍ଷ ଗଛ ଧରାଶାୟୀ ହୋଇଥିବାବେଳେ ହରିଣ ଏଣେତେଣେ ପଳାଇ ଯାଇଥିଲେ। ବାତ୍ୟାର କିଛିଦିନ ପରେ ଯଦିଓ ସେମାନେ ଫେରିଥିଲେ କିନ୍ତୁ ସଂଖ୍ୟା ବହୁତ କମିଯାଇଥିଲା। ଏବେ ସଂଖ୍ୟା ବୃଦ୍ଧି ପାଇଛି। ହେଲେ ଦ୍ରୁତ ସହରୀକରଣ ଯୋଗୁଁ ଏହା ମଧ୍ୟରେ ରହୁଥିବା ଜୀବଜନ୍ତୁଙ୍କ ଜୀବନଶୈଳୀ ପ୍ରଭାବିତ ହେବାରେ ଲାଗିଛି। ଗୋଟେପଟେ ଜଙ୍ଗଲ ସଂକୁଚିତ ହେଉଥିବାବେଳେ ଅନ୍ୟପଟେ ବନ୍ୟପ୍ରାଣୀଙ୍କ ବାସ ପାଇଁ ସଙ୍କଟ ସୃଷ୍ଟି ହେଲାଣି। ବିଶେଷକରି ହରିଣଙ୍କ ପାଇଁ ଖାଦ୍ୟ ସଙ୍କଟ ଯୋଗୁଁ ବେଳେବେଳେ ସେମାନେ ମୃତାହତ ହେଉଛନ୍ତି। ପୂର୍ବରୁ ହରିଣଙ୍କୁ ଯେଉଁଭଳି ପର୍ଯ୍ୟାପ୍ତ ସବୁଜ ଘାସ ମିଳୁଥିଲା ତାହା ଆଉ ମିଳୁନାହିଁ। ଏପଟେ ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲ ବାହାରକୁ ଗଲେ ଅନେକ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ସେହିପରି ଡ୍ରେନ୍‌ରେ ପଡ଼ି ବି ହରିଣଙ୍କ ମୃତ୍ୟୁ ହେବାର ପୂର୍ବରୁ ଅନେକ ନଜିର୍ ରହିଛି। ଗତ ବୁଧବାର ରାତିରେ ଟ୍ରେନ୍ ଚକ ତଳେ କଟି ୩ଟି ହରିଣଙ୍କ ମୃତ୍ୟୁ ଘଟିଛି।

ଗତ ୨୧ ତାରିଖ ରାତିରେ ଚାରିଛକ ଲେଭଲ୍ କ୍ରସିଂରେ ହରିଣପଲ୍ଲଙ୍କୁ ଧକ୍କା ଦେଇଥିଲା ଟ୍ରେନ୍। ଜଙ୍ଗଲ ଛାଡ଼ି ଖାଦ୍ୟ, ପାନୀୟ ଅନ୍ୱେଷଣରେ ଜନବସତି ଆଡ଼କୁ ମୁହାଁଇଥିବା ହରିଣପଲ୍ଲଙ୍କ ମଧ୍ୟରୁ ଟ୍ରେନ୍ ଚକ ତଳେ କଟି ୩ଟି ହରିଣଙ୍କ ଜୀବନ ଯାଇଥିଲା। ରେଳ ଧାରଣାରେ ମୁଣ୍ଡ ଗଣ୍ଡି ଅଲଗା ହୋଇ ପଡ଼ିଥିବା ହରିଣଙ୍କ ଶରୀରକୁ ଜବତ କରିଥିଲା ବନ ବିଭାଗ। ସେମାନଙ୍କ ମଧ୍ୟରୁ ଗୋଟିଏ ଅଣ୍ଡିରା ଓ ଅନ୍ୟ ୨ଟି ମାଈ ହରିଣ ବୋଲି ଜଣାପଡ଼ିଥିଲା। ବିଳମ୍ବିତ ରାତିରେ ହରିଣପଲ୍ଲ ଜଙ୍ଗଲରୁ ବାହାରି ଜନବସତି ଆଡ଼କୁ ମୁହାଁଇଥିଲେ। ରେଳ ଧାରଣା ଅତିକ୍ରମ କରିବାବେଳେ ଦ୍ରୁତ ଗତିରେ ଆସୁଥିବା ଟ୍ରେନ୍ ଧକ୍କାରେ ଗୋଟିଏ ହରିଣ ଦୂରକୁ ଛିଟିକି ପଡ଼ିଥିବାବେଳେ ଅନ୍ୟ ୨ଟି ହରିଣଙ୍କ ମୁଣ୍ଡ ଗଣ୍ଡି ଅଲଗା ହୋଇଯାଇଥିଲା। ରେଳ ଧାରଣା କଡ଼ରେ ହରିଣଙ୍କ ମୃତଦେହ ବିକ୍ଷିପ୍ତ ହୋଇ ପଡ଼ିଥିଲା। ଗୁରୁବାର ସକାଳେ ସ୍ଥାନୀୟ ଲୋକେ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବନ କର୍ମଚାରୀ ପହଞ୍ଚି ହରିଣଙ୍କ ମୃତଦେହ ଜବତ କରିଥିଲେ। ବାଲୁଖଣ୍ଡ ରେଞ୍ଜ୍ ଅଫିସରେ ୩ ହରିଣଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ ଜଙ୍ଗଲରେ ପୋତି ଦିଆଯାଇଥିଲା। ଏମିତି ବିଭିନ୍ନ ସମୟରେ ଖାଦ୍ୟ ପାଇଁ ଜନବସତିମୁହାଁ ହେଉଥିବା ହରିଣ ଦୁର୍ଘଟଣାରେ ମୃତାହତ ହେଉଛନ୍ତି।

## ‘ଶ୍ରୀମନ୍ଦିରକୁ ଭକ୍ତ ମୋବାଇଲ୍ ନେବାକୁ ଅନୁମତି ମିଳୁ’

ପୁରୀ,୨୪।୫(ସମିସ): ଶ୍ରୀମନ୍ଦିର ସୁରକ୍ଷା ପାଇଁ ମୋବାଇଲ୍ ନିଷିଦ୍ଧ ଯେ ଏକ କାରଣ ନୁହେଁ, ଏହା ଉପଲବ୍ଧି କରି ସରକାର ଆଣ୍ଟି ଡ୍ରୋନ୍ ସିଷ୍ଟମ୍ ଲଗାଯିବ ବୋଲି ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଂଗଠନ ଓଡ଼ିଶା ପକ୍ଷରୁ ଏଣିକି ସାଧାରଣ ଭକ୍ତଙ୍କୁ ଶ୍ରୀମନ୍ଦିର ଭିତରକୁ ମୋବାଇଲ୍ ଫୋନ୍ ନେବାର ଅନୁମତି ଦେବାକୁ ସଂଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର ମୁଖ୍ୟମନ୍ତ୍ରୀ ଓ ଆଇନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେ କହିଛନ୍ତି, ଯଦି ଆବଶ୍ୟକ କି ଜରୁରୀ ମନେକରି ସେବାୟତ, ପୁଲିସ, ଜେଟିପି, ଫୁଲବାଲା, ଦୀପବାଲା, ଅବଢ଼ା ବିକିବା ବାଲା ଏପରିକି ବରିଷ୍ଠ ସେବାୟତଙ୍କ ଯାତ୍ରୀମାନେ ମୋବାଇଲ୍ ନେଇପାରୁଛନ୍ତି ଓ ଶ୍ରୀମନ୍ଦିରରେ ପ୍ରତ୍ୟହ ୧ହଜାରରୁ ଊର୍ଦ୍ଧ୍ୱ ମୋବାଇଲ ବ୍ୟବହାର ହେଉଛି; ତେବେ ସାଧାରଣ ଭକ୍ତଙ୍କୁ ଏଥିରୁ ବାରଣ କରିବା ତାଙ୍କ ମୌଳିକ ଅଧିକାରକୁ କ୍ଷୁଣ୍ଣ କରୁଛି। ବରଂ ସମସ୍ତେ ମୋବାଇଲ୍ ନିଅନ୍ତୁ ମାତ୍ର ଫଟୋ ଉଠାଇବା ସମ୍ପୂର୍ଣ୍ଣ ନିଷିଦ୍ଧ ହେଉ।

## ଶ୍ରୀନୀଳାଚଳ କ୍ଷତ୍ରିୟ ଖଣ୍ଡାୟତ ମହାସଭା

ପୁରୀ,୨୪।୫(ସମିସ): ଲୋକନାଥ ରୋଡ୍‌ସ୍ଥିତ ମୁଖ୍ୟ କାର୍ଯ୍ୟାଳୟଠାରେ ଶନିବାର ଶ୍ରୀନୀଳାଚଳ ଖଣ୍ଡାୟତ କ୍ଷତ୍ରିୟ ମହାସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ମୁଖ୍ୟବକ୍ତା ଭାବେ ଡ. ନବଘନ ପରିଡ଼ା, ସମ୍ମାନିତ ବକ୍ତା ଡ. ବାୟାମନୁ ଚରଚି, ସୌମେନ୍ଦ୍ର ଜେନା, ସମ୍ମାନିତ ଅତିଥି ଗୌରହରି ପ୍ରଧାନ, ବଂଶୀଧର ନାୟକ, କିଶୋର ଚନ୍ଦ୍ର ପାତ୍ର, କୁଞ୍ଜବିହାରୀ ରାଉତ, ସଭାପତି ଶ୍ରୀଧର ଜେନା, ସମ୍ପାଦକ ପତିତପାବନ ଜେନା ଯୋଗଦେଇଥିବାବେଳେ ବିଭୁଦତ୍ତ ଭିକାରୀ ଚରଣ ଜେନା ମଞ୍ଚ ପରିଚାଳନା କରିଥିଲେ। ପୁରୀ ଓ ପୁରୀ ସଦର ଜୋନ୍‌ର ସମସ୍ତ ଅଧିକାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରେ ବ୍ରହ୍ମଗିରି ଜୋନ୍ ସମ୍ପାଦକ ନରେନ୍ଦ୍ର କୁମାର ପଲେଇ, କଣାସ ଜୋନ୍ ସଭାପତି ଦୁର୍ଯ୍ୟୋଧନ ଜେନା, ସତ୍ୟବାଦୀ ଜୋନ୍ ସଭାପତି କୈଳାସ ଚନ୍ଦ୍ର ଜେନା, କଣାସ ଜୋନ୍ ସହ ସମ୍ପାଦକ ତରୁଣ କୁମାର ସ୍ୱାଇଁ, ନୀଳାଚଳ ଖଣ୍ଡାୟତ ଆଇନ ପରାମର୍ଶଦାତା ଭାସ୍କର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନଙ୍କ ଶବ୍ଦ ସୁରଭି ବିଶେଷାଙ୍କ ଉନ୍ମୋଚିତ ହୋଇଥିଲା।

# ସମୁଦ୍ରରେ ଓଲଟିଲା ବୋଟ୍

## ଅଳ୍ପକେ ରକ୍ଷାପାଇଲେ ୪ ବଙ୍ଗୀୟ ପର୍ଯ୍ୟଟକ

ପୁରୀ,୨୪।୫(ସମିସ): ପୁରୀ ସମୁଦ୍ରରେ ଘଟିଛି ଅଘଟଣ। ଜଳକ୍ରୀଡ଼ା ପାଇଁ ଏକ ସ୍ପିଡ୍ ବୋଟ୍‌ରେ ସମୁଦ୍ର ଭିତରକୁ ୪ ଜଣ ପର୍ଯ୍ୟଟକ ଯାଇଥିଲେ। ହେଲେ ଭିତରେ ସେହି ବୋଟ୍‌ଟି ପଲଟି ଯାଇଥିଲା। ସୌଭାଗ୍ୟବଶତଃ ଲାଇଫ୍‌ଗାର୍ଡମାନେ ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। ସମସ୍ତେ ବଙ୍ଗୀୟ ପର୍ଯ୍ୟଟକ ବୋଲି ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ୩ ଜଣ ପୁରୁଷ ଏବଂ ଜଣେ ମହିଳା ଥିଲେ।



ପୁରୀ ବେଳାଭୂମିକୁ ବୁଲି ଆସୁଥିବା ପର୍ଯ୍ୟଟକଙ୍କ ଜଳକ୍ରୀଡ଼ା ପାଇଁ ଏକ ସଂସ୍ଥାକୁ ଅନୁମତି ମିଳିଛି। ବେଳାଭୂମି ସଂଲଗ୍ନ ମଙ୍ଗଳା ନଦୀରେ ଏହି ଜଳକ୍ରୀଡ଼ା କରିବା ଲାଗି ଅନୁମତି ଥିବାବେଳେ ସମ୍ପୃକ୍ତ ସଂସ୍ଥା ହୋଟେଲ ହନ୍ସ କୋକ୍‌ପାମ୍ ସମ୍ମୁଖ ସମୁଦ୍ରରେ ସ୍ପିଡ୍ ବୋଟ୍‌ରେ ପର୍ଯ୍ୟଟକଙ୍କୁ ବୁଲାଉଛି। ଶନିବାର ୪ ଜଣ ବଙ୍ଗୀୟ ପର୍ଯ୍ୟଟକ ଏହି ବୋଟ୍‌ରେ ଭିତରକୁ ଯାଇଥିଲେ। ବେଳାଭୂମିଠାରୁ ଅଳ୍ପ ଦୂରରେ ହଠାତ୍ ବୋଟ୍‌ଟି ପଲଟି ଯାଇଥିଲା। ବେଳାଭୂମିରେ ଥିବା ଲାଇଫ୍‌ଗାର୍ଡ ଏହା ଦେଖି ତୁରନ୍ତ ଭିତରକୁ ଯାଇ ପର୍ଯ୍ୟଟକମାନଙ୍କୁ ଉଦ୍ଧାର କରିଥିଲେ। ସେମାନେ ଲାଇଫ୍ ଜ୍ୟାକେଟ ପିନ୍ଧିଥିବାରୁ ବଡ଼ଧରଣର ଅଘଟଣ ଟଳିଯାଇଛି। ଅପରାହ୍ଣ ପ୍ରାୟ ସାଢ଼େ ୪ଟାରେ ଏହି ଦୁର୍ଘଟଣା ଘଟିଥିବାବେଳେ ୱାଟର୍ ସ୍ପୋର୍ଟ୍ସ ଦାୟିତ୍ୱରେ ଥିବା ସଂସ୍ଥାର କାର୍ଯ୍ୟଦକ୍ଷତା ପ୍ରତି ସମସ୍ତେ ଅଙ୍ଗୁଳି ଉଠାଇଛନ୍ତି। ଯଦି ସ୍ପିଡ୍ ବୋଟ୍ ପର୍ଯ୍ୟଟକଙ୍କୁ ନେଇ ସମୁଦ୍ର ଭିତରକୁ ଯାଉଛି ତେବେ ଆଉ ଏକ ବୋଟ୍ ବ୍ୟାକ୍‌ଅପ୍ ରହିବା କଥା। ହେଲେ ସମ୍ପୃକ୍ତ ସଂସ୍ଥା ଏହାକୁ ଅଣଦେଖା କରୁଛି। ଫଳରେ ପର୍ଯ୍ୟଟକଙ୍କ ଜୀବନ ବିପଦରେ ରହୁଥିବାବେଳେ ଏଥିପ୍ରତି ପ୍ରଶାସନ ବି ନିଜର ରଖୁନି। ସେହିପରି ୱାଟର୍ ସ୍ପୋର୍ଟ୍ସ ଜୋନ୍‌ରୁ ବୋଟ୍ ବେଳେବେଳେ ପର୍ଯ୍ୟଟକ ଗାଧୋଉଥିବା ଅଞ୍ଚଳକୁ ପଶି ଆସୁଛି। ଫଳରେ ଏଥିପାଇଁ ବି କେତେବେଳେ ପର୍ଯ୍ୟଟକମାନେ ଦୁର୍ଘଟଣାର ସମ୍ମୁଖୀନ ହେବାର ସମ୍ଭାବନା ରହିଛି। ତେଣୁ ଏ ସବୁକୁ ନଜରରେ ରଖି ପ୍ରଶାସନ ଜଳକ୍ରୀଡ଼ା ପାଇଁ ସ୍ୱତନ୍ତ୍ର ଅଞ୍ଚଳ ଏବଂ ସୁରକ୍ଷିତ ଜଳକ୍ରୀଡ଼ା ଉପରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ଉଠିଛି।

# ୫ ଗିରଫ, ମାରଣାସ୍ତ୍ର ଜବତ

## ଡକାୟତି ଯୋଜନା ପଣ୍ଡ

ପୁରୀ,୨୪।୫(ସମିସ): ଏକ ଡକାୟତି ଯୋଜନାକୁ ପଣ୍ଡ କରିଛି ସମୁଦ୍ରକୂଳ ଥାନା ପୁଲିସ। ଅଚାନକ ଚଢ଼ଉ କରି ୫ ଜଣଙ୍କୁ ଗିରଫ କରିଥିବାବେଳେ ସେମାନଙ୍କଠାରୁ ବିଭିନ୍ନ ପ୍ରକାର ମାରଣାସ୍ତ୍ର ଜବତ କରିଛି। ଅଭିଯୁକ୍ତମାନେ ହେଲେ ପୁରୀ ଗୌଡ଼ବାଡ଼ ସାହିର ସୁନୀଲ ସାହୁ ଓ ଆର୍ ରାମଚନ୍ଦ୍ର ବେହେରା, ପିକେ ଆରଆଇଟି କଲୋନୀର ପିଣ୍ଟୁ ଆପ୍ପା, ତାଳବଣିଆ ପ୍ରଥମ ଲେନ୍‌ର ବିଶାଳ ନାୟକ ଏବଂ ରେଲ୍‌ୱେ କଲୋନୀ ଭାଗବତ ଆଶ୍ରମର ବାବୁଲି ନାୟକ। ପୁଲିସ ସୂଚନା ଅନୁଯାୟୀ, ଶୁକ୍ରବାର ରାତି ପ୍ରାୟ ୨ଟା ୪୦ରେ ହଲିଡେ' ରିସୋର୍ଟ ପଛ ପାଶ୍ୱର୍ ଏକ ପରିତ୍ୟକ୍ତ ଜାଗାରେ କେତେଜଣ ଅସାମାଜିକ ବ୍ୟକ୍ତି ଏକାଠି ବସି ଡକାୟତି ଯୋଜନା କରୁଥିବା ପାଟ୍ରୋଲିଂ ଟିମ୍‌କୁ ଖବର ପହଞ୍ଚିଥିଲା। ସଙ୍ଗେ ସଙ୍ଗେ ପାଟ୍ରୋଲିଂରେ ଥିବା ପୁଲିସ କର୍ମଚାରୀ ଘଟଣାସ୍ଥଳରେ ଚଢ଼ଉ କରିଥିଲେ। ପୁଲିସକୁ ଦେଖି ସେମାନେ ଖସିଯିବାକୁ ଉଦ୍ୟମ କରିଥିବାବେଳେ ୫ ଜଣଙ୍କୁ କାବୁ କରିଥିଲା। ସେମାନଙ୍କଠାରୁ ଗୋଟିଏ କଟୁରୀ, ଗୋଟିଏ ଲୁହାରଡ୍, ଗୋଟିଏ ଛୁରୀ, ଗୋଟିଏ ପ୍ଲାସ୍, ଲଙ୍କାଗୁଣ୍ଡ ପ୍ୟାକେଟ୍, ୨ଟି ବିୟର ବୋତଲ, ଗୋଟିଏ ବିଡ଼ି ପ୍ୟାକେଟ୍ ଏବଂ ଦିଆସିଲି ଜବତ ହୋଇଥିଲା। ଏ ନେଇ ପୁଲିସ ଏକ ମାମଲା (ନଂ.୧୩୨/୨୫) ରୁଜୁ କରି ଅଭିଯୁକ୍ତମାନଙ୍କୁ ଶନିବାର କୋର୍ଟ ଚାଲାଣ କରିଛି।

# ଶ୍ରୀକ୍ଷେତ୍ର ଅନୁରାଗ ସାହିତ୍ୟ ସଂସଦର ବୈଠକ


ପୁରୀ,୨୪।୫(ସମିସ): ଶ୍ରୀକ୍ଷେତ୍ର ଅନୁରାଗ ସାହିତ୍ୟ ସଂସଦର ପ୍ରଥମ ବୈଠକ ସ୍ଥାନୀୟ ଗାନ୍ଧୀ ଘାଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପସ୍ଥିତ ସଦସ୍ୟ ଏବଂ ସାହିତ୍ୟପ୍ରେମୀଙ୍କ ଗହଣରେ କର୍ମକର୍ତ୍ତା ନିର୍ବାଚିତ ହୋଇଥିଲେ। ନ୍ୟାସ୍‌ନାଲ ବୁକ୍ ଟ୍ରଷ୍ଟ ଇଣ୍ଡିଆର ପୂର୍ବତନ ସମ୍ପାଦକ ଓ ସାହିତ୍ୟିକ ମାନସ ରଞ୍ଜନ ମହାପାତ୍ରଙ୍କୁ ସଭାପତି ଭାବେ ନିର୍ବାଚିତ କରାଯାଇଥିବାବେଳେ ସୁଭଦ୍ରା ଆର୍ଟ ଗ୍ୟାଲେରୀର ଚେୟାରମ୍ୟାନ୍ ସୂର୍ଯ୍ୟ ରଥଙ୍କୁ କାର୍ଯ୍ୟକାରୀ ସଭାପତି ଓ ବରିଷ୍ଠ ସାମ୍ବାଦିକ ବିଶ୍ୱମିତ ମିଶ୍ରଙ୍କୁ ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା। ସେହିପରି ବିଜୟ କୃଷ୍ଣ ବ୍ରହ୍ମା, ମୀନତି ରଥ, କବି ଶୈଳବାଳା ମହାପାତ୍ର ଓ ଶିବପ୍ରସାଦ ମିଶ୍ରଙ୍କୁ ଉପସଭାପତି ହୋଇଥିବାବେଳେ ବିଶ୍ୱପ୍ରୀତ ମିଶ୍ର କୋଷାଧ୍ୟକ୍ଷ ଦାୟିତ୍ୱ ତୁଲାଇବେ। ଏକ୍‌ଜିକ୍ୟୁଟିଭ୍ କମିଟିରେ ଶିବ ପ୍ରସାଦ ମହାପାତ୍ର, ଅନୀଲ ସାହୁ, ଧଡୁ ମହାପାତ୍ର, ଚିତ୍ରଲେଖା ମିଶ୍ର ଓ ଗୌରବ ମିଶ୍ରଙ୍କୁ ରଖାଯାଇଛି। ଆଗାମୀ ଦିନରେ ପୁରୀର ହଜିଯାଇଥିବା ମହାନ ସାହିତ୍ୟିକଙ୍କୁ ଲୋକଲୋଚନକୁ ଆଣିବା ପାଇଁ ଉଦ୍ୟମ କରାଯିବ ବୋଲି ଶ୍ରୀ ମହାପାତ୍ର କହିଥିଲେ। ଖୁବ୍‌ଶୀଘ୍ର ସଂସଦର ଏକ ବିଧିବଦ୍ଧ ରୂପ ସମ୍ମୁଖକୁ ଆସିବ ବୋଲି ସଭାପତି କହିଥିଲେ। ଅନେକ ସାହିତ୍ୟ ସଂସଦ କରାଯାଉଥିଲେ ମଧ୍ୟ ଏହାକୁ ବଜାୟ ରଖିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି କବି ଶୈଳବାଳା କହିଥିଲେ।

# ସବୁ ମୁକୁଳା ଡ୍ରେନ୍‌ରେ ପଡ଼ିବ ସ୍ଲାବ୍: ମନ୍ତ୍ରୀ

ପୁରୀ,୨୪।୫(ସମିସ): ରାଜ୍ୟ ସରକାରଙ୍କ ଫୋକସ୍‌ରେ ପୁରୀ। ବଢ଼ିବ ପୁରୀର ପରିଧି। ଏଥିସହ ରୂପରେଖରେ ମଧ୍ୟ ହେବ ପରିବର୍ତ୍ତନ। ସବୁ ମୁକୁଳା ଡ୍ରେନ୍‌ରେ ପଡ଼ିବ ସ୍ଲାବ୍। ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଥିବା ଜାଗାକୁ ପରିଷ୍କାର ପରିଚ୍ଛନ୍ନ ରଖାଯାଇ ବଡ଼ ସାଇନ୍ ବୋର୍ଡ ଲାଗିବ। ରଥଯାତ୍ରା ନେଇ ନିଜ ବିଭାଗର ପ୍ରସ୍ତୁତିର ସମୀକ୍ଷା କରିବାବେଳେ ଏହା କହିଛନ୍ତି ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର। ବୁଧବାର ମନ୍ତ୍ରୀ ଶ୍ରୀ ପାତ୍ର ଗ୍ରାଉଣ୍ଡରେ ସମୀକ୍ଷା କରିବାବେଳେ କହିଥିଲେ, କେବଳ ରଥଯାତ୍ରା ନୁହେଁ ଆଗକୁ ମଧ୍ୟ ପୁରୀରେ ବିଭିନ୍ନ କାର୍ଯ୍ୟ ଜାରି ରହିବ। ବଡ଼ଦାଣ୍ଡରେ ବର୍ଷା ସମୟରେ ଜଳବନ୍ଦୀ ସମସ୍ୟା ଯେପରି ନ ହେବ ତା' ଉପରେ ଗୁରୁତ୍ୱ ଦିଆଯାଇଛି। ଜଙ୍କ ହୋଇଯାଇଥିବା ଡ୍ରେନ୍‌ର ଆଇରନ ସ୍ଲାବ୍‌କୁ ପରିବର୍ତ୍ତନ ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ ସ୍ଥାନରେ ଡ୍ରେନ୍ ଏସ୍‌ଟିପି ସହ ସଂଯୋଗ ହୋଇନାହିଁ ତାହା ତୁରନ୍ତ କରିବାକୁ କହିଛନ୍ତି ମନ୍ତ୍ରୀ। ସାହି ଗଳିକନ୍ଦିର ଡ୍ରେନ୍‌କୁ ତୁରନ୍ତ ସଫା କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

## ୨୬ରେ ଯୁଗ୍ମ ଅଭିଯୋଗ ଶୁଣାଣି

ପୁରୀ,୨୪।୫(ସମିସ): ପୁରୀ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଆସନ୍ତା ୨୬ ତାରିଖ ସକାଳ ୭ଟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ। ଏଥିପାଇଁ ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ ମାଧ୍ୟମରେ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। ଜନସାଧାରଣ ପଞ୍ଜୀକରଣପ୍ରାପ୍ତି ସ୍ୱୀକାର ପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ଉପସ୍ଥିତ ରହି ନିଜର ଅଭିଯୋଗ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇପାରିବେ। ଏତଦ୍‌ବ୍ୟତୀତ ଅଣ ପଞ୍ଜିକୃତ ଆବେଦନକାରୀଙ୍କର ଅଭିଯୋଗ ପତ୍ରଗୁଡ଼ିକୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଓ ଜିଲ୍ଲା ଅଭିଯୋଗ ପ୍ରକୋଷ୍ଠ ପକ୍ଷରୁ ଜନସାଧାରଣଙ୍କୁ ସୂଚନା ଦିଆଯାଇଛି।




# ଦେବସ୍ନାନ ପୂର୍ଣ୍ଣିମା ଓ ଅଲାରନାଥ ଦର୍ଶନ ସମୀକ୍ଷା ବୈଠକ

## ସୁଚାରୁରୂପେ ପରିଚାଳନା ପାଇଁ ପରାମର୍ଶ




ପୁରୀ, ୨୪।୫ (ସମିସ): ଚଳିତବର୍ଷର ଦେବସ୍ନାନ ପୂର୍ଣ୍ଣିମା ଜୁନ୍ ୧୧ ତାରିଖରେ ଅନୁଷ୍ଠିତ ହେବ। ଏହାର ପରଦିନଠାରୁ ବ୍ରହ୍ମଗିରି ଅଲାରନାଥ ପୀଠରେ ମହାପ୍ରଭୁଙ୍କ ଦର୍ଶନ ଆରମ୍ଭ ହୋଇଯିବ। ସ୍ନାନଯାତ୍ରା ଓ ଅଲାରନାଥଙ୍କ ଦର୍ଶନକୁ ଶାନ୍ତିଶୃଙ୍ଖଳାର ସହ ସମାପନ ପାଇଁ ଏକ ପ୍ରସ୍ତୁତି ବୈଠକ ସଦ୍‌ଭାବନା ସଭାଗୃହଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି।

ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଥିଲେ, ପୂର୍ବରୁ ଏକାଧିକ ବୈଠକ ମାଧ୍ୟମରେ ସ୍ନାନଯାତ୍ରା, ଅଲାରନାଥ ଦର୍ଶନ ଓ ରଥଯାତ୍ରାକୁ ସୁଚାରୁରୂପେ ପରିଚାଳନା ପାଇଁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ତାହାର ନିର୍ଯ୍ୟାସ ଆଧାରରେ ସମସ୍ତ ବିଭାଗ ସେମାନଙ୍କ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ଯେଭଳି ଶ୍ରଦ୍ଧାଳୁ ଓ ଦର୍ଶନାର୍ଥୀମାନେ ଭଲ ଭାବେ ମହାପ୍ରଭୁଙ୍କ ଦର୍ଶନ କରନ୍ତି ଓ ଅନ୍ୟାନ୍ୟ ମୌଳିକ ସୁବିଧାପ୍ରାପ୍ତ ହୁଅନ୍ତି, ସେଥିପାଇଁ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟଜଳ ଯୋଗାଣ, ବିଦ୍ୟୁତ୍ ଯୋଗାଣ, ପରିବହନ ବ୍ୟବସ୍ଥା, ରାସ୍ତାଘାଟ ମରାମତି ଓ ଉନ୍ନତୀକରଣ, ପାର୍କିଂ ସ୍ଥଳ, ଶାନ୍ତିଶୃଙ୍ଖଳା ରକ୍ଷା, ସୂଚନା ଓ ପ୍ରସାରଣ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ୱେଚ୍ଛାସେବୀ ନିୟୋଜନ, ଅଗ୍ନି ନିର୍ବାପକ ଓ ଜଳ ସିଞ୍ଚନ ବ୍ୟବସ୍ଥା ଇତ୍ୟାଦି ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହେବା ସହ ସମ୍ପୃକ୍ତ ବିଭାଗମାନେ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ପି ବିନୀତ ଅଗ୍ରୱାଲ ଶ୍ରଦ୍ଧାଳୁମାନଙ୍କ ଶୃଙ୍ଖଳିତ ଦର୍ଶନ, ଟ୍ରାଫିକ୍ ବ୍ୟବସ୍ଥା, ଶାନ୍ତିଶୃଙ୍ଖଳା ରକ୍ଷା ଇତ୍ୟାଦି ସମ୍ପର୍କରେ ଆଲୋଚନା କରିଥିଲେ।


ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ହେମନ୍ତ କୁମାର ପାଢ଼ୀ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, ଉପଜିଲ୍ଲାପାଳ ରାଜକିଶୋର ଜେନା, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଅଲାରନାଥ ମନ୍ଦିର ସେବାୟତ ବୃନ୍ଦ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# କାଠ କଣ୍ଢେଇ



ମୂଳ ମାଲାୟାଲମ୍: କାରୁର ନୀଳକଣ୍ଠ ପିଲ୍ଲାଇ

ଅନୁସୃଜନ : ଲଳିତ ମୋହନ ମିଶ୍ର



ଘର ଅଗଣାରେ ପହଞ୍ଚି ଜନଗଣନାକାରୀ ଉଚ୍ଚ ସ୍ୱରରେ ପଚାରିଲେ, "କେହି ଘରେ ଅଛନ୍ତି କି?" ନଡ଼ିଆ ପତ୍ର ଛାଇର ବାରଣ୍ଡାରୁ ଜଣେ ମହିଳା ଆସିଲେ ।

ହାତରେ ଧରିଥିବା କାଗଜକୁ ଦେଖି ଆଗନ୍ତୁକ ଜଣକ ପଚାରିଲେ, "ଆପ୍ଣିନି କାହାର ନାମ? ମୋତେ କୁହ, ଏଠାରେ କିଏ କିଏ ରୁହନ୍ତି?"

-ଏବେ ତ ମୁଁ ହିଁ ଜଣେ । ମା' ଚମ୍ପା ଫୁଲ କାଟିବାକୁ ଯାଇଛି । ଭାଇ ମୂଲ ଲାଗିବାକୁ ଯାଇଛି ।

- ଆପ୍ଣିନି କାହାର ନାମ ?

- ମା'ର ନାମ ।

"ଓଃ, ଆପ୍ଣିନି ପୁରୁଷ ନୁହେଁ ? ଜଣେ ମହିଳା?" କହି ହସିଲେ ।

- ମୁଁ ଓ ମୋ ମାଆ ମହିଳା... ମୋ ଭାଇ ପୁରୁଷ ।

- ବାପା ନାହାଁନ୍ତି କି?

- ମରିଗଲା...

- ତେବେ ଆପ୍ଣିନି ଜଣେ ବିଧବା?

- ଏବେ ସେ ବିଧବା... ।

ଆଗନ୍ତୁକ ଜଣକ, ଛୋଟ ବାରଣ୍ଡାରେ ପଡ଼ିଥିବା ଏକ ବେଞ୍ଚ ଉପରେ ବସିଲେ। ତା'ପରେ ସେ ଦେଉଥିବା ତଥ୍ୟଗୁଡ଼ିକ ଲେଖିବା ଆରମ୍ଭ କଲେ ।

- ତୋର ନାମ ?

- ମୋର ନାଁ ନଳିନୀ । ସେ ସାମାନ୍ୟ ଲଜ୍ଜାରେ କହିଲା ।

- ବୟସ ?

- ତେଇଶି...

- ବିବାହିତା କି...?

ସେ ଟିକିଏ ବିଚଳିତ ହୋଇଗଲା କହିଲା, "ତେର ନମ୍ବର ମିଲ୍‌ବାଲା ଘରେ ଜନଗଣନା ହେଲା କି?"

ସେଠାକାର ଜନଗଣନା ଅନ୍ୟ ଜଣେ ବ୍ୟକ୍ତି କରିବ। ଏବେ ତୁମେ ମୋତେ କୁହ "ତୁମର ସ୍ୱାମୀ ଅଛି ନା ନାହିଁ?"

"ହଁ ଅବା ନାହିଁ... ଯାହା ତୁମକୁ ଭଲ ଲାଗିବ ଲେଖିବ ।" ସେ ଆନମନା ଭାବରେ କହିଲା । "ମୁଁ ଏ ପର୍ଯ୍ୟନ୍ତ ବିବାହ କରିନାହିଁ, କେବଳ ନିର୍ବନ୍ଧଘର ବା ରିଂଗ ସେରିମନୀ ହୋଇଛି ।"

-ତାହା ହେଲେ ଅବିବାହିତ ଲେଖିବାକୁ ପଡ଼ିବ ।

"ବିବାହ ତ ହୋଇଛି... ।" ଏହା କହି ମୁଣ୍ଡ କୁଣ୍ଡେଇବାକୁ ଲାଗିଲା.... ତା' ମୁଣ୍ଡର ତୈଳବିହୀନ କେଶରାଶି ଖୋଲିଗଲା... ନିଜର ସୁନ୍ଦର ରୂପଲାବଣ୍ୟ...ମନ୍ତ୍ରମୁଗ୍ଧ କରି ଦେଇଥିଲା ସୁନ୍ଦର ପରିବେଶ ।

- ମୋର ଜଣେ ସ୍ୱାମୀ ଅଛନ୍ତି... ଏବଂ ସେ ମୋର ନୁହଁନ୍ତି । ଛାଡ଼ି ଦେଇଛି ?

- ତା'ହେଲେ ତୁମେ ବିଭର୍ତ୍ତୁକା ଅଥବା ପତିବିହୀନା...?

- ଯଦି ସେ ମୋତେ ଛାଡ଼ି ଦେଇଛନ୍ତି, ତେବେ ସେ ପ୍ରତି ସପ୍ତାହରେ ମୋ ପାଖକୁ କାହିଁକି ତାଙ୍କର ଦୂତ ପଠାଉଛନ୍ତି ?

- ତୁମେ ତାକୁ ଛାଡ଼ି ଦେଇଥିବ...?

- ମୁଁ ତ ତାକୁ ଗ୍ରହଣ କରି ନଥିଲି, ଆଉ ଛାଡ଼ିବାର ପ୍ରଶ୍ନ କେଉଁଠୁ ଆସିଲା ? ଆପଣଙ୍କୁ ଯାହା ଭଲ ଲାଗୁଛି... ତାହା ଲେଖନ୍ତୁ । ତୁମକୁ ତ ସବୁକଥା ଜଣା...ତୁମେ ଅନୁଭବି ।

- ମୁଁ ତୁମର ସ୍ୱାମୀଙ୍କ ବିଷୟରେ କ'ଣ ଜାଣେ ? ତୁମେ ଯାହା କହିବ, ମୁଁ ତାହା ଲେଖିବି । ସ୍ୱାମୀ ଅଛନ୍ତି, ଲେଖି ଦେବି ?

- ହଁ, ଏହା ଭଲ ହେବ ।

- ଏହି ରେଜିଷ୍ଟର ଭଲ ଓ ଖରାପ ଲେଖିବା ପାଇଁ ନୁହେଁ । ଯାହା ସତ୍ୟ ତାହା ଲେଖିବା ଦରକାର ।

- ମୁଁ ଯାହା କହିଲି, ତାହା ସତ୍ୟ ।

- ଆଚ୍ଛା, ମୋତେ କୁହ ! ତୁମର ମାସିକ ରୋଜଗାର କେତେ ?

- ମୁଁ କୌଣସି କାମ କରେ ନାହିଁ ।

- ତେବେ ଆୟ ନାହିଁ...ପରାବଲମ୍ବୀ...

- ଏକଥା କିଏ କହିଲା ?

- ଯେଉଁ ବ୍ୟକ୍ତିଙ୍କର ରୋଜଗାର ନାହିଁ, ସେ ଅନ୍ୟର ଆୟ ଉପରେ ବଞ୍ଚିବାକୁ ପଡ଼ିଥାଏ । ଆପଣଙ୍କର କୌଣସି ରୋଜଗାର ନାହିଁ ।

- ଖାଇବା ଓ ପିନ୍ଧିବା ପାଇଁ ଟଙ୍କା ଦରକାର । ସେ ଦେବାବାଲା ମା' ହୁଅନ୍ତୁ କି ଭାଇ, ତାଙ୍କର ଆଶ୍ରୟରେ ରହୁଅଛି ? ଠିକ୍ କଥା ନା...? ଆପଣ କୋର୍ଟରେ ପ୍ରଶ୍ନ ପଚାରିଲା ଭଳି ପ୍ରଶ୍ନ କରୁଛନ୍ତି ?

- ତୁମକୁ କେବେ କୋର୍ଟରେ ପଚରାଉଚରା କରାଯାଇଥିଲା କି ?

- ସେହି ବଦମାସ୍ ମଧ୍ୟ ତାହା କରିଥିଲା ।

- ପତି...? କ'ଣ, ସେ ତୁମର ସ୍ୱାମୀ !

- ମୋର ସ୍ୱାମୀ ନାହାଁନ୍ତି ବୋଲି ଲେଖି ଦିଅନ୍ତୁ । ଯଦି ତୁମେ ଚାହୁଁଛ, ତାଙ୍କ ପାଇଁ ମୁଁ ତୁମକୁ ଏକ ଉପହାର ଦେବି ।

- ତୁମର କିଛି ରୋଜଗାର ନାହିଁ...ନା...?

- ମୋର ରୋଜଗାର ଅଛି । ମୁଁ ପରାଶ୍ରୟରେ ବଞ୍ଚୁ ନଥିଲି । ମୋର ମାସିକ ରୋଜଗାର ପନ୍ଦର ଟଙ୍କା ।

- ଠିକ୍ ଅଛି । ତା'ହେଲେ ତୁମର ମଧ୍ୟ ଏକ ବୃତ୍ତି ଅଛି, ତାହା ମୋତେ କୁହ ?

- ଭଲ କଥା... ! ଏଇ ସରକାରକୁ କ'ଣ... କ'ଣ...ଜାଣିବା ଦରକାର ? ଗୋଟିଏ ବୃତ୍ତି ନୁହଁ, ଅନେକ ବୃତ୍ତି ରହିଛି... । ସେସବୁ କହିଦେବି... । ଲେଖିବା ପାଇଁ କାଗଜରେ ଜାଗା ଅଛି ତ... । ମୁଁ ଏହି ଘରେ ରୋଷେଇ କରୁଅଛି । ମୁଁ ଏହି ବାରଣ୍ଡାକୁ ଲିପା ପୋଛା କରିଅଛି । ଭଲ ଭାବରେ ଲିପା ପୋଛା କରିଅଛି । କେମିତି ଦର୍ପଣ ଭଳି ଚମକୁ ଅଛି? ମୋର ସ୍ୱାମୀ...ଓହୋ...! ସେ ତ ମୋର କିଏ ନୁହେଁ ! ସେ କହୁଥିଲେ, ମୋର ଗାଲ ଦର୍ପଣ ଆଗରେ ଚମକୁ ଅଛି, ତେଣୁ ଏହି ବାରଣ୍ଡାଟି ମୋର ଗାଲ ପରି ।

ସେ ହସିଲେ, ଯେମିତି ସେ କିଛି ମଜାଳିଆ କଥା କହିଲେ ।

-ମୁଁ ଆପଣଙ୍କ ବୃତ୍ତି ବିଷୟରେ ଜାଣିବାକୁ ଚାହୁଁଛି । ଯାହା ତୁମକୁ କିଛି ରୋଜଗାର ଦେଇଥାଏ ।

- ଯଦି ରୋଜଗାର ବୃତ୍ତି ନୁହେଁ, ତେବେ ଆପଣ କିଛି କାମ ଦେବେ କି ?

ବ୍ୟକ୍ତି ଜଣକ ଚାରିଆଡ଼କୁ ଚାହିଁଲା । ସେ କହିଲା, "ଯଦି କେହି ଘରକୁ ଆସନ୍ତି, ଶିଷ୍ଟାଚାର ପାଳନ କରିବା ଉଚିତ୍, ନୁହେଁ କି? ଲାଗୁଛି ଆପଣ ପାନ ଖାଇବା ଲୋକ ।" ଏତିକି କହି ସେ କୋଠରି ଭିତରକୁ ଚାଲିଯାଇଥିଲା । କିଛି ସମୟ ପରେ ସେ ପାନ ଗୁଆ ଇତ୍ୟାଦି ନେଇ ଆସିଲା । ବ୍ୟକ୍ତି ଜଣକ ପାନ ଖାଇବାକୁ ଲାଗିଲା । ଏହା ହିଁ ପରେ ସେ ପୁଣି କୋଠରି ଭିତରକୁ ଯାଇ ତିନୋଟି କଣ୍ଢେଇ ଆଣି କହିଲା, "ଏହା ମୋର ବୃତ୍ତି । ଗୋଟିଏ କଣ୍ଢେଇ ତିଆରି କରିବାକୁ ମୋ ପାଇଁ ଗୋଟିଏ ଦିନ ଯଥେଷ୍ଟ ।"

ଲୋକଟି କଣ୍ଢେଇ ଦେଖିଲା । ଏକ ବିଶେଷ ଶୈଳୀରେ ନିର୍ମିତ ସ୍ତ୍ରୀ ମୂର୍ତ୍ତି । ଲୋକଟି ଆଖି ବନ୍ଦ ନକରି ମୂର୍ତ୍ତିକୁ ଚାହିଁ ରହିଲା । ତା'ପରେ କହିଲା, ଚମତ୍କାର... । ଚାରିଜଣ ଯାକ ଏକାପରି...!

ସେ କହିଲା, "ତିନି ଦେଖିକରି ଚାରି ପରି ଲାଗିବା...ଅଦ୍ଭୁତ...ଆଶ୍ଚର୍ଯ୍ୟଜନକ ।" ବ୍ୟକ୍ତି ଜଣକ କିଛି ଉତ୍ତର ଦେଲା ନାହିଁ ।

-ଏଗୁଡ଼ିକ ଅତି ନିଖୁଣ ଭାବରେ ତିଆରି କରାଯାଇଛି? ଛାଞ୍ଚରେ ନୁହେଁ ତ... ଆମେ ଛାଞ୍ଚରେ କରିବୁ ନାହିଁ ।

ତା'ହେଲେ ନିଶ୍ଚୟ ଏହାକୁ ଖୋଦେଇ କରି କରା ଯାଇଥିବ । ସମୁଦ୍ର ମନ୍ଥନରୁ ବାହାରି ଥିବା କ୍ଷୀରସାଗର ଲକ୍ଷ୍ମୀଙ୍କ ପରି ଦେଖାଯାଉଛନ୍ତି ।

-ମୁଁ କ୍ଷୀରସାଗର ମନ୍ଥନରେ ଭାଗ ନେଇନଥିଲି । ସେଥିପାଇଁ ମୁଁ ଲକ୍ଷ୍ମୀଙ୍କୁ ଦେଖିନାହିଁ । ମୁଁ ତୁମକୁ ମୋର ବୃତ୍ତି ଦେଖାଇଥିଲି, ଏତିକି । ବାସ୍ତବରେ, ତୁମେ ତିନି ଜଣଙ୍କୁ ଦେଖି ଚାରି ଜଣ କାହିଁକି କହିଲ?

ଜଡ଼ ମୂର୍ତ୍ତି ତିନୋଟି, କିନ୍ତୁ ଏହାକୁ ସୃଷ୍ଟି କରିଥିବା ଚେତନ ଏକ । ଏହିପରି ସମୁଦାୟ ଚାରୋଟି । ଆଶ୍ଚର୍ଯ୍ୟର କଥା ହେଉଛି, ଚାରିଜଣ ଯାକ ସମାନ । ଅର୍ଥାତ୍ ଚେତନ ମଧ୍ୟ ଜଡ଼ ପରି ଜଣାପଡୁଛି । ଏହା ନା..., ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଏହା ତ ମୋର ଭାଗ୍ୟ । ତା'ର ଆଖି ଛଳଛଳ ହୋଇଗଲା । ଏହାପରେ ସେ କୋଠରି ଭିତରକୁ ଚାଲିଗଲା । ■

ଅରବିନ୍ଦ ନଗର, ନୟାଗଡ଼
ମୋ: ୯୪୩୭୯୮୫୮୬୬

## ପୁସ୍ତକ ପରିଚୟ

### ତାରଜାଲି ଓ ଅନ୍ୟାନ୍ୟ ଗଳ୍ପ

**ଶକ୍ତିପ୍ରଭା ମିଶ୍ର**




ପଶ୍ଚିମା ପବ୍ଲିକେଶନ୍‌ସ
୧୮୮୨, ନୟାପଲ୍ଲୀ
ଭୁବନେଶ୍ୱର
ପ୍ରଥମ ପ୍ରକାଶ : ୨୦୨୪
ମୂଲ୍ୟ: ୧୭୯ ଟଙ୍କା

ସାଧାରଣ କଥାଟିଏ ମଧ୍ୟ କହି ଜାଣିଲେ ସୁନ୍ଦର ଗପଟି ହୋଇଯାଏ । ସମାଜର ସାଧାରଣ ମଣିଷଟିଏ ପାଲଟି ଯାଏ ଗପର ଚରିତ୍ରଟିଏ । ଏମିତି କିଛି ସାଧାରଣ ଚରିତ୍ର ଶକ୍ତିପ୍ରଭା ମିଶ୍ରଙ୍କ 'ତାରଜାଲି ଓ ଅନ୍ୟାନ୍ୟ ଗପ' ପୁସ୍ତକର ଗପଗୁଡ଼ିକରେ ଆକର୍ଷଣର କେନ୍ଦ୍ର ପାଲଟିଛନ୍ତି । ଏହି ପୁସ୍ତକରେ ୧୯ଟି ଗପ ସଂକଳିତ ହୋଇଛି । ଏଥିରେ ସନ୍ନିବେଶିତ 'ଜହ୍ନରାତି', 'କଳ୍ପବଟ', 'ତାରଜାଲି', 'ଝିଅ ପାଇଁ', 'ଧୂଳିଖେଳ', 'ଶଙ୍ଖା ସିନ୍ଦୂର', 'ଚେନାଏ ଆକାଶ', 'ଏକାକୀ ମଣିଷ', 'ରାତିର ଆୟୁଷ', 'ସେଇ ଝିଅଟି', 'ଏମିତି ରାତି', 'ଧକ୍କା', 'ରାଧୁବାପା', 'ମିଶା ମିଶ୍ର', 'ଗୋଲାପଜାମୁ'ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି । ଜହ୍ନ ଓ ଜହ୍ନରାତି କାହାକୁ ବା ଭଲ ନ ଲାଗେ! କିନ୍ତୁ ଏହି ଜହ୍ନ ଦିନେ କାହାର ସଂସାରକୁ ଉଜୁଡ଼ା ଦିଏ । ତେଣୁ ଜହ୍ନ ନାଁ ଶୁଣିଲେ, ପୁନେଇଁ ଜହ୍ନକୁ ଦେଖିଲେ ଜଣେ ନାରୀ ଦେହରେ କାଳେଣୀ ଲାଗିଯାଏ । ଏଭଳି ଏକ ନିଆରା କଥାକୁ ନେଇ 'ଜହ୍ନରାତି' ଗପର କାହାଣୀ ଗତିଶୀଳ ହୋଇଛି । ସେଭଳି ବିଶ୍ୱାସ ଉପରେ ସଂପର୍କର ମୂଳଦୁଆ ଛିଡ଼ା ହୋଇଥାଏ । କିନ୍ତୁ ବେଳେବେଳେ ଅନୈତିକ ସଂପର୍କ ଏଇ ବିଶ୍ୱାସକୁ ଭାଙ୍ଗି ଦେଇଥାଏ । 'ଗୋଲାପଜାମୁ' ଗପରେ ସୁମିତ୍ରାଙ୍କ ବିଶ୍ୱାସ କିଭଳି ଭାଙ୍ଗି ଯାଉଛି, ତାହା ଗାଳ୍ପିକା ଅତି ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି । ସାମାଜିକ ବାସ୍ତବତା, ମାନବୀୟ ସଂପର୍କର ଚିତ୍ର ଏହି ପୁସ୍ତକର ଅନେକ ଗପରେ ପ୍ରତିଫଳିତ ହୋଇଛି । ଏହି ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

### ପ୍ରିୟ ବାନ୍ଧବୀ ଓ ଅନ୍ୟାନ୍ୟ କବିତା

**ଶାନ୍ତନୁ କୁମାର ଦାସ**




କାବ୍ୟଲୋକ
ଗ୍ୟାରେଜ ଛକ, ଲୁଇସ୍ ରୋଡ୍
ଭୁବନେଶ୍ୱର-୨
ପ୍ରଥମ ପ୍ରକାଶନ : ୨୦୨୨
ମୂଲ୍ୟ: ୨୦୦ ଟଙ୍କା

"ମରିନାହିଁ ପ୍ରିୟତମା/ ଏ ମନରୁ ତୁମସ୍ମୃତି/ ଏ ଦେହରୁ ତୁମ ଧୂପ/ ଏ ଆଖିରୁ ନିଭି ନାହିଁ/ ତମରି ସପନ/ ମରିନାହିଁ ପ୍ରିୟତମା/ ରୂପର ପୂଜାରୀ ତବ/ ଏବେ ବି ଶ୍ୟାମ ମନେ/ ବିନ୍ଦୁ ବିନ୍ଦୁ ପାପ ପ୍ରଲୋଭନ ।" (ମରି ନାହିଁ ପ୍ରିୟତମା) ଭୁଲି ହୁଏ ନାହିଁ କେବେ ପ୍ରିୟତମା ସହିତ ବିତାଇଥିବା ପ୍ରତିଟି ମୁହୂର୍ତ୍ତ । ସେ ମୁହୂର୍ତ୍ତ ସବୁ ଅଭୁଲା, ଅପାସୋରା । ପ୍ରିୟ ବାନ୍ଧବୀ ସହିତ ବିତାଇ ଥିବା ଏଭଳି କିଛି ଅଭୁଲା ସ୍ମୃତିର ପ୍ରତିଛବି ପ୍ରତିଫଳିତ ହୋଇଛି ଶାନ୍ତନୁ କୁମାର ଦାସଙ୍କ 'ପ୍ରିୟତମା ଓ ଅନ୍ୟାନ୍ୟ କବିତା' ପୁସ୍ତକର କବିତାଗୁଡ଼ିକରେ । ଏହି ପୁସ୍ତକରେ ସନ୍ନିବେଶିତ 'ପ୍ରିୟ ବାନ୍ଧବୀ', , 'ପ୍ରିୟ ବାନ୍ଧବୀ: ତମ ସହ ସାକ୍ଷାତ', 'ପ୍ରିୟ ବାନ୍ଧବୀ: ତୁମ ପ୍ରେମିକମାନେ', 'ପ୍ରିୟ ବାନ୍ଧବୀ: ତମ ଗାଁ', 'ପ୍ରିୟ ବାନ୍ଧବୀ: ତୁମ ଗାଁ ଜହ୍ନରାତି', 'ପ୍ରିୟ ବାନ୍ଧବୀ: ତମେ ଏକ ଅଭୁଲା ସ୍ମୃତି', 'ମରି ନାହିଁ ପ୍ରିୟତମା', 'ପ୍ରିୟ ସଖୀ', 'ବିରହୀ', 'ଆଗୋ ମଧୁଝରା', 'ପ୍ରଥମ ଚୁମ୍ବନ' ଆଦି କବିତାଗୁଡ଼ିକ ପ୍ରେମ, ପ୍ରଣୟ, ବିରହ, ସ୍ମୃତି, ଅନୁଭୂତି ଛଳଛଳ ଆବେଗରେ ସିକ୍ତ ହୋଇଛି । ପ୍ରିୟ ବାନ୍ଧବୀଙ୍କ ସ୍ମୃତି କବିଙ୍କୁ ମୋହାଚ୍ଛାନ୍ନ କରିଛି । ପ୍ରଣୟ ବିଭୋର କବିଙ୍କ କବିତାରେ ପ୍ରେମ, ବିରହ, ସ୍ୱପ୍ନ ଓ ସ୍ମୃତି ଅତି ଜୀବନ୍ତ ଭାବେ ପ୍ରତିଫଳିତ ହୋଇଛି । ଏହି ପୁସ୍ତକର ଅଧିକାଂଶ କବିତା ପ୍ରେମ ଆଧାରିତ । ନିବିଡ଼ ପ୍ରଣୟାନୁଭବରେ ରସସିକ୍ତ ଏହି ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ସ୍ପର୍ଶ କରିବ ବୋଲି ଆଶା କରାଯାଏ । ■


### ସ୍ରୋତସ୍ୱିନୀ

**କଲ୍ୟାଣୀ ସାସମଲ୍**



ବନଫୁଲ, ଭିଏସ୍‌ଏସ୍ ନଗର
ଭୁବନେଶ୍ୱର-୭୫୧୦୧୦
ପ୍ରଥମ ପ୍ରକାଶନ : ୨୦୨୫
ମୂଲ୍ୟ: ୧୭୫ ଟଙ୍କା

କଲ୍ୟାଣୀ ସାସମଲ୍‌ଙ୍କ କବିତା ପୁସ୍ତକ 'ସ୍ରୋତସ୍ୱିନୀ' ପ୍ରକାଶ ପାଇଛି । ଏହି ପୁସ୍ତକରେ ମୋଟ ୬୭ଟି କବିତା ସଂକଳିତ ହୋଇଛି । ପ୍ରତିଟି କବିତାର ଆବେଦନ ଭିନ୍ନ ଭିନ୍ନ । ସବୁ ବାଧାବିଘ୍ନକୁ ଅତିକ୍ରମ କରି ପ୍ରବାହିତ ହେବା ନଈର ଧର୍ମ । ସେହିପରି ମଣିଷ ମଧ୍ୟ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ନାନା ଘାତପ୍ରତିଘାତକୁ ସାମ୍ନା କରି ସୁଖଦୁଃଖରେ ଜୀବନ ଅତିବାହିତ କରିଥାଏ । ଜୀବନର ଏଭଳି ବାସ୍ତବତାର ଚିତ୍ର କଲ୍ୟାଣୀ ସାସମଲ୍‌ଙ୍କ 'ସ୍ରୋତସ୍ୱିନୀ' ପୁସ୍ତକର କବିତାରେ ଚମତ୍କାର ଭାବେ ଉକୁଟି ଉଠିଛି । ଏହି ପୁସ୍ତକର 'ଜୀବନ', 'ଜୀବନ୍ତ ଶବ୍ଦପୁଞ୍ଜ', 'ଅପେକ୍ଷାରତ ଜୀବନ', 'ପ୍ରତିଛବି', 'ଅନ୍ୱେଷଣ', 'ଅବ୍ୟକ୍ତ ଆଲେଖ୍ୟ', 'ସ୍ୱପ୍ନ', 'ପ୍ରକୃତିର କୋଳ', 'କଥାକୁହା ଛବି', 'ଆମ ଜୀବନ', 'ଅସଜଡ଼ା ପୃଥିବୀ', 'ଜୀବନ ସ୍ରୋତ','ସ୍ରୋତସ୍ୱିନୀ' ଆଦି କବିତାଗୁଡ଼ିକରେ ଜୀବନର ବାସ୍ତବ ଚିତ୍ର ଅତି ମାର୍ମିକ ଭାବେ ଫୁଟି ଉଠିଛି । ଜୀବନର ନାନା ଦୁଃଖ,ଯନ୍ତ୍ରଣା, ହର୍ଷ, ବିଷାଦ, ଦ୍ୱନ୍ଦ୍ୱ, ସଂଘାତର କଥା ବର୍ଣ୍ଣିତ ହୋଇଛି ଅନେକ କବିତାରେ । ସେହିପରି 'ପରିବାର', 'ମା', 'ତୁମେ ମୋ ସାଥିରେ ଅଛ', 'ବାପା', 'ବୋହୂ' ଆଦି କବିତାରେ ମାନବୀୟ ସମ୍ବନ୍ଧ ଓ ଭାବାବେଗ ପ୍ରସ୍ଫୁଟିତ ହୋଇଛି । ସେଭଳି 'କରାଳ ବେଦନା', 'ପ୍ରତାରଣା', 'ମାୟାବନ୍ଧନ', 'ଗୋଧୂଳି ଲଗ୍ନ', 'ମୋକ୍ଷ', 'ଭୁଲ୍ କାହାର', 'ସ୍ୱାଭିମାନ', 'ମଧୁରତମ ଶବ୍ଦ' ଆଦି କବିତା ମନଛୁଆଁ ହୋଇପାରିଛି । ସରଳ ଓ ବୋଧଗମ୍ୟ ଭାଷା, ନିବିଡ଼ ଅନୁଭବ କବିତାଗୁଡ଼ିକକୁ ଅଧିକ ଆକର୍ଷଣୀୟ କରିଛି । ଏହି ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ମନକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■



ମୂଳ କବିତା : କେ. ସଚ୍ଚିଦାନନ୍ଦନ

ଅନୁବାଦ : ସୂର୍ଯ୍ୟ ମିଶ୍ର

## ଗୁଡ଼ି

ସେ ଦିନ ଖୁବ୍ ଖରା ଥିଲା ଓ ବହୁଥିଲା ବି ପବନ
ତ ମୁଁ ଉଡ଼ାଇଦେଲି ଚାରିଟି ଗୁଡ଼ି ।

ଲାଲ୍ ଗୁଡ଼ିଟି ଗଛ ଅଗରେ ପହଞ୍ଚି ଯାଇ
କଡ଼ ପାଲଟିଗଲା,
ଶାଗୁଆ ଗୁଡ଼ିଟି ଇନ୍ଦ୍ରଧନୁରୁ ଧୂଳି ଆଣି
ବର୍ଷା ହୋଇ ତଳକୁ ଖସିଲା
ନୀଳ ଗୁଡ଼ିଟି କାହିଁ କେତେ ଦୂର ଉଡ଼ିଲା
ଈଶ୍ୱରଙ୍କ ପତାକା ହେବାର ଆଶାରେ ।

ମାତ୍ର ଧଳା ଗୁଡ଼ିଟିରେ
ସଇତାନ୍ ଗାରେଇଥିବା ଅକ୍ଷରଗୁଡ଼ିକ
ଚିହ୍ନିବା ଚେଷ୍ଟାରେ ମୁଁ
ବିତାଇ ଦେଲି ଅବଶିଷ୍ଟ ଜୀବନ । ■



## ତିନିଜଣ କବି



ପ୍ରତିଟି କବିତାରେ
ସବୁ କିଛି ସଂପନ୍ନ କରିବା ଚେଷ୍ଟା ହେତୁ
କେଉଁଥିରେ କିଛି ହିଁ କହିପାରିଲି ନାହିଁ ।

ଆଜି ମୋର ଯାହା କହିବାକୁ ଥିଲା
ସେସବୁ ପରଦିନକୁ କହିବି ବୋଲି ଟାଳିଲି
ସେଦିନ କି ପରଦିନ ହିଁ
କହିପାରିଲି ନାହିଁ ସତକଥା ।

ସବୁ ମଣିଷଙ୍କୁ ଦେଖି ହସିଲି,
ସେମାନଙ୍କୁ ପଶୁ କହିଲି,
ସେଥିପାଇଁ ମୁଁ ଏବେ ଉପହସିତ
ମଣିଷଙ୍କ ଦ୍ୱାରା, ପଶୁଙ୍କ ଦ୍ୱାରା ।

ଆସନ୍ତାକାଲିର କବିମାନେ!
ଆମେମାନେ ଗତକାଲିର କବିମାନଙ୍କୁ
ଅନୁସରଣ କରି ଚାଲିଲୁ,
ସେପରି କରିବ ନାହିଁ ଆମକୁ । ■

ବି-୧୦୯, ସିଟି ଏନ୍‌କ୍ଲେଭ୍
ଗାୟତ୍ରୀ ବିହାର, ସୁନ୍ଦରପଦା, ଭୁବନେଶ୍ୱର-୨

# ରିଚାର୍ଡ ବାଚ୍‌ଙ୍କ ଉପନ୍ୟାସରେ ଦାର୍ଶନିକ ଭାବ ସଂପଦ

ଡକ୍ଟର ଲକ୍ଷ୍ମଣ କୁମାର ପ୍ରଧାନ




ରିଚାର୍ଡ ଡେଭିଡ୍ ବାଚ୍ (ଜନ୍ମ ଜୁନ୍ ୨୩, ୧୯୩୬) ଜଣେ ସୁପ୍ରସିଦ୍ଧ ଆମେରିକୀୟ ଲେଖକ । ତାଙ୍କ ରଚିତ Illusion The Adventures of a Reluctant Messiah, The bridge across forever, One ପ୍ରଭୃତି ଉପନ୍ୟାସ ଗଭୀର ଦାର୍ଶନିକ ଭାବଧାରାର ସମୁଜ୍ଜ୍ୱଳ ପରିପ୍ରକାଶ । ତାଙ୍କର ବ୍ୟୋମ ଉଡ଼ାଣ ଭିତ୍ତିକ ଏକାଧିକ ଉପନ୍ୟାସ ବିଶ୍ୱବିଦିତ । ତନ୍ମଧ୍ୟରୁ 'ଜୋନାଥନ୍ ଲିଭିଙ୍ଗଷ୍ଟନ୍ ସିଗଲ୍: ଏ ଷ୍ଟୋରୀ' (୧୯୭୦) ସବୁଠୁ ବେଶୀ ଲୋକପ୍ରିୟ ।

'ଜୋନାଥନ୍ ଲିଭିଙ୍ଗଷ୍ଟନ୍ ସିଗଲ୍: ଏ ଷ୍ଟୋରୀ' ଉପନ୍ୟାସଟି 'ମାକମିଲାନ ପବ୍ଲିଶର୍ସ' ଦ୍ୱାରା ପୁସ୍ତକ ଆକାରରେ ପ୍ରକାଶ ପାଇଲା ଏକାଧିକ ପ୍ରକାଶକଙ୍କ ଦ୍ୱାରା ଅଗ୍ରାହ୍ୟ ହେବାପରେ । ଏହା ପ୍ରଥମେ Soaring ନାମକ ଆମେରିକାର ଏକ ପତ୍ରିକାରେ ପ୍ରକାଶ ପାଇ ବିପୁଳ ଜନାଦୃତି ଲାଭ କରିଥିଲା । ବହିଟି ପ୍ରକାଶ ପାଇବା ସମୟରେ ଚିତ୍ରକର ରସେଲ୍ ମୁନାସନ୍ ସିଗଲ୍ ପକ୍ଷୀର ଅନେକ ଚିତ୍ତାକର୍ଷକ ଚିତ୍ର ଆଙ୍କିଥିଲେ । ଯାହା ଉପନ୍ୟାସର ପୃଷ୍ଠାରେ ପୃଷ୍ଠାରେ ସଂଯୋଜିତ । ପ୍ରାୟ ଦଶହଜାର ଶବ୍ଦ ବିଶିଷ୍ଟ ଏହି କ୍ଷୁଦ୍ର ଉପନ୍ୟାସଟି ପ୍ରକାଶ ପାଇବାର ଅଳ୍ପଦିନ ମଧ୍ୟରେ ଏକ ମିଲିୟନରୁ ଅଧିକ ସଂଖ୍ୟାରେ ବିକ୍ରି ହୋଇଥିଲା । ଏହା ତା'ର ଲୋକପ୍ରିୟତାର ନମୁନା । ବାଚ୍‌ଙ୍କ ଅଧିକାଂଶ ଉପନ୍ୟାସ ଆତ୍ମଜୀବନୀମୂଳକ ଏବଂ ଦାର୍ଶନିକ ଭାବ ସଂପଦରେ ପରିପୂର୍ଣ୍ଣ ।

'ଜୋନାଥନ୍ ଲିଭିଙ୍ଗଷ୍ଟନ୍ ସିଗଲ୍: ଏ ଷ୍ଟୋରୀ' ଉପନ୍ୟାସର ପୃଷ୍ଠାରେ ପୃଷ୍ଠାରେ ଚିତ୍ରକର ରସେଲ୍‌ଙ୍କ ଚିତ୍ରରେ ଜୋନାଥନ୍‌ର ଅସୀମ ଆକାଶରେ ଉଡ଼ାଣର ଦୃଶ୍ୟ ସଂଯୋଜିତ ହୋଇଛି । ଯେପରି ଭାବେ ରିଚାର୍ଡ ବାଚ୍ ତାଙ୍କର ଯାଦୁକରି ଶବ୍ଦ ବିନ୍ୟାସରେ ଜୋନାଥନ୍‌ଙ୍କୁ ଆଙ୍କିଛନ୍ତି । ଜୋନାଥନ୍‌ର ସ୍ୱର୍ଗୀୟ ସୌନ୍ଦର୍ଯ୍ୟ ଭରା ଉଡ଼ାଣ ରିଚାର୍ଡଙ୍କ ପ୍ରତିଟି ଶବ୍ଦ ଭିତରେ ଲାଭ କରିଛି ଦିବ୍ୟ ସୌନ୍ଦର୍ଯ୍ୟର ସ୍ନିଗ୍ଧ ଅଭିବ୍ୟକ୍ତି ।

ବାସ୍ତବରେ ଏ କାହାଣୀ ସେଇମାନଙ୍କ ପାଇଁ ଉଦ୍ଦିଷ୍ଟ, ଯେଉଁମାନେ ନିଜ ସ୍ୱପ୍ନ ପଛରେ ଅନୁଧାବନ କରିପାରନ୍ତି । ଗତାନୁଗତିକ ଶୃଙ୍ଖଳା ବାହାରେ ଆପଣାର ନିଜସ୍ୱ ସ୍ୱପ୍ନ ପ୍ରଣୋଦିତ ନିୟମ ତିଆରି କରିପାରନ୍ତି ଓ ସେହି ଅନୁସାରେ ଆପଣା ମାର୍ଗରେ ବାଟ ଚାଲନ୍ତି । ସାରା ପୃଥିବୀରେ ଦଶନ୍ଧି ଦଶନ୍ଧି ବ୍ୟାପୀ ବହିଟି ନିୟୁତ ପାଠକଙ୍କ ହୃଦୟକୁ ସ୍ପର୍ଶ କରିଛି ଏହି କାରଣରୁ ।

ସବୁ ସିଗଲ୍‌ମାନଙ୍କ ଜୀବନ ଖୁବ୍ ସାଧାସିଧା – ଖାଇବା ଓ ବଞ୍ଚିରହିବା । ଯେଉଁଠି ଉଡ଼ିବାର ଲକ୍ଷ୍ୟ ଥାଏ ଖାଦ୍ୟ ସଂଗ୍ରହ । ଖାଦ୍ୟ ଅନ୍ୱେଷଣକୁ ବାଦ୍ ଦେଲେ ଉଡ଼ିବା ଯେପରି ସେମାନଙ୍କ ପାଇଁ ଅର୍ଥହୀନ । ମାତ୍ର ଜୋନାଥନ୍ ଲିଭିଙ୍ଗଷ୍ଟନ୍ ସିଗଲ୍ – ସେପରି ଏକ ସାଧାରଣ ସାମୁଦ୍ରିକ ପକ୍ଷୀ ନୁହେଁ । ତା' ପାଇଁ ଉଡ଼ିବା ହେଉଛି ଜୀବନ । (For him flying is life itself) ସିଗଲ୍‌ମାନଙ୍କ ସାଧାରଣ ଜୀବନ ଧାରାର ବୃତ୍ତ ଭିତରୁ ଜୋନାଥନ୍‌ର ଉଡ଼ାଣ ଏକ ଅସାଧାରଣ ସ୍ତର ଆଡ଼କୁ ଏବଂ ଏକ ଅନନ୍ୟ ଅଭୀପ୍‌ସା ଓ ଅସାଧାରଣ ଅନ୍ୱେଷାର ପ୍ରେମ ତା'ପାଇଁ ଆଣିଦେଇଛି ଯେଉଁ ସଫଳତା - ସ୍ୱପ୍ନର ସ୍ୱର୍ଗ ପଥରେ ଉଡ଼ି ବୁଲିବାର ନାନ୍ଦନିକ ପ୍ରେରଣା ଓ ଜିଜ୍ଞାସା ଫିଟାଇ ଦେଇଛି ତା' ଆଗରେ ଏକାଧିକ ସ୍ତରର ବାସ୍ତବତା –ଯାହା କି ସ୍ଥୂଳ ବାସ୍ତବତାଠାରୁ ସଂପୂର୍ଣ୍ଣ ଭିନ୍ନ ଏକ ଅଲୌକିକ ସ୍ତର ।





ଏଇ କାହାଣୀଟି ଆମ ଜୀବନକୁ ଏକ ଅସୀମ ଉଚ୍ଚତା ଆଡ଼କୁ ନେଇ ଯାଇପାରେ । ଆମ ଜୀବନରେ ଭରି ଦେଇପାରେ ବିରଳ ପ୍ରେରଣା । ଏପରିକି ଆମର ସ୍ୱପ୍ନ ସବୁ ଯଦି ଆମର ତଥାକଥିତ ସମାଜ ବ୍ୟବସ୍ଥା ବିରୁଦ୍ଧରେ ଯାଉଥାଏ - ଅଥଚ ଏକ ତୁଙ୍ଗିମାକୁ ସ୍ପର୍ଶ କରିବାର ମହତ ଅଭୀପ୍‌ସା ତହିଁ ଭିତରେ ଭରି ରହିଥାଏ । ଆମେ ତେବେ ଅଟକି ଯିବା ନାହିଁ । ଜୋନାଥନ୍ ଆମ ଆଗରେ ଏକ ଜ୍ୱଳନ୍ତ ଉଦାହରଣ ।

ଉଡ଼ାଣର ମେଟାଫର୍ ଭିତରେ ଜୋନାଥନ୍‌ର କାହାଣୀ ଆମକୁ ଏଇଆ କହେ ଯେ, ଆମେ ଯଦି ଆମ ସ୍ୱପ୍ନମାନଙ୍କୁ ଧରିବା ପାଇଁ ବ୍ୟାକୁଳ ହେବା ଓ ପକ୍ଷ ବିସ୍ତାରିବା ତେବେ ଅବଶ୍ୟ ଆମେ ମଧ୍ୟ ଜୋନାଥନ୍ ପରି ସେଇଭଳି ଅଲୌକିକ ସ୍ତରକୁ ଯାଇପାରିବା । ମାତ୍ର ଆମ ଅଭୀପ୍‌ସା ଜୋନାଥନ୍ ପରି ତୀବ୍ର ହେବା ଆବଶ୍ୟକ ।

ଜୋନାଥନ୍ ଆକାଶରେ ଉଡୁ ଉଡୁ ଏପରି ଏକ ଉଚ୍ଚତାକୁ ଉଠି ଯାଇଛି – ଯେଉଁଠି ସେ ଦେଖିପାରୁଛି ଭିନ୍ନ କେତୋଟି ସିଗଲ୍‌ଙ୍କୁ । ସେଇଭଳି ଦୁଇଟି ସିଗଲ୍ ପକ୍ଷୀ ଜୋନାଥନ୍‌ଙ୍କୁ ସେହି ଅସୀମ ଉଚ୍ଚତାର ସ୍ତରକୁ ସ୍ୱାଗତ କରି ନେଇଛନ୍ତି । ଜୋନାଥନ୍ ସେଇଠି ଅନୁଭବ କଲା – ଏଇଟା ତେବେ ସ୍ୱର୍ଗ! ନିଜକୁ ନିରେଖି ଚାହିଁ ସେ ସ୍ମିତ ହାସ୍ୟ କଲା । ସ୍ୱର୍ଗର ମୁହୂର୍ତ୍ତମାନଙ୍କୁ ଅନୁଭବ କରିବାରେ ସେ ଲାଗିପଡ଼ିଲା । କାହାଣୀର ଦ୍ୱିତୀୟ ଭାଗରେ ଜୋନାଥନ୍‌ର ଉଡ଼ାଣର ଏପରି ଏକ ଚିତ୍ତାକର୍ଷକ ବର୍ଣ୍ଣନା ରହିଛି ।

ଜୋନାଥନ୍ ଭୂପୃଷ୍ଠରୁ ଉଡ଼ି ଆସିଲାବେଳେ ମେଘମାଳାର ଊର୍ଦ୍ଧ୍ୱରେ ଏବଂ ଖୁବ୍ ଅନ୍ତରଙ୍ଗ ବାତାବରଣରେ ସେହି ଦୁଇ ବିଚକ୍ଷଣ ସିଗଲ୍‌ଙ୍କ ସହ ତା'ର ସାକ୍ଷାତ ହେଲା ଏବଂ ସେହି ମୁହୂର୍ତ୍ତରେ ସେ ଦେଖିଲା ଯେ ତା'ର ନିଜର ଶରୀର ଆଲୁଅରେ ଉଚ୍ଛୁଳି ଉଠୁଛି ତାକୁ ସ୍ୱାଗତ କରି ନେଇଥିବା ସେହି ଦୁଇ ଅଲୌକିକ ସିଗଲ୍ ପକ୍ଷୀଙ୍କ ପରି । ସେହି ତରୁଣ ଜୋନାଥନ୍ ସିଗଲ୍ ସେଠାରେ ଥିଲା, ମାତ୍ର ତା'ର ଦୁଇ ସ୍ୱର୍ଣ୍ଣାଭ ଆଖିର ପଶ୍ଚାତରେ ତା'ର ଶରୀରର ଏକ ଆଲୋକିତ ରୂପାନ୍ତର ସମ୍ଭବ ହୋଇ ଯାଇଥିଲା ।

ଜୋନାଥନ୍ ଅନୁଭବ କଲା, ପୃଥିବୀରେ ଯେଉଁଟା ଥିଲା ତା'ର ସବୁଠୁ ବେଶୀ ଦ୍ରୁତ ଉଡ଼ାଣ, ସେହି ଉଡ଼ାଣରୁ ଆହୁରି କେତେ ଅଧିକ ବେଗରେ ସେ ଉଡ଼ିପାରୁଥିଲା ଇଚ୍ଛା କଲାମାତ୍ରେ । ତା'ର ଦୁଇ ଡେଣାର ପର ସବୁ ସଫେଦ ଉଜ୍ଜ୍ୱଳ ହୋଇ ଚକ୍ ଚକ୍ କରୁଥିଲା ଓ ଭାରି ମାସୁମ ଲାଗୁଥିଲା । ତା'ର ସେହି ଡେଣା ଯୋଡ଼ିକ ରୁପା ରଙ୍ଗରେ ଯେପରି ଝଲସି ଉଠୁଥିଲା । ଜୋନାଥନ ଅନୁଭବ କଲା – ପୃଥିବୀ ଉପରେ ଉଡ଼ାଣର ଏକ ସୀମା ଥାଏ, ମାତ୍ର ସ୍ୱର୍ଗରେ ସେପରି ଉଡ଼ାଣର ସୀମା ନଥାଏ ।


ସେଠି ସେହି ଆକାଶର ଏକ ଅଲୌକିକ ଇଲାକାରେ ମେଘଖଣ୍ଡକୁ ଡେଣାରେ ଆଡ଼େଇ ଦେଇ ତା'ର ସାଥୀ ପକ୍ଷୀଟି ଜୋନାଥନ୍‌କୁ କହିଲା – ହାପି ଲ୍ୟାଣ୍ଡିଙ୍ଗ ଜୋନାଥନ ଏବଂ କେଉଁଠି ସେ ପବନରେ ମିଳେଇ ଗଲା ତାହା ଜୋନାଥନ୍ ଜାଣିପାରିଲା ନାହିଁ । ସେଠି ସେ ଭିନ୍ନ ଆକାଶରେ ଏକ ସମୁଦ୍ର ଉପରେ ଉଡୁଥିଲା । ଜୋନାଥନ୍‌କୁ ଆଦୌ କ୍ଳାନ୍ତ ଲାଗୁନଥିଲା । କାରଣ ସେ ସ୍ତରଟି ଥିଲା କ୍ଳାନ୍ତିଠାରୁ ଊର୍ଦ୍ଧ୍ୱରେ । ଯନ୍ତ୍ରଣାଠୁ ଊର୍ଦ୍ଧ୍ୱରେ । ଜୋନାଥନ୍‌ର ଉଡ଼ାଣର ଏପରି ରୋମାଞ୍ଚକର ଅଭିଜ୍ଞତା ଚିତ୍ରିତ ହୋଇଛି ଉପନ୍ୟାସର ପ୍ରତିଟି ପୃଷ୍ଠାରେ । ■

ଚିତାଳୋ ଡିଗ୍ରୀ ମହାବିଦ୍ୟାଳୟ, ଯାଜପୁର
ମୋ: ୯୪୩୯୦୪୦୯୩୭

## ମହଙ୍ଗା ପଡ଼ିଲା ମାମଲାରୁ ନାଁ କାଟିବା

# ଭିଜିଲାନ୍ସ ଜାଲରେ ବାଙ୍କୋଇ ଫାଣ୍ଡି ଏଏସ୍ଆଇ

ଖୋର୍ଦ୍ଧା/ବୋଲଗଡ଼, ୨୪।୫ (ସମିସ): ପୁଣି ଖାକିରେ ଦାଗ। ଏକ ମାମଲାରୁ ଜଣେ ଅଭିଯୁକ୍ତଙ୍କ ନାଁ କାଟିବା ପାଇଁ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡିର ଏଏସ୍ଆଇ ତୁଷାରକାନ୍ତ




ନାୟକ। ଭିଜିଲାନ୍ସ ତାଙ୍କଠାରୁ ରଙ୍ଗବୋଲା ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରିଛି। ଏହାସହ ଲାଞ୍ଚ ଟଙ୍କା ନେଣଦେଣରେ ମଧ୍ୟସ୍ଥି ସାଜିଥିବା ଫାଣ୍ଡି ଡ୍ରାଇଭର୍ ହୋମ୍‌ଗାର୍ଡ ପି.କେ ସୁନ୍ଦରାୟଙ୍କୁ ମଧ୍ୟ ଭିଜିଲାନ୍ସ ଗିରଫ କରିଛି ବୋଲି ଭିଜିଲାନ୍ସ ଡିଏସ୍‌ପି ବ୍ରଜକିଶୋର ସାହୁ ସାହୁ ସୂଚନା ଦେଇଛନ୍ତି।

ଶ୍ରୀ ସାହୁଙ୍କ ସୂଚନାନୁସାରେ, ଗତ ଏପ୍ରିଲ ୨୬ ତାରିଖରେ ରାଜସୁନାଖଳା କାଉଁରିପାଟଣା ସାହିରେ ଏକ ଆପରାଧିକ ଘଟଣା ଘଟିଥିଲା। କିଛି ଯୁବକ ଭୋଜି କରିସାରିବା ପରେ ସେଠାକାର ଜଣେ ନାବାଳିକାଙ୍କ ଘର କବାଟ ବାଡ଼େଇବା ସହ ଗାଳିମନ୍ଦ କରିଥିଲେ। ଏନେଇ ୫ଜଣଙ୍କ ନାଁରେ ବାଙ୍କୋଇ ଫାଣ୍ଡିରେ ଅଭିଯୋଗ ହେବା ପରେ ବୋଲଗଡ଼ ପୁଲିସ୍ ନମ୍ବର ୯୭/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମାମଲାର ତଦନ୍ତକାରୀ ଅଧିକାରୀ ଏଏସ୍ଆଇ ତୁଷାରକାନ୍ତ ନାୟକ ରହିଥିଲେ। ତେବେ ମାମଲାରୁ ନିଜ ନାଁ କାଟିବା ଲାଗି ଜଣେ ଅଭିଯୁକ୍ତ ରାକେଶ ପୃଷ୍ଟି ଓରଫ୍ ଲୁଲୁ ଫାଣ୍ଡିକୁ ଯାଇଥିଲେ। ଫାଣ୍ଡି ଡ୍ରାଇଭର୍ ହୋମ୍‌ଗାର୍ଡ ସୁନ୍ଦରାୟ ଏଥିରେ ମଧ୍ୟସ୍ଥି ସାଜିଥିଲେ। ନାଁ କାଟିବାକୁ ଲୁଲୁଙ୍କୁ ଏଏସ୍ଆଇ ୧୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ।

- ମଧ୍ୟସ୍ଥି ହୋମ୍‌ଗାର୍ଡ ବି ଗିରଫ
- ଉଲ୍ଲେଖନୀୟ ସେବା ପାଇଁ ସମ୍ମାନିତ ହୋଇଥିଲେ ତୁଷାରକାନ୍ତ
- ପୈତୃକ ଘର ସମେତ ଦୁଇଟି ସ୍ଥାନରେ ଚଢ଼ଉ

ମାତ୍ର ଲୁଲୁ ଏଥିରେ ଅସନ୍ତୋଷ ବ୍ୟକ୍ତ କରି ଶୁକ୍ରବାର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଭିଜିଲାନ୍ସ ଡିଏସ୍‌ପି ଶ୍ରୀ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଉଭୟଙ୍କୁ ଧରିବା ଲାଗି ଯୋଜନା ପ୍ରସ୍ତୁତ କରିଥିଲା। ଶୁକ୍ରବାର ରାତିରେ ଭିଜିଲାନ୍ସର ଏକ ଟିମ୍ ଫାଣ୍ଡି ନିକଟରେ ଛପି ରହିଥିଲେ। ଲୁଲୁ ଟଙ୍କା ନେଇ ଡ୍ରାଇଭରଙ୍କୁ ଦେଇଥିଲେ। ଡ୍ରାଇଭରଠାରୁ ଏଏସ୍ଆଇ ନେବା ବେଳେ ଭିଜିଲାନ୍ସ ଟିମ୍ ସେମାନଙ୍କୁ ମାଡ଼ି ବସିଥିଲେ। ତାଙ୍କଠାରୁ ରଙ୍ଗବୋଲା ଟଙ୍କା ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରି ଅଧିକ ତଦନ୍ତ ଜାରି ରଖିଛନ୍ତି। ପରେ, ଆୟ ବହିର୍ଭୂତ ସଂପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସ ତୁଷାରକାନ୍ତଙ୍କ ଭଡ଼ାଘର ଓ ନୟାଗଡ଼ସ୍ଥିତ ପୈତୃକ ଘରେ ଚଢ଼ଉ କରିଛି। ପ୍ରକାଶ ଥାଉକି, ଏଏସ୍ଆଇ ତୁଷାରକାନ୍ତ ନାୟକ ଉଲ୍ଲେଖନୀୟ ସେବା ପାଇଁ ଜିଲ୍ଲା ପୁଲିସ୍ ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇଥିଲା।

---

- ଭଉଣୀ ଘରେ ପହଞ୍ଚି ପାରିଲାନି ସାବିତ୍ରୀ ଭାର

# ବଜ୍ରପାତରେ ଚାଲିଗଲା ଭାଇର ଜୀବନ

ଟାଙ୍ଗୀ/ଭୂଷଣ୍ଡପୁର,୨୪।୫(ସମିସ): ସୋମବାର ସାବିତ୍ରୀ ଅମାବାସ୍ୟା। ଏଥିପାଇଁ ଶାଢ଼ି-ଚୂଡ଼ି, ଶଙ୍ଖା-ସିନ୍ଦୂର ସାଙ୍ଗକୁ ଫଳଭାର ନେଇ ଭଉଣୀ ଘରକୁ ଯାଉଥିଲେ। କିନ୍ତୁ ବାଟ ଅଧାରୁ ଯମ ଟେକିନେଲା। ଆକାଶରୁ ବଜ୍ର ଖସି ଭାଇର ଜୀବନ ଚାଲିଗଲା। ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ-ମଙ୍ଗଳାଯୋଡ଼ି ରାସ୍ତାରେ ଆଜି ଏଭଳି ଏକ ହୃଦୟବିଦାରକ ଘଟଣା ଘଟିଛି। ମୃତକ ହେଲେ, କନ୍ତଲବାଇର ନବକିଶୋର ମହାପାତ୍ରଙ୍କ ପୁଅ ଅଭୟ ମହାପାତ୍ର (୨୭)।



ସୂଚନାନୁଯାୟୀ, ଅଭୟ ଆଜି ସାବିତ୍ରୀ ଭାର ନେଇ ଏକ ବାଇକ୍‌ରେ ନିଜ ଦାଦା ଝିଅ ଭଉଣୀ ଘର ଜରିପଡ଼ାକୁ ଯାଉଥିଲେ। ଅପରାହ୍ଣ ପ୍ରାୟ ୪ଟା ବେଳେ ହଠାତ୍ ବର୍ଷା ପବନ ମାଡ଼ି ଆସିବା ସହ ଘନଘନ ବଜ୍ରପାତ ହୋଇଥିଲା। ଏହି ସମୟରେ ସେ ଟାଙ୍ଗୀ ମଙ୍ଗଳାଯୋଡ଼ି ରାସ୍ତାରେ ଥିବା ଏକ ବରଓସ୍ତ ଗଛ ତଳେ ଆଶ୍ରୟ ନେଇଥିଲେ। ଏହି ସମୟରେ ସେଠାରେ ଏକ ବଜ୍ରପାତ ହେବାରୁ ଅଭୟ ସେହିଠାରେ ହିଁ ଟଳି ପଡ଼ିଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଗୁରୁତର ଅବସ୍ଥାରେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୁଲିସ୍ ଅଭୟଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଅଭୟଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

---

# 'ପାକିସ୍ତାନ-ଜିନ୍ଦାବାଦ୍'ନାରା ଦେଇ ୨ ଗିରଫ

- ଏନ୍ଆଇଏ ଜାଣିବା ପରେ ଚାଉଳିଆଗଞ୍ଜ ପୁଲିସର କାର୍ଯ୍ୟାନୁଷ୍ଠାନ
- ଅଭିଯୁକ୍ତଦ୍ୱୟ ମର୍ଚ୍ଚାଣ୍ଟ ନ୍ୟାଭି ଓ ଆଇନପେସାରେ ଥିବା ଡିସିପିଙ୍କ ସୂଚନା

କଟକ, ୨୪।୫(ସମିସ): 'ପାକିସ୍ତାନ ଜିନ୍ଦାବାଦ' ନାରା ଦେବା ୨ଜଣ ଯୁବକଙ୍କ ପାଇଁ ମହଙ୍ଗା ପଡ଼ିଛି। ଚାଉଳିଆଗଞ୍ଜ ଥାନା ଅଞ୍ଚଳର ଏହି ୨ଜଣ ଯୁବକଙ୍କୁ ଗିରଫ କରିଛି ଚାଉଳିଆଗଞ୍ଜ ଥାନା ପୁଲିସ। ସୋସିଆଲ ମିଡିଆରେ ଏସମ୍ପର୍କିତ ବିବାଦୀୟ ଭିଡିଓ ଭାଇରାଲ ହେବା ପରେ କେନ୍ଦ୍ରୀୟ ତଦନ୍ତକାରୀ ଏଜେନ୍ସି ଏହା ଜାଣିବାକୁ ପାଇଥିଲା। ପରେ ଚାଉଳିଆଗଞ୍ଜ ଥାନା ପୁଲିସ ସମ୍ପୃକ୍ତ ଅଭିଯୁକ୍ତଦ୍ୱୟଙ୍କୁ ଧରିଥିଲା। ସେମାନେ ହେଲେ, ମହାନଦୀବିହାରରେ ରହୁଥିବା କଟକ ଜିଲ୍ଲା ନରସିଂହପୁର ନିକଟ କାନପୁର ଥାନା ଅଞ୍ଚଳର ସୌରଭ କୁମାର ସାହୁ(୨୭) ଓ ମହାନଦୀ ବିହାରର ଗୌତମ ଲେଙ୍କା(୨୮)। ଅଭିଯୁକ୍ତଦ୍ୱୟଙ୍କଠାରୁ ୨ଟି ଫୋନ୍ ଜବତ ହୋଇଛି। ଆଜି ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। କିନ୍ତୁ ସେଠାରେ ଜାମିନ ନାମଞ୍ଜୁର ହେବାରୁ ଦୁହିଁଙ୍କୁ ଜେଲ୍ ପଠାଇ ଦିଆଯାଇଛି ବୋଲି ଡିସିପି ଖିଲାରି ରିଷିକେଶ ଦ୍ୟାନଦେଓ ସୂଚନା ଦେଇଛନ୍ତି।

ଗତ ୧୫ ତାରିଖ ରାତି ପ୍ରାୟ ସାଢ଼େ ୯ଟାରେ କିଛି ଯୁବକ ଗାନ୍ଧୀପଲ୍ଲୀର ମହାନଦୀ କୂଳ ଗଡ଼ାରେ ବସି ଖଟି କରୁଥିଲେ। ସେମାନେ ଭାରତ-ପାକିସ୍ତାନ ଯୁଦ୍ଧ ପରିସ୍ଥିତି ବିଷୟରେ ଆଲୋଚନା କରୁଥିଲେ। ଏହାକୁ ନେଇ ୨ ପକ୍ଷଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏହା ମଧ୍ୟରେ କିଛି ଯୁବକଙ୍କୁ କଡ଼ା ସମାଲୋଚନା କରିବାକୁ ଯାଇ ଅଭିଯୁକ୍ତ ସୌରଭ ପାକିସ୍ତାନ ସପକ୍ଷରେ ନାରା ଦେଇଥିଲା। ପ୍ରାୟ ୫୦ ଥର ଲଗାତାର ଭାବେ ସେ ପାକିସ୍ତାନ ଜିନ୍ଦାବାଦ ବୋଲି କହିଥିଲା। ଆଉ ଏହି ସମୟର ଦୃଶ୍ୟକୁ ପାଖରେ ଥିବା ଗୌତମ ଲେଙ୍କା ନିଜ ମୋବାଇଲରେ ରେକର୍ଡିଂ କରିଥିଲା। ତୁରନ୍ତ କିଛି ହ୍ୱାଟସଆପ ଗ୍ରୁପରେ ଉକ୍ତ ଭିଡିଓକୁ ଛାଡ଼ିବା ପରେ ତାହା ଆଖିପିଛୁଳାକେ ଭାଇରାଲ ହୋଇଥିଲା। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ସେହି ସମୟରେ ଭାରତ ପାକିସ୍ଥାନ ମଧ୍ୟରେ ଅପରେସନ ସିନ୍ଦୁର ପରବର୍ତ୍ତି ତିକ୍ତତା ସର୍ବୋଚ୍ଚ ସ୍ତରରେ ଥିଲା। ଏପରିକି ଭାଇରାଲ ଭିଡିଓ ବିଷୟ ଶେଷରେ କେନ୍ଦ୍ରୀୟ ତଦନ୍ତକାରୀ ଏଜେନ୍ସି ମଧ୍ୟ ଜାଣିବାକୁ ପାଇଥିଲା। ଏ ବିଷୟରେ ତଦନ୍ତକାରୀ ଏଜେନ୍ସି କମିଶନରେଟ୍ ପୁଲିସକୁ ଅବଗତ କରାଇଥିଲା। କମିଶନରେଟ୍ ପୁଲିସ ଠାରୁ ଏ ସମ୍ପର୍କରେ ତୁରନ୍ତ ଉତ୍ତର ଦେବାକୁ କୁହାଯାଇଥିଲା। ଚାଉଳିଆଗଞ୍ଜ ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଭିଡିଓଟି ଅନ୍ଧାରୁଆ ଓ କମ ସମୟରେ ହୋଇଥିବାରୁ ତାହା କେଉଁଠିକାର ଏବଂ କିଏ କରିଛି ତାହା ଜଣାପଡ଼ୁନଥିଲା। ଗତ ଏକ ସପ୍ତାହ ଧରି ଯାଞ୍ଚ ପରେ ଆଜି ଅଭିଯୁକ୍ତଦ୍ୱୟଙ୍କୁ ଚିହ୍ନଟ କରିବାରେ ପୁଲିସ ସଫଳ ହୋଇଥିଲା। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ମର୍ଚ୍ଚାଣ୍ଟ ନ୍ୟାଭିରେ ଥିବା ବେଳେ ଅନ୍ୟ ଜଣେ ଆଇନ ପେଷା ସହିତ ଜଡ଼ିତ ବୋଲି ପୁଲିସ ସୂଚନା ଦେଇଛି। ଅଧିକ ତଦନ୍ତରୁ ଜଣାପଡ଼ିଛିଯେ, ଜାଣିଶୁଣି ୨ ଯୁବକ ଏଭଳି ନାରା ଦେବା ସହିତ ତାହାକୁ ଅନ୍ୟମାନଙ୍କ ପାଖକୁ ପହଞ୍ଚାଇଥିଲେ। ଉକ୍ତ ଭିଡିଓଟି ଦୁଇ ସଂପ୍ରଦାୟ ମଧ୍ୟରେ ବିବାଦକୁ ବଢ଼ାଉଥିଲା। କଟକରେ ଶାନ୍ତିଶୃଙ୍ଖଳା ବ୍ୟାହତ ହେବା ଆଶଙ୍କା ବଢ଼ିଥିଲା। ତେଣୁ ଦେଶ ଭିତରେ ସାଂପ୍ରଦାୟିକ ସଦ୍ଭାବନା ବିଗାଡ଼ିବା ଓ ୨ ଗୋଷ୍ଠୀ ମଧ୍ୟରେ ବିବାଦ ସୃଷ୍ଟି କରିବା ଅଭିଯୋଗରେ ପୁଲିସ ଯୁବକ ଦ୍ୱୟଙ୍କୁ ଗିରଫ କରିଥିବା ଡିସିପି ଶ୍ରୀ ଦ୍ୟାନଦେଓ ସୂଚନା ଦେଇଛନ୍ତି।

---

# ମହିଳାଙ୍କୁ ଦଳିଦେଲା ହାତୀ

**ଅଳ୍ପକେ ବର୍ତ୍ତିଲା ଶିଶୁପୁତ୍ର**

ବିଶୋଇ, ୨୪।୫ (ସମିସ): ବିଶୋଇ ଥାନା ଅନ୍ତର୍ଗତ ଯୋଡ଼ିଆ ପଞ୍ଚାୟତ ଗାରଗାଡ଼ି ଗ୍ରାମ ନିକଟ ଟୁଙ୍ଗୁରୁ ସଂରକ୍ଷିତ ଜଙ୍ଗଲରେ ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳାଜଣଙ୍କ ହେଲେ, ଗାରଗାଡ଼ି ଗ୍ରାମର ବାଟା ନାଏକଙ୍କ ଝିଅ ଚାର୍ମେଇ ନାଏକ ଓରଫ୍ କିକିଳି। ତେବେ ସୌଭାଗ୍ୟକୁ ତାଙ୍କ ସାଥିରେ ଥିବା ବର୍ଷକର ଶିଶୁପୁତ୍ରଟି ଅଳ୍ପକେ ବର୍ତ୍ତିଯାଇଛି। ସୂଚନାନୁସାରେ, ଶନିବାର ସକାଳ ପ୍ରାୟ ୮ ଟାରେ ଚାର୍ମେଇ ଶାଳ ଛାଲି ଦଉଡ଼ି ଆଣିବାକୁ ପୁଅକୁ ଧରି ଗାଁ ନିକଟ ଜଙ୍ଗଲକୁ ଯାଇଥିଲେ। ପୁଅକୁ ବସାଇଦେଇ ଦଉଡ଼ି ସଂଗ୍ରହ କରୁଥିବା ବେଳେ ହଠାତ୍ ଏକ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ହାତୀଟି ଚାର୍ମେଇଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେବା ପରେ ପାଦରେ ଦଳି ଦେଇ ଜଙ୍ଗଲ ଭିତରକୁ ପଳାଇଥିଲା। ଏଥିରେ ଘଟଣାସ୍ଥଳରେ ଚାର୍ମେଇଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କର ବର୍ଷକର ପୁଅ ଅଳ୍ପକେ ରକ୍ଷା ପାଇଯାଇଥିଲା। ଶିଶୁପୁତ୍ରଟିର କାନ୍ଦ ଶୁଣି ମଧ୍ୟାହ୍ନରେ କିଛି ସ୍ଥାନୀୟ ଲୋକେ ତାକୁ ଜଙ୍ଗଲରୁ ଉଦ୍ଧାର କରିଥିଲେ। ଖବର ପାଇ ବନାଞ୍ଚଳ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ସିଂ, ଏସିଏଫ୍ ଧରିତ୍ରୀ ମୁର୍ମୁ, ବନପାଳ ପ୍ରଭାତ ରଞ୍ଜନ ମହାନ୍ତ, ବନପାଳ ଶୁଭଲକ୍ଷ୍ମୀ ପାତ୍ର ପ୍ରମୁଖ ପହଞ୍ଚି ତଦନ୍ତ କରିଥିଲେ। ବିଶୋଇ ତହସିଲଦାର ସତ୍ୟବାନ ନାଏକଙ୍କ ଉପସ୍ଥିତିରେ ଶବକୁ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଯୋଡ଼ିଆ ପଞ୍ଚାୟତ ସରପଞ୍ଚ ସାବିତ୍ରୀ ସୋରେନ ଓ ପଞ୍ଚାୟତ ସମିତି ସଦସ୍ୟ ଚାନ୍ଦ୍ରାୟ ସୋରେନ ମୃତକଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ପ୍ରଦାନ କରିଛନ୍ତି।

---

## ଅବଶିଷ୍ଟାଂଶ

### ସଅଳ ଛୁଇଁଲା...

ସୂଚନାଯୋଗ୍ୟ, ଗତ ୫୦ ବର୍ଷ ମଧ୍ୟରେ ୧୯୯୦ ମସିହାରେ ପାଣିପାଗ ବିଭାଗ ପକ୍ଷରୁ କରାଯାଇଥିବା ଆକଳନର ୧୩ ଦିନ ପୂର୍ବରୁ ଅର୍ଥାତ୍ ସେହିବର୍ଷ ମେ' ୧୯ ରେ ମୌସୁମୀ କେରଳ ଛୁଇଁଥିଲା। ୨୦୦୯ ରେ ମୌସୁମୀ ଧାର୍ଯ୍ୟ ସମୟ ପୂର୍ବରୁ ମେ' ୨୩ ତାରିଖରେ କେରଳ ଉପକୂଳ ଛୁଇଁଥିଲା। ୧୬ ବର୍ଷ ପରେ ପୁଣି ଥରେ ମୌସୁମୀ କ୍ଷିପ୍ରଗତିରେ ଆସି ମେ' ୨୪ରେ କେରଳ ଛୁଇଁଛି। ଅନ୍ୟପକ୍ଷରେ କିଛି ଘଣ୍ଟା ମଧ୍ୟରେ ମୌସୁମୀ କର୍ଣ୍ଣାଟକ ଏବଂ ତାମିଲନାଡୁ ଛୁଇଁବା ନେଇ ଆକଳନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ତାମିଲନାଡୁରେ ଆଇଏମଡି ପକ୍ଷରୁ ସତର୍କତା ଜାରି କରାଯାଇଛି। ମୌସୁମୀ ସକ୍ରିୟ ହେବା ସହିତ ସପ୍ତାହକ ମଧ୍ୟରେ ଏହା ଦକ୍ଷିଣ ଭାରତର ସମସ୍ତ ରାଜ୍ୟ ଏବଂ ଜୁନ୍ ୪ ସୁଦ୍ଧା ପୂର୍ବ ଏବଂ ମଧ୍ୟଭାଗ ଛୁଇଁବ ବୋଲି କୁହାଯାଇଛି। ଚଳିତ ବର୍ଷ ମୌସୁମୀ ଉପରେ ଏଲ୍-ନିନୋର ପ୍ରଭାବ ପଡ଼ିବାର ସମ୍ଭାବନା କମ୍ ବୋଲି କୁହାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୨୭ ତାରିଖରେ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଥିବାବେଳେ ଏହା ମୌସୁମୀକୁ ଆହୁରି ସକ୍ରିୟ କରିବ। ମୌସୁମୀ ଆଗମନ ପୂର୍ବରୁ ଗତ ୧-୨ ଦିନ ଧରି ରାଜ୍ୟବାପୀ ପ୍ରାକ୍ ମୌସୁମୀ ବର୍ଷା ଜାରି ରହିଥିବା ବେଳେ ଏହା ଆସନ୍ତା ୨୯ ତାରିଖ ଯାଏଁ ଲାଗି ରହିବ।

ରାଜ୍ୟରେ ପ୍ରାକ୍ ମୌସୁମୀ ବର୍ଷା ଜାରି ରହିଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ୩ଟି ସ୍ଥାନରେ ପ୍ରବଳ ବର୍ଷା ହୋଇଥିବା ବେଳେ ଗୋଟିଏ ସ୍ଥାନରେ ଅତିପ୍ରବଳ ବର୍ଷା ରେକର୍ଡ କରାଯାଇଛି। ଗଞ୍ଜାମର ପାତ୍ରପୁରଠାରେ ସର୍ବାଧିକ ୧୧୭.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ସୁନ୍ଦରଗଡ଼, ଢେଙ୍କାନାଳ, କନ୍ଧମାଳ, ମୟୂରଭଞ୍ଜ, ବଲାଙ୍ଗିର, କେନ୍ଦୁଝର ଆଦି ଜିଲ୍ଲାଗୁଡ଼ିକରେ ଭଲ ବର୍ଷା ହୋଇଛି।

ଅପରପକ୍ଷେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ଆସନ୍ତା ୩୦ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିବ। ଆସନ୍ତାକାଲି ରାୟଗଡ଼ା, କୋରାପୁଟ, ଗଜପତି, ଗଞ୍ଜାମ, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ପ୍ରବଳ ବର୍ଷା ସହ ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି। ସେହିପରି ମାଲକାନଗିରି, ବାଲେଶ୍ୱର, ସୋନପୁର, ଝାରସୁଗୁଡ଼ା, ସମ୍ବଲପୁର ଓ କନ୍ଧମାଳ ଜିଲ୍ଲାରେ ଝଡ଼ବର୍ଷା ସମ୍ଭାବନା ରହିଛି। ୨୬ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ମାଲକାନଗିରି, କୋରାପୁଟ, ରାୟଗଡ଼ା, କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରେ ଝଡ଼ବର୍ଷା ହେବ ବୋଲି କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୨୬ ତାରିଖରୁ ଝଡ଼ବର୍ଷାର ପ୍ରକୋପ ବଢ଼ିବାକୁ ଥିବାବେଳେ ଆସନ୍ତା ୬ରୁ ୭ ଦିନ ପର୍ଯ୍ୟନ୍ତ ତାପମାତ୍ରା ଅପରିବର୍ତ୍ତିତ ରହିବ ବୋଲି କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।

### ଧୋଇଗଲା ହାଟ...

ଜୋର୍‌ରେ ପବନ ସହ ବର୍ଷା ହୋଇଥିଲା। ବାଦଲ ଫଟା ବର୍ଷା ଯୋଗୁଁ ହାଟରେ ଜରି ପାଲ ଦେଇ ବ୍ୟବସାୟ କରୁଥିବା ବ୍ୟବସାୟୀ ଅସହାୟ ହୋଇ ପଡ଼ିଥିଲେ। ପବନରେ ଜରି ପାଲ ଉଡ଼ି ଯାଇ ବ୍ୟବସାୟୀଙ୍କ ଜିନିଷ ନଷ୍ଟ ହୋଇ ଯାଇଥିଲା। ହାଟରେ ବ୍ୟବସାୟୀ ବିକ୍ରି କରୁଥିବା ପରିବା, ଚପଲ ଭଳି ବିଭିନ୍ନ ଜିନିଷ ପତ୍ର ପାଣିରେ ଭାସିଯାଇଥିବା ଦେଖିବାକୁ ମିଳିଛି। ଅଚାନକ ବର୍ଷା ଯୋଗୁଁ ହାଟକୁ ଆସିଥିବା ଗ୍ରାହକ ମଧ୍ୟ ନାହିଁ ନଥିବା ସମସ୍ୟା ଭୋଗିଥିଲେ। ଅଳ୍ପ ସମୟ ମଧ୍ୟରେ ଏତେ ପରିମାଣର ବର୍ଷା ଲମତାପୁଟରେ ପ୍ରଥମ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ପ୍ରବଳ ବର୍ଷାରେ ଜୟପୁର-ବିଶାଖାପାଟଣା ରାଜପଥ ଉପରେ ବର୍ଷା ଜଳ ଜମି ରହିବାରୁ କିଛି ସମୟ ପାଇଁ ଏକ ପ୍ରକାର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ବର୍ଷା ଯୋଗୁଁ କ୍ଷୟକ୍ଷତିର କୌଣସି ସୂଚନା ବର୍ତ୍ତମାନ ସୁଦ୍ଧା ହସ୍ତଗତ ହୋଇ ନଥିବା ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସୁବ୍ରତ କୁମାର ସାହୁ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ତହସିଲଦାର ଓ ବିଡିଓଙ୍କୁ ରିପୋର୍ଟ ମଗା ଯାଇଥିବା ସେ କହିଛନ୍ତି।

### 'ଟିମ୍ ଇଣ୍ଡିଆ' ହୋଇ...

କରିଛନ୍ତି। ଚଳିତ ବର୍ଷ ନିତି ଆୟୋଗର ସଂକଳ୍ପ ରାଜ୍ୟ ବିକାଶ ପାଇଁ ଉଦ୍ଦିଷ୍ଟ ରହିଛି। ରାଜ୍ୟମାନଙ୍କ ଦ୍ରୁତ ବିକାଶ ଦ୍ୱାରା ଦେଶର ସାମଗ୍ରିକ ବିକାଶ ସମ୍ଭବ ବୋଲି କୁହାଯାଇଛି। ଏହିକ୍ରମରେ ପ୍ରଧାନମନ୍ତ୍ରୀ ମୋଦୀ କେନ୍ଦ୍ର ଏବଂ ରାଜ୍ୟମାନଙ୍କ ମିଳିତ ଉଦ୍ୟମରେ ଦେଶର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଆହ୍ୱାନ ଦେଇଛନ୍ତି। ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲ କରିବାକୁ ହେଲେ ଏହି ପଦ୍ଧତିରେ କାର୍ଯ୍ୟ କରିବାକୁ ପଡ଼ିବ। ଏହି ଅବସରରେ ସେ 'ୱାନ ଷ୍ଟେଟ୍ : ୱାନ ଗ୍ଲୋବାଲ ଡେଷ୍ଟିନେସନ୍' ପାଇଁ ଆହ୍ୱାନ ଜଣାଇଛନ୍ତି। ପ୍ରତ୍ୟେକ ରାଜ୍ୟ ଆନ୍ତର୍ଜାତିକ ମାନର ଏକ ପର୍ଯ୍ୟଟନ ସ୍ଥଳ ବିକାଶ କରିବା ସହିତ ବିଭିନ୍ନ ସହରକୁ ବିକାଶ ଦୃଷ୍ଟିରୁ ଭବିଷ୍ୟତ ପାଇଁ ପ୍ରସ୍ତୁତ ରଖିବାକୁ ସେ ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ କହିଛନ୍ତି। ଏହି ବୈଠକରେ ତିନି ରାଜ୍ୟକୁ ଛାଡ଼ି ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀ , କେନ୍ଦ୍ରଶାସିତ ଅଞ୍ଚଳର ଉପରାଜ୍ୟପାଳଙ୍କ ସମେତ ବହୁ କେନ୍ଦ୍ରମନ୍ତ୍ରୀ ଏବଂ ନିତି ଆୟୋଗ ଉପାଧ୍ୟକ୍ଷ ଉପସ୍ଥିତ ରହିଥିଲେ। ଅପରପକ୍ଷେ ନିତି ଆୟୋଗର ୧୦ ପରିଚାଳନା ପରିଷଦ ବୈଠକରେ ବିକଶିତ ଓଡ଼ିଶାର ବ୍ଲୁ-ପ୍ରିଣ୍ଟ ଉପସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆସନ୍ତା ୨୦୩୬ ମସିହା ସୁଦ୍ଧା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନକୁ ଶହେ ବର୍ଷ ପୂରୁଛି। ସେହିପରି ୨୦୪୭ ସୁଦ୍ଧା ସ୍ୱାଧୀନ ଭାରତକୁ ୧୦୦ ବର୍ଷ ପୂର୍ତ୍ତି ହେଉଛି। ୨୦୩୬ ସୁଦ୍ଧା ଓଡ଼ିଶା ୫୦୦ ବିଲିୟନ ଡଲାର ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାର ଅର୍ଥନୀତି ହେବାର ଲକ୍ଷ୍ୟ ରଖିଛି। ଆସନ୍ତା ଜୁନ ୧୨ ତାରିଖରେ ରାଜ୍ୟରେ ବିଜେପି ନିଜ ସରକାରର ପ୍ରଥମ ବର୍ଷ ପୂରଣ କରୁଥିବା ବେଳେ ସେହିଦିନ ୨୦୩୬ ସମୃଦ୍ଧ ଓଡ଼ିଶାର ମୂଳଦୁଆ ପଡ଼ିବ। ୨୦୩୬ ସୁଦ୍ଧା ଏକ ସଶକ୍ତ ଏବଂ ସମୃଦ୍ଧ ଓଡ଼ିଶା ଗଠନ ଏହାର ଦୃଷ୍ଟିକୋଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିକଶିତ ଓଡ଼ିଶା ଗଠନ ପାଇଁ କେନ୍ଦ୍ର ସରକାର ଏବଂ ଅନ୍ୟ ରାଜ୍ୟର ପ୍ରତ୍ୟେକ୍ଷ ସହଯୋଗ ଲୋଡ଼ିଛନ୍ତି ମୁଖ୍ୟମନ୍ତ୍ରୀ। ବୈଠକରେ ଓଡ଼ିଶା ଭିଜନ ଡକ୍ୟୁମେଣ୍ଟ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ଏଥିପାଇଁ ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ କରାଯାଉଛି। ଭିଜନ ଡକ୍ୟୁମେଣ୍ଟ ପାଇଁ ପ୍ରାୟ ୩ ଲକ୍ଷ ୨୦ ହଜାର ଲୋକଙ୍କ ମତାମତ ଗ୍ରହଣ କରାଯାଇଛି। ଆସନ୍ତା ୧୨ ତାରିଖରେ ଏହି ଭିଜନ ଡକ୍ୟୁମେଣ୍ଟର ଲୋକାର୍ପଣ ହେବ। କେନ୍ଦ୍ର ସରକାରଙ୍କ ସହଯୋଗରେ ରାଜ୍ୟରେ କୃଷକଙ୍କ ଉନ୍ନତି ସହ ବିଶ୍ୱସ୍ତରୀୟ ରାସ୍ତା, ରେଳ ଏବଂ ବାୟୁ ଯୋଗାଯୋଗ ବ୍ୟବସ୍ଥାର ନିର୍ମାଣ ଆମର ଲକ୍ଷ୍ୟ ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଗତ ଏକବର୍ଷ ମଧ୍ୟରେ ରାଜ୍ୟ ସରକାର ନେଇଥିବା ପ୍ରମୁଖ ପଦକ୍ଷେପ ସମ୍ପର୍କରେ ବୈଠକରେ ଅବତାରଣା କରିଥିଲେ।

### ଫରେଷ୍ଟ ଗାର୍ଡଙ୍କୁ...

ଦିନ ହେବ ଶିକାରୀମାନେ ଜନ୍ତୁ ଶିକାର କରୁଥିବା ନେଇ ବନ ବିଭାଗ ଖବର ପାଇଥିଲା। ସେମାନଙ୍କୁ ଧରିବା ପାଇଁ ଶୁକ୍ରବାର ରାତି ପ୍ରାୟ ୩ଟାରେ ହିନ୍ଦୋଳ ଏନ୍ଏସି ୱାର୍ଡ ନଂ ୧୪ ଅନ୍ତର୍ଗତ କଇଁ ଜଙ୍ଗଲ ମଧ୍ୟରେ ଥିବା ଏକ ବଗିଚା ଓ ଘରକୁ ବନ ବିଭାଗର ଏକ ଟିମ୍ ଘେରାଉ କରିଥିଲା। ଏହି ଟିମ୍‌ରେ ପ୍ରହ୍ଲାଦ ରହିଥିଲେ। ବନ କର୍ମଚାରୀମାନେ ସେଠାରେ କିଛି ଶିକାରୀଙ୍କୁ କାବୁ କରି ନେଇଥିବା ବେଳେ ଜଣେ ଶିକାରୀ ପ୍ରହ୍ଲାଦଙ୍କ ଉପରକୁ ଗୁଳି ଚଳାଇଥିଲା। ଗୁଳିଟି ପ୍ରହ୍ଲାଦଙ୍କ ପେଟରେ ବାଜିଥିଲା। ଗୁରୁତର ପ୍ରହ୍ଲାଦଙ୍କୁ ପ୍ରଥମେ ହିନ୍ଦୋଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରହ୍ଲାଦଙ୍କ ମୃତ୍ୟୁ ହୋଇଯାଇଥିଲା। ଏହି ଖବର ଆଜି ପ୍ରଚାରିତ ହେବା ପରେ ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି।

ଖବର ପାଇ ଏସ୍‌ପି ଅଭିନବ ସୋନକର, ହିନ୍ଦୋଳ ଏସଡିପିଓ ଓ ଥାନାଧିକାରିଣୀ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ହିନ୍ଦୋଳ ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ସାଇଣ୍ଟିଫିକ୍ ଟିମ୍, ଅନୁସନ୍ଧାନୀ କୁକୁର ସହାୟତାରେ ଛାନଭିନ୍ କରିଥିଲା। ଏହି ଘଟଣାରେ ହିନ୍ଦୋଳ ବନ ବିଭାଗ ୪ଜଣଙ୍କୁ ଗିରଫ କରି ହିନ୍ଦୋଳ ପୁଲିସ୍‌କୁ ହସ୍ତାନ୍ତର କରିଛି। ସେମାନେ ହେଲେ, ସ୍ଥାନୀୟ ତାଣ୍ଡିଚିରା ଗ୍ରାମର ପୂର୍ଣ୍ଣଚନ୍ଦ୍ର ଦେହୁରୀ, ନରସିଂହପୁର ଅଞ୍ଚଳର ଲକ୍ଷ୍ମୀଧର ଆଲୋକ, ଇଲିରିସିଙ୍ଗା ଅଞ୍ଚଳର ଶିବରାମ ପ୍ରଧାନ ଏବଂ ନରସିଂହପୁର କନ୍ଦାଲୁ ଗ୍ରାମର ସୁନୀଲ କୁମାର ଜେନା। ହିନ୍ଦୋଳ ପୁଲିସ୍ ଏ ସଂକ୍ରାନ୍ତରେ ୧୫୧/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



- ଗାର୍ଡ ଅଫ୍ ଅନର୍ ସହ ପ୍ରହ୍ଲାଦଙ୍କ ଶେଷକୃତ୍ୟ ସମ୍ପନ୍ନ
- ୩୦ ଲକ୍ଷର ଅନୁକମ୍ପା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଅପରପକ୍ଷେ, ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିବା ସହ ପ୍ରହ୍ଲାଦଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ଏହାସହ ତାଙ୍କ ପରିବାରକୁ ୩୦ଲକ୍ଷର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ସେହିପରି ଘଟଣାସ୍ଥଳକୁ ଯାଇ ଅଧିକ ତଦନ୍ତ କରିବାକୁ ପିସିସିଏଫଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ବ୍ୟବଚ୍ଛେଦ ପରେ ପ୍ରହ୍ଲାଦଙ୍କୁ କାମାକ୍ଷାନଗର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗାର୍ଡ-ଅଫ୍-ଅନର୍ ପ୍ରଦାନ କରାଯାଇଥିଲା। ଜଙ୍ଗଲ, ପରିବେଶ ବିଭାଗ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ପିସିସିଏଫ୍, ଆରସିସିଏଫ, ଡିଏଫଓ, ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଏସପି ଅଭିନବ ସୋନକରଙ୍କ ସମେତ ବହୁ ପଦାଧିକାରୀ ଏବଂ ଲୋକପ୍ରତିନିଧି ତାଙ୍କ ଶେଷ ଦର୍ଶନ କରିଥିଲେ। ଶେଷରେ ଗାଁ ଶ୍ମଶାନରେ ପ୍ରହ୍ଲାଦଙ୍କ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା। ସୂଚନାଯୋଗ୍ୟ, ୨୦୦୯ ରୁ ପ୍ରହ୍ଲାଦ ଫରେଷ୍ଟଗାର୍ଡ ଭାବେ ଯୋଗଦେଇ ଅନେକ ପ୍ରଶଂସା ସାଉଁଟିଥିଲେ। ଏପରିକି ବିଭାଗ ପକ୍ଷରୁ ମଧ ତାଙ୍କୁ ଶ୍ରେଷ୍ଠ ବନକର୍ମଚାରୀ ଭାବେ ସମ୍ମାନିତ ମଧ କରାଯାଇଥିଲା। ପ୍ରହ୍ଲାଦଙ୍କ ଘରେ ତାଙ୍କର ବିଧବା ପତ୍ନୀଙ୍କ ସହ ୬ ବର୍ଷର ଝିଅ ରହିଛି। ଘଟଣାକୁ ନେଇ ଡିଏଫ୍‌ଓ ସୁମିତ କର ଗଭୀର ଶୋକ ପ୍ରକାଶ କରିଛନ୍ତି।


**ADMISSION NOTICE**
**ROURKELA LAW COLLEGE, ROURKELA**
(Affiliated to Madhusudan Law University & BCI. Accredited by NAAC)
Admission into 1st Semester of 3 years LL.B. Degree Course (CBCS System) for the session 2025-2026

ELIGIBILITY: - 45% in Graduation or equivalent for General Candidates and 40% for ST/SC Candidates.

Application form will be available in the College Office from 8.30 A.M to 10.30 A.M from 26.05.2025 on payment of Rs. 500/- on cash by hand and Rs. 800/- by Registered Post or download from college website www.rourkelalawcollege.in and submit along with a Demand Draft of Rs. 500/-

In Campus Hostel available for Girls only.

For Admission Contact:- Mobile No.: 9439025508, 8249701300, 8249872894, 7992799527, 7606882907, 9937129994 and Mobile No.: 9337796064.

Sd/-
Principal

**SALE**
Booking Open 2/3 BHK Flats BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara, GADHWAL HEIGHTS, Gautam Nagar, Bhubaneswar.
Contact
GADHWAL GROUP
M.: 9437015112

**NOTICE**
By virtue of an affidavit sworn before The Notary Public, Keonjhar dated 02.05.2025, I, Lahari Munda, Address: At-Trilochanpur, Po-Nischintapur, Ps-Jhumpura, Dist-Keonjhar, Pin-758047, Odisha declare that I have changed my name from Pande Purty to Lahari Munda. Henceforth, I shall be known as Lahari Munda for all purposes.
LAHARI MUNDA

**AFFIDAVIT**
By virtue of an affidavit sworn before Notary Public Titilagarh, dated 23/05/2025 I, Ipsita Sarangi , Address At- Hatpada Pada, Po/Ps- Titilagarh, Dist- Balangir, Odisha Pin- 767033 declare that I have changed my name from Sushree Ipsita Sarangi to Ipsita Sarangi. Henceforth, I shall be known as Ipsita Sarangi for all purposes.
Ipsita Sarangi

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ନଂ. ST-SBP-TENDER-2025-13, ତା.19.05.2025ରିଖ
କାର୍ଯ୍ୟର ନାମ: ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳରେ ଟ୍ରାକ୍ସନ ବିତରଣ ପ୍ରବନ୍ଧନ ପ୍ରଣାଳୀ (TDMS) ଏବଂ ୟୁଜର ଡିପୋ ମଡ୍ୟୁଲ (UDM) ପାଇଁ ଇନ୍‌ଷ୍ଟ୍ରକ୍ଟର ର ବ୍ୟବସ୍ଥା ସମ୍ବନ୍ଧରେ ସମ୍ବଲପୁର ମଣ୍ଡଳର 13 ସଂଖ୍ୟକ ଡିପୋ (ବରଗଡ଼, ରେଢ଼ାଖୋଲ, ସମ୍ବଲପୁର ସିଟୀ, ରେଙ୍ଗାଲି, ବରଗଡ଼ ରୋଡ୍, ବଲାଙ୍ଗୀର, ଟିଟିଲାଗଡ଼, ରୁପ୍ରା ରୋଡ୍, ମୁନିଗୁଡ଼ା, ଭବାନିପାଟଣା, କଣ୍ଟାବାଞ୍ଜି, ଖରିଆର ରୋଡ୍ ଏବଂ ମହାସମୁନ୍ଦ) ଏବଂ 06 ସଂଖ୍ୟକ PSI ଡିପୋ (ରେଢ଼ାଖୋଲ, ସମ୍ବଲପୁର ସିଟୀ, ଖରିଆର ରୋଡ୍, ବଲାଙ୍ଗୀର, ଟିଟିଲାଗଡ଼ ଏବଂ ମୁନିଗୁଡ଼ା) ପର୍ଯ୍ୟନ୍ତ ରେଲନେଟ୍ ର ବିସ୍ତାର।
ଟେଣ୍ଡର ମୂଲ୍ୟ : ₹ 68,30,702.89, ବିଡ୍ ସିକ୍ୟୁରିଟୀ: ₹ 1,36,600/-
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.10.06.2025ରିଖ 1100 ଘଣ୍ଟିକାରେ।
ଏହି ଇ-ଟେଣ୍ଡର ନିମନ୍ତେ ଦାଖଲ ହୋଇଥିବା ... www.ireps.gov.in ...
ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ (ନେଟି), ସମ୍ବଲପୁର
PR-164/Q/25-26

**AFFIDAVIT**
I, Sraban Kumar Budankailu Subudhi, S/o- Purna Chandra Subudhi, resident of Flat No. B-904, Z1 Vyom Apartment, Nandankanan Road, Raghunathpur, Dist.-Khordha, Odisha- 751024 declare by this affidavit No. 69 dated 04.11.2024 that now onwards I shall be known as SRABAN KUMAR SUBUDHI for all future purposes.

**AFFIDAVIT**
By virtue of an affidavit sworn before (Executive Magistrate) Koraput, 23-05-2025 I, Satyanarayan Jalli Banabharati Colony, Koraput declare that I have changed the name of my son from Santosh Jalli to Sandesh Kumar Jalli Henceforth,he shall be known as Sandesh Kumar Jalli for all purposes.
Satyanarayan Jalli

**AFFIDAVIT**
By virtue of an affidavit sworn before Notary Public Titilagarh, dated 23/05/2025 I, Dingara Chhatara , Address At/Po-Ghantabahali, Ps- Titilagarh, Dist-Balangir, Odisha, Pin- 767033 declare that I have changed my daughter's name from Tapaswani Chhatar to Tapaswini Chhatar. Henceforth, she shall be known as Tapaswini Chhatar for all purposes.
Dingara Chhatara

**AFFIDAVIT**
By virtue of an affidavit No.6237, Dtd.19.05.2025 sworn before the Executive Magistrate, Balasore I, Jharana Parida, D/o.Murali Parida, At./Po.: Mirjapur, Ps.-Khaira, Dist. Balasore, Odisha, declare that in my Adhar vide no. 711281800140 and Enrollment No. 1092/20226/02244, my sister's photo i,e. Sasmita Parida is attached by the concern authority. Henceforth, this Affidavit is required for attached myself photo in my Adhar card.

**AFFIDAVIT**
I, Kumar Aryan, S/O-Paiticheti Anjan Subudhi, resident of Plot No-70, Madhusudan Nagar, Unit-4, Ps- Kharavela Nagar, Bhubaneswar, Dist-Khordha, Odisha, Pin-751001 declared by this affidavit No. 1067, dtd. 24/05/2025 that now onwards I shall be known as KUMAR ARYAN SUBUDHI for all future purposes.

**AFFIDAVIT**
I, Alema Parween, W/o- Shaikh Riyazuddin, resident of Chandpur, Po/Ps-Brahmabarada, Dist-Jajpur, Pin-755005 Odisha decl-are by this affidavit No.4672 dtd.-21/05/2025 that now onw-ards I shall be known as ALEMA BIBI for all future purposes.

**AFFIDAVIT**
By virtue of an affidavit No.6238, Dtd.19.05.2025 sworn before the Executive Magistrate, Balasore, I, Sasmita Parida, D/o. Tulasi Parida, At./Po.: Mirjapur, Ps.- Khaira, Dist. Balasore, Odisha, declare that in my Adhar vide no. 977696737445 and Enrollment No. 1092/10221/06604, my sister's photo i,e. Jharana Parida is attached by the concern authority. Henceforth, this Affidavit is required for attached myself photo in my Adhar card.

**AFFIDAVIT**
By virtue of an affidavit sworn before the Executive Magistrate, Baripada, Mayurbhanj; I Ramakanta Patra, S/O Gradadhara Patra, resident At-Dharampur, P.O - Brundabanachandrapur, P.S - Khunta, Dist - Mayurbhanj, Pin - 757087, declare that this affidavit no - 3371, dated - 23.05.2025.That I have changed my daughter's name from Gunman Patra to Gunjan Patra; henceforth, she shall be known as Gunjan Patra for all purposes.
Sd/- Ramakanta Patra

**AFFIDAVIT**
By virtue of an affidavit sworn before Notary Public Titilagarh, dated 21/05/2025 I, Pabitra Majhi, Address At- Kharsel Pada, Po- Kuskela, Ps- Sindhekela, Dist-Balangir, Odisha, Pin- 767066 declare that I have changed my name from Krushna Chandra Majhi to Pabitra Majhi. Henceforth, I shall be known as Pabitra Majhi for all purposes.
Pabitra Majhi

**AFFIDAVIT**
By virtue of an affidavit sworn before Notary Public Titilagarh, dated 24/05/2025 I, Pradyumna Tandi, Address At/Po- Haldi, Ps-Muribahal, Dist- Balangir, Odisha, Pin- 767037 declare that I have changed my name from Nila Madhaba Tandi to Pradyumna Tandi. Henceforth, I shall be known as Pradyumna Tandi for all purposes.
Pradyumna Tandi

**AFFIDAVIT**
I, Priyadarsini Pattnaik, W/o- Sovan Pattnaik, resident of Plot No. PP-30, Pandav Nagar, Road No-4, PO- Badagada BRIT Colony, PS-Badagada, PIN- 751018, Odisha declared by this affidavit No. 951, dtd-30/04/2025 that now onwards I shall be known as PRIYADARSINI DAS for all future purposes.

### ପାଞ୍ଚ ବର୍ଷ ହେଲା ଚାଲିଛି କାଳିଗିରି ପୋଲ ନିର୍ମାଣ

# ୪ ବର୍ଷ ହେଲା ସରିଲାଣି ଅବଧି; ଲୋକେ ହନ୍ତସନ୍ତ

ଭାପୁର,୨୪।୫(ସମିସ)



ଅଞ୍ଚଳର ବିକାଶ ଏହାର ଗମନାଗମନ ଓ ରାସ୍ତାଘାଟ ଉପରେ ନିର୍ଭର କରିଥାଏ। ମାତ୍ର ଠିକାଦାରଙ୍କ ମନମାନୀ ଓ ପ୍ରଶାସନିକ ଖାମଖିଆଲି ଯେ କିପରି ଲକ୍ଷ ଲକ୍ଷ ଲୋକଙ୍କ ପ୍ରଗତିରେ ବାଧକ ହୋଇପାରେ ତାହା ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ କାଳିଗିରି ପୋଲ ଏକ ଜ୍ୱଳନ୍ତ ଉଦାହରଣ। ୫ ବର୍ଷ ହେଲାଣି ଏହି କାମ ଚାଲିଥିବାବେଳେ ୪ ବର୍ଷ ହେଲାଣି ଏହି କାର୍ଯ୍ୟର ଅବଧି ଶେଷ ହୋଇଗଲାଣି। ଖୋର୍ଦ୍ଧା ଜିଲ୍ଲା ବାଘମାରିଠାରୁ କଳାପଥର, ଫତେଗଡ଼, କଣ୍ଟିଲୋ ଦେଇ ନୟାଗଡ଼ ଜିଲ୍ଲା ଦଶପଲ୍ଲା ଯାଇଥିବା ୪୮ ନମ୍ବର ରାଜ୍ୟ ରାଜପଥର ଫତେଗଡ଼ଠାରେ ଥିବା କାଳିଗିରି ପୋଲଟି ପୂର୍ବରୁ ନିଚା ଥିବାରୁ ମହାନଦୀର ବନ୍ୟା ପାଣି ଆସିଲେ ଏହା ବୁଡ଼ି ଯାଇଥାଏ। ନୟାଗଡ଼ ଜିଲ୍ଲାର ଭାପୁର, ଖଣ୍ଡପଡ଼ା, ଗଣିଆ ଓ ଦଶପଲ୍ଲା ବ୍ଲକ୍‌ର ଜୀବନରେଖା ଭାବେ ପରିଚିତ ଏହି ରାସ୍ତା। ଏହି ପୋଲ ଯୋଗୁଁ ବର୍ଷା ଦିନେ ରାଜଧାନୀ ସହ ଅନେକ ସମୟରେ ଅଞ୍ଚଳବାସୀଙ୍କ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥାଏ। ଅଞ୍ଚଳବାସୀଙ୍କ ବାରମ୍ବାର ଦାବି ପରେ ରାଜ୍ୟ ସରକାର ଏହି ନଦୀ ଉପରେ ଏକ ନୂତନ ପୋଲ ନିର୍ମାଣ ପାଇଁ ୧୯ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ପୋଲର ଉଚ୍ଚତା ଅଧିକ ହେବା ସହ ଅଧିକ ପ୍ରଶସ୍ତ ମଧ୍ୟ ହେବ। ଏହାର ଟେଣ୍ଡର ଭୁବନେଶ୍ୱରର ଲକ୍ଷଣାଜା ପ୍ରୋଜେକ୍ଟ ପ୍ରାଇଭେଟ୍ ଲିମିଟେଡ୍ କାମ ନେଇ ୨୦୨୧ରୁ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହାର ନିର୍ମାଣ କାର୍ଯ୍ୟ ୨୦୨୨ ଏପ୍ରିଲ ମାସରେ ସରିବା କଥା। ମାତ୍ର ନିର୍ମାଣ ସମ୍ପୂର୍ଣ୍ଣ ହେବାର ଅବଧି ସରିବାର ୪ବର୍ଷ ପରେ ବି ଏହା ସମ୍ପୂର୍ଣ୍ଣ ହୋଇପାରୁ ନାହିଁ। ଏହାର ନିର୍ମାଣ ଆହୁରି ୧ ବର୍ଷ ଲାଗିବ ବୋଲି କୁହାଯାଉଛି। ଠିକାଦାରଙ୍କ ଏପରି ମନମାନୀ ଓ ଶିଥିଳତା ପଛରେ ବିଭାଗୀୟ ବଡ଼ପଣ୍ଡାମାନଙ୍କ ଆଶୀର୍ବାଦ ରହିଛି। ଏପରିକି ଠିକାଦାର ବିଭାଗୀୟ ଯନ୍ତ୍ରୀଙ୍କ କଥାକୁ କୁଆଡ଼େ କର୍ଣ୍ଣପାତ କରୁନାହିଁ ବୋଲି ଆଲୋଚନା ହେଉଛି। ଏକ ସପ୍ତାହ ଭିତରେ ଓଡ଼ିଶାରେ ଆସି ମୌସୁମୀ ପହଞ୍ଚିଯିବ। ଗୋଟିଏ ଦୁଇଟି ବଡ଼ ଧରଣର ବର୍ଷା ହେଲେ ଏହାର ଅସ୍ଥାୟୀ ରାସ୍ତା ବୁଡ଼ିଯିବା ସହ ଶ୍ରମିକମାନେ ରହୁଥିବା ଅସ୍ଥାୟୀ ଘର ମଧ୍ୟ ବୁଡ଼ିଯିବ। ଏପରି ଅବସ୍ଥାରେ ତୁରନ୍ତ ଏହାର ନିର୍ମାଣ କାର୍ଯ୍ୟ ସାରିବାକୁ ଦାବି ହେଉଛି। ଜିଲ୍ଲାପାଳ ନିଜେ ଏହାର ସମୀକ୍ଷା କଲେ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ବୋଲି ଜନସାଧାରଣ ଆଶା କରୁଛନ୍ତି।

### ଯୁବତୀଙ୍କୁ ବିବାହ କରିବାକୁ ମନା କରିବାରୁ...

# ଯୁବକଙ୍କ ପରିବାରକୁ ନିଆଁ, ପାଣି ବାସନ୍ଦ

**କାଟିଦେଲେ ବିଦ୍ୟୁତ୍ ସଂଯୋଗ**

କଣାସ, ୨୪।୫ (ସମିସ): ଯୁବତୀଙ୍କୁ ବିବାହ କରିବାକୁ ମନା କରିଦେବାରୁ କଙ୍ଗାରୁ କୋର୍ଟରେ ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ପରିବାରକୁ ପରିବାରକୁ ନିଆଁ, ପାଣି ବାସନ୍ଦ। ତାଙ୍କ ପରିବାରକୁ ମନ୍ଦିର ଓ ଦୋକାନରୁ ସଉଦା କିଣିବାକୁ ମଧ୍ୟ ବାରଣ କରାଯାଉଛି। ଏପରିକି, ତାଙ୍କ ଘରର ବିଦ୍ୟୁତ୍ ସଂଯୋଗ ମଧ୍ୟ ବିଚ୍ଛିନ୍ନ କରିଦେଇଛନ୍ତି। ମାସେ କି ଦୁଇ ମାସ ନୁହେଁ, ପାଖାପାଖି ୧୧ ମାସ ହେଲା କଣାସ ବ୍ଲକ୍ ବଡ଼ାଲ ପଞ୍ଚାୟତ ଓଗାଳପୁର ଗ୍ରାମର ଲକ୍ଷ୍ମୀଧର ପଲାଇଙ୍କ ପରିବାରକୁ ଏମିତି ବାସନ୍ଦ ଜୀବନ ବିତାଇବାକୁ ପଡୁଛି। ଏଥିରେ ଅତିଷ୍ଠ ହୋଇ ଲକ୍ଷ୍ମୀଧର ଗଡ଼ିଶାଗୋଦା ଥାନାରେ ଅଭିଯୋଗ କରିଛନ୍ତି। ଲକ୍ଷ୍ମୀଧରଙ୍କ ଝିଅ ମଧ୍ୟ ପୂର୍ବରୁ ଏ ସଂପର୍କରେ ସେ ପୁରୀ ଏସ୍‌ଡିପିଓଙ୍କୁ ସାକ୍ଷାତ କରି ଅଭିଯୋଗ କରିସାରିଛନ୍ତି। ମିଳିଥିବା ସୂଚନାନୁଯାୟୀ, ଗ୍ରାମର ଜଣେ ଯୁବତୀଙ୍କ ସହ ଲକ୍ଷ୍ମୀଧରଙ୍କ ପୁଅ ମନୋଜ ପଲାଇଙ୍କ ୫ ବର୍ଷ ଧରି ସଂପର୍କ ଥିଲା। ମନୋଜ ତାଙ୍କୁ ବିବାହ ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପରେ ମନା କରିଦେବାରୁ ଯୁବତୀଜଣଙ୍କ ତାଙ୍କ ଘର ସମ୍ମୁଖରେ ଧାରଣା ଦେଇଥିଲେ। କଥା ବଢ଼ିବାରୁ, ଗ୍ରାମବାସୀମାନେ କଙ୍ଗାରୁ କୋର୍ଟ ବସାଇ ମାମଲାର ଫଇସଲା କରିଥିଲେ। କେତେକ ଭଦ୍ରବ୍ୟକ୍ତିଙ୍କୁ ଡକାଇ ହାଡ଼ିବନ୍ଧୁଙ୍କ ସଭାପତିତ୍ୱରେ ଗଡ଼ିଶାଗୋଦା ଥାନା ନିକଟରେ ଏକ ବୈଠକ ବସିଥିଲା। ଏଥିରେ ମନୋଜ ଓ ଉକ୍ତ ଯୁବତୀଙ୍କୁ ମଧ୍ୟ ଡକାଯାଇଥିଲା। ତେବେ ମନୋଜ ଉକ୍ତ ଯୁବତୀଙ୍କୁ ବିବାହ କରିବେ ନାହିଁ ବୋଲି ମନା କରିଦେବାରୁ ତାଙ୍କ ପରିବାରକୁ ନିଆଁ, ପାଣି ବାସନ୍ଦ କରିଦିଆଯାଇଥିଲା। ଏହାସହ ଯୁବତୀଜଣଙ୍କ ମଧ୍ୟ ଏ ସଂପର୍କରେ ଥାନାରେ ଏତଲା ଦେଇଥିଲେ। ଗଡ଼ିଶାଗୋଦା ପୁଲିସ୍ ଅଭିଯୋଗକୁ ଭିତ୍ତି କରି ମନୋଜ, ବାପା ଲକ୍ଷ୍ମୀଧର ପଲାଇ, ମାଆ ଖୁଲଣାଙ୍କ ନାମରେ ମାମଲା ରୁଜୁ କରି କରିଥିଲେ। ଲକ୍ଷ୍ମୀଧର ଓ ଖୁଲଣାଙ୍କୁ ହାଇକୋର୍ଟରୁ ଜାମିନ ମିଳି ଯାଇଥିବା ବେଳେ ମନୋଜଙ୍କୁ ପୁଲିସ୍ କୋର୍ଟଚାଲାଣ କରିଥିଲେ। ମନୋଜ ୨୨ ଦିନ ଧରି ଜେଲ୍‌ରେ ରହିବା ପରେ ଜାମିନରେ ଆସିଥିବାବେଳେ କୋର୍ଟରେ ମାମଲା ଚାଲୁ ରହିଛି। ତେବେ ଗ୍ରାମବାସୀମାନେ ମଝିରେ ଲକ୍ଷ୍ମୀଧରଙ୍କ ଘରର ବିଦ୍ୟୁତ୍ ସଂଯୋଗ କାଟି ଦେଇଥିଲେ। ଏନେଇ ଅଭିଯୋଗ ହେବା ପରେ ପୁଣିଥରେ ସଂଯୋଗ କରାଯାଇଥିଲା। କିନ୍ତୁ ପୁଣିଥରେ କିଛି ଗ୍ରାମବାସୀ ତାଙ୍କ ଘରର ବିଦ୍ୟୁତ୍ କାଟିଦେବାରୁ ଲକ୍ଷ୍ମୀଧର ଗଡ଼ିଶାଗୋଦା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ପୁଲିସ୍ ଏକ ମାମଲା ରୁଜୁ କରିଛି। ବିଦ୍ୟୁତ୍ ସରବରାହ ଯୋଗାଇବା ପାଇଁ କଣାସ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ପାଖକୁ ଲକ୍ଷ୍ମୀଧରଙ୍କୁ ପଠାଇଛନ୍ତି। ଖବର ପାଇ କନିଷ୍ଠ ଯନ୍ତ୍ରୀ ବିଦ୍ୟୁତ୍ ସରବରାହ ଚାଲୁ କରିଥିଲେ।

## ଛାମୁଣ୍ଡିଆ ବନାଞ୍ଚଳରେ ମାଂସାସୀ ଓ ତୃଣଭୋଜି ପ୍ରାଣୀ ଗଣନା

ଗଣିଆ,୨୪।୫(ସମିସ): ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳରେ ଗତ ୧୯ ତାରିଖଠାରୁ ଆରମ୍ଭ ହୋଇଥିବା ମାଂସାସୀ ଓ ତୃଣଭୋଜି ବନ୍ୟପ୍ରାଣୀଙ୍କ ଗଣନା ଶନିବାର ଶେଷ ହୋଇଛି। ଛାମୁଣ୍ଡିଆ ବନାଞ୍ଚଳରେ ବନ କର୍ମଚାରୀଙ୍କ ୧୧ଟି ଟିମ୍ ଗଠନ କରାଯାଇ ଗଣନା କରାଯାଇଥିଲା। ୧୧ଟି ବିଟ୍ ହାଉସ୍‌କୁ ନେଇ ୧୧ ଟିମ୍‌ରେ ୩୩ ଜଣ ବନ କର୍ମଚାରୀ ଓ ଅସ୍ଥାୟୀ ବନ କର୍ମଚାରୀ ନିୟୋଜିତ ହୋଇଥିଲେ। ଗତ ୧୯, ୨୦ ଓ ୨୧ ତାରିଖରେ ମାଂସାସୀ ବନ୍ୟପ୍ରାଣୀ ଓ ୨୨, ୨୩, ୨୪ ତାରିଖରେ ତୃଣଭୋଜି ବନ୍ୟପ୍ରାଣୀଙ୍କର ଗଣନା କରାଯାଇଥିଲା। ଏଥିସହ ଗଛଲତା, ଗୁଳ୍ମ, ଘାସ ଆଦି ଗଣନା କରାଯାଇଥିଲା। ବନ କର୍ମଚାରୀମାନେ ଜଙ୍ଗଲର ବିଭିନ୍ନ ସ୍ଥାନରେ ଟ୍ରାଞ୍ଜିଟ୍ ଲାଇନ୍ (ପିଆଇପି) ଦ୍ୱାରା ମାଂସାସୀ ବନ୍ୟପ୍ରାଣୀଙ୍କର ପାଦଚିହ୍ନକୁ ଅନୁସରଣ କରି ଗଣନା କରିଛନ୍ତି। ସେହିପରି ବନ୍ୟପ୍ରାଣୀମାନଙ୍କର ଗର୍ଜନ୍, ରାମ୍ପୁଡ଼ା ଦାଗ ଓ ମଳ ଆଦିକୁ ଦେଖି ଗଣନା କରାଯାଇଥିଲା। ଏତଦ୍‌ବ୍ୟତୀତ ଜଙ୍ଗଲରେ ଲାଗିଥିବା କ୍ୟାମେରା ଦ୍ୱାରା ବନ୍ୟଜନ୍ତୁ ଗଣନା କରାଯାଇଛି। ତେବେ ବନଖଣ୍ଡର ୪ଟି ବନାଞ୍ଚଳର ତଥ୍ୟକୁ ନେଇ ତର୍ଜମା କଲାପରେ ମାଂସାସୀ ଓ ତୃଣଭୋଜିମାନଙ୍କର ସଂଖ୍ୟା ଜଣାପଡ଼ିବ ବୋଲି ଛାମୁଣ୍ଡିଆ ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀନାରାୟଣ ପଣ୍ଡା ସୂଚନା ଦେଇଛନ୍ତି।

## ଖଇରଗାଡ଼ିଆ ଝିଅ ଜିଲ୍ଲାରେ ତୃତୀୟ



ଭାପୁର,୨୪।୫(ସମିସ): ସମ୍ପ୍ରତି +୨ ପରୀକ୍ଷା ଫଳ ପ୍ରକାଶିତ ହୋଇଯାଇଛି। ଏହି ପରୀକ୍ଷାରେ ଭାପୁର ବ୍ଲକ୍ ଭାପୁର ପଞ୍ଚାୟତ ଖଇରଗାଡ଼ିଆ ଗ୍ରାମର ଝିଅ ଆକାଂକ୍ଷା ଆକସ୍ମିକା ୫୬୯ ନମ୍ବର ରଖି ଜିଲ୍ଲାରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ। ସେ ଜଣେ ମେଧାବୀ ଛାତ୍ରୀ ଭାବେ ମାଟ୍ରିକ୍ ପରୀକ୍ଷାରେ ମଧ୍ୟ ୯୩% ନମ୍ବର ରଖିଥିଲେ। ସେ ଜଣେ ଉତ୍ତମ ଛାତ୍ରୀ ସହ ଭଲ ନୃତ୍ୟଶିଳ୍ପୀ ମଧ୍ୟ ଅଟନ୍ତି। ସେ ଭବିଷ୍ୟତରେ ଜଣେ ଡାକ୍ତର ହୋଇ ଲୋକମାନଙ୍କ ସେବା କରିବା ଲକ୍ଷ୍ୟ ରଖିଛନ୍ତି ବୋଲି କହିଛନ୍ତି।

## ଆମ୍ବ ଡାଳ ପଡ଼ି ଭାଙ୍ଗିଗଲା ଉଦ୍ୟାନ ବିଭାଗ ପାଚେରି

ଖଣ୍ଡପଡ଼ା,୨୪।୫(ସମିସ): ଖଣ୍ଡପଡ଼ା ଉଦ୍ୟାନ ବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିବା ବାହ୍ୟ ପାଚେରି ଉପରେ ଆମ୍ବ ଗଛର ଏକ ଡାଳ ଭାଙ୍ଗି ପଡ଼ିବାରୁ ପ୍ରାଚୀରର କିଛି ଅଂଶ କ୍ଷତିଗ୍ରସ୍ତ ହୋଇଛି। କାଳବୈଶାଖୀ ବର୍ଷା ଓ ପବନ ଯୋଗୁଁ ଏକ ବିରାଟକାୟ ଶୁଖିଲା ଆମ୍ବ ଗଛର ଡାଳ ଭାଙ୍ଗି ପଡ଼ିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡ଼ିଛି। ଏଥିପ୍ରତି ଉଦ୍ୟାନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ କ୍ଷତିଗ୍ରସ୍ତ ହୋଇଥିବା ବାହ୍ୟ ପ୍ରାଚୀରର ଆନୁଷଙ୍ଗିକ ମରାମତି କରିବାକୁ ସାଧାରଣରେ ଦାବି ହୋଇଛି।

## ଖଣ୍ଡପଡ଼ାରେ ତ୍ରିରଙ୍ଗା ଶୋଭାଯାତ୍ରା

ଖଣ୍ଡପଡ଼ା,୨୪।୫(ସମିସ): ଅପରେସନ ସିନ୍ଦୂର ଜରିଆରେ ଭାରତୀୟ ସେନାବାହିନୀର ଅସୀମ ତ୍ୟାଗ ଓ ବଳିଦାନକୁ ସମ୍ମାନ ଜଣାଇ ଖଣ୍ଡପଡ଼ା ବ୍ଲକ୍ ଅଧୀନ ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନଙ୍କ ପୀଠରୁ ଏକ ତ୍ରିରଙ୍ଗା ଶୋଭାଯାତ୍ରା ଶୁକ୍ରବାର ଅପରାହ୍ଣରେ ବାହାରି ଖଳିସାହି ଗ୍ରାମ ଓ ପରେ ଖଣ୍ଡପଡ଼ା ସହର ପରିକ୍ରମା କରି ମଧୁବନ ମିନି ଷ୍ଟାଡିୟମ୍ ପରିସରରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ବିଜେପି ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା, ଯୁବ ସଂଗଠକ ଜିତେନ୍ଦ୍ର କୁମାର କାଟିଆ, କିଶୋର ବେହେରା, ପରମେଶ୍ୱର ମହାନ୍ତି, ବାପିନା ସାହୁଙ୍କ ସମେତ ଅନ୍ୟମାନେ ସାମିଲ୍ ହୋଇଥିଲେ।

## ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର

ଖଣ୍ଡପଡ଼ା,୨୪।୫(ସମିସ): ଖଣ୍ଡପଡ଼ା ବ୍ଲକ୍ ଅଧୀନ ରୟତ ଢୋଲମରା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ମୁକୁତା ପରିଡ଼ା, ସମିତିସଭ୍ୟ ମାନସ କୁମାର ଦାଶ ଅତିଥି ରୂପେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। କଟକ ଅର୍ବାନ ହସ୍ପିଟାଲର ଅଭିଜ୍ଞ ଚକ୍ଷୁ ଚିକିତ୍ସକମାନେ ଶିବିରରେ ଉପସ୍ଥିତ ରହି ଜନସାଧାରଣଙ୍କ ଚକ୍ଷୁ ପରୀକ୍ଷା କରିବା ସହ ସେମାନଙ୍କୁ ଚଷମା ପ୍ରଦାନ କରିଥିଲେ। ଡ. ସ୍ୱୟଂ ପ୍ରକାଶ ପାଣି ଓ ସହଯୋଗୀମାନେ ଜନସାଧାରଣଙ୍କର ମୋତିଆବିନ୍ଦୁ ପରୀକ୍ଷା କରିବା ସହ ମଧୁମେହ ଓ ରକ୍ତଚାପ ପରୀକ୍ଷଣ କରି ଆବଶ୍ୟକୀୟ ପରାମର୍ଶ ପ୍ରଦାନ କରିଥିଲେ। ସାମ୍ବାଦିକ ସଦାଶିବ ପାତ୍ର, କନକଲତା ପ୍ରଧାନ ଓ ସ୍ଥାନୀୟ ଅଞ୍ଚଳର ସ୍ୱେଚ୍ଛାସେବୀମାନେ ଶିବିର ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ।

## ରାସ୍ତା ଉପରେ ଜମିଛି ବର୍ଷା ଜଳ; ଯାତାୟାତ ବାଧା

ଓଡ଼ଗାଁ,୨୪।୫(ସମିସ): ନୟାଗଡ଼ ଓଡ଼ଗାଁ ଦେଇ ଭଞ୍ଜନଗର ଅଭିମୁଖେ ଯାଇଥିବା ରାଜ୍ୟ ରାଜପଥର ଓଡ଼ଗାଁ ନିକଟ ରଙ୍ଗଣିପାଟଣା ଛକରେ ବର୍ଷାଜଳ ଜମିଯିବା



ଫଳରେ ସାଧାରଣ ଯାତାୟାତ ବାଧାପ୍ରାପ୍ତ ହୋଇଛି। ରାସ୍ତା ପାଖରେ ଅନେକ ଗୃହ ନିର୍ମାଣ ଚାଲିଥିବା ଯୋଗୁଁ ବର୍ଷାଜଳ ନିଷ୍କାସନ ବାଧାପ୍ରାପ୍ତ ହେବା ଫଳରେ ଏଭଳି ସମସ୍ୟା ଦେଖାଦେଉଛି। ଅପରପକ୍ଷରେ ଗୃହ ନିର୍ମାଣକାରୀ, ରାସ୍ତା ପାଖର୍ ଘର ସାମ୍ନାରେ ମୋରମ୍ ପକାଇଥିବା ସ୍ଥାନ ଉପର ଦେଇ କୌଣସି ଯାନ ଚାଲିଯାଇଥିଲେ ସେଠାରେ ସାଧାରଣ ଯାତ୍ରୀଙ୍କ ଅବସ୍ଥା କହିଲେ ନସରେ। ଛକଟି ସାଧାରଣତଃ ସର୍ବଦା ଭିଡ଼ ଲାଗିରହୁଥିବାରୁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ବହୁ ଦୁର୍ଦ୍ଦଶା ଭୋଗିବାକୁ ପଡୁଛି। ସାମାନ୍ୟ ବର୍ଷାରେ ପାଣି ଜମୁଥିବାବେଳେ ବର୍ଷା ଋତୁରେ ଅବସ୍ଥା ଅସମ୍ଭାଳ ହୋଇପଡ଼ିବା ସମ୍ଭାବନା ରହିଛି। କର୍ତ୍ତୃପକ୍ଷଙ୍କ ସାମାନ୍ୟ ଦୃଷ୍ଟି ପଡ଼ିଲେ ସମସ୍ୟାର ସହଜ ସମାଧାନ ହୋଇପାରିବ।

## ମଝିଆଖଣ୍ଡରେ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ



ରଣପୁର,୨୪।୫(ସମିସ): ରଣପୁର ବ୍ଲକ୍ ଅନ୍ତର୍ଗତ ମଝିଆଖଣ୍ଡ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କିଓର ବେ କ୍ଲିନିକ୍ ତରଫରୁ ୮୦% ରିଆତି ଦରରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ତଥା ମାଗଣା ଚକ୍ଷୁ ଚିକିତ୍ସା କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଚାଲୁ ରହିଥିଲା। କିଓର ବେ ତରଫରୁ କ୍ଲଷ୍ଟର ମ୍ୟାନେଜର ରାଜିବ ମହାନ୍ତି, ଫାର୍ମାସିଷ୍ଟ ଦୀପକ ଖୁଣ୍ଟିଆ, ଷ୍ଟାଫ୍ ନର୍ସ ଏମ୍. ଦୀପ୍ତିମୟୀ, ମୋନାଲିସା ସାହୁ, କର୍ମଚାରୀ ସୁଧାକର ପ୍ରଧାନ, ସମ୍ରାଟ କେଶରୀ ନାୟକ, ଚକ୍ଷୁ ବିଭାଗ ଆଥୋର୍ମିକ୍ ଆସିଷ୍ଟାଣ୍ଟ ସୁମିତ୍ରା ହରିଚନ୍ଦନ, ସାଗର କୁମାରଙ୍କ ଉପସ୍ଥିତିରେ ପ୍ରାୟ ୨୫ରୁ ଊର୍ଦ୍ଧ୍ୱ ବ୍ୟକ୍ତି ସେମାନଙ୍କ ରକ୍ତ ପରୀକ୍ଷା କରିଥିଲେ। ମଧୁମେହ, ରକ୍ତଚାପ, ଥାଇରଏଡ୍, କୋଲେଷ୍ଟରେଲ୍, ଭିଟାମିନ୍, ଇସିଜି, ଚକ୍ଷୁ ଆଦି ପରୀକ୍ଷା କରାଯାଇଥିଲା। ରାମପୁର ମଝିଆଖଣ୍ଡ ଭଳି ଅଞ୍ଚଳରେ ସାଧାରଣ ଜନତା ଯେଭଳି ରିଆତି ଦରରେ ସ୍ୱାସ୍ଥ୍ୟସେବା ପାଇପାରିବେ ସେଥିପାଇଁ ଯୁବ ସମାଜସେବୀ ନୟାଗଡ଼ ଜିଲ୍ଲା ବିଜେଡି ଉପସଭାପତି ପ୍ରଫୁଲ୍ଲ କୁମାର ନାୟକ ଓ ସାଥି ସଞ୍ଜୟ କୁମାର ବାରିକଙ୍କ ସହଯୋଗରେ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶତାଧିକ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ରକ୍ତ ନମୁନା ପରୀକ୍ଷା, ୧୫ରୁ ଊର୍ଦ୍ଧ୍ୱ ଚକ୍ଷୁ ଚିକିତ୍ସା, ୧୦ରୁ ଊର୍ଦ୍ଧ୍ୱଙ୍କର ଇସିଜି କରାଯାଇଥିବା ଜଣାପଡ଼ିଛି।

## ବ୍ୟାଙ୍କ ଦ୍ୱାରା ମହିଳା ଗୋଷ୍ଠୀ ଶୋଷିତ; ସୁଧଛାଡ଼ ପାଲଟିଛି ପ୍ରହସନ

ଭାପୁର,୨୪।୫(ସମିସ): ପୁରୁଷ କୈନ୍ଦ୍ରିକ ସମାଜରେ ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରାଇ ସମାଜରେ ମହିଳାମାନଙ୍କ ଉତ୍ଥାନ ପାଇଁ ରାଜ୍ୟର ପୂର୍ବତନ ବିଜେଡି ସରକାର ମିଶନଶକ୍ତି ଯୋଜନା ଆରମ୍ଭ କରିଥିଲେ। ଯାହା ଅପାର ସଫଳତା ହାସଲ କରି ଦେଶର ଅନ୍ୟ ରାଜ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ହୋଇଥିଲା। ଘର କୋଣରେ ରହୁଥିବା ମହିଳାମାନେ ଏହି ଯୋଜନା ମାଧ୍ୟମରେ ଗାଁ ଗାଁରେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ବ୍ୟାଙ୍କଠାରୁ ସୁଧ ନେଇ ନିଜର ଓ ପରିବାରର ଆର୍ଥିକ ପ୍ରଗତୀ କରାଇ ପାରିଛନ୍ତି। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍‌ରେ ବର୍ତ୍ତମାନ ୧୩୧୦ଟି ମହିଳା ଗୋଷ୍ଠୀ ସରକାରୀ ଭାବେ ପଞ୍ଜିକୃତ ହୋଇଛି। ସେହି ଗୋଷ୍ଠୀଗୁଡ଼ିକ ମାଧ୍ୟମରେ ୧୩ ହଜାରରୁ ଅଧିକ ମହିଳା ଏହି ଯୋଜନାର ଉପକୃତ ହେଉଛନ୍ତି। ମାତ୍ର ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଆର୍ଥିକ ଅଭିବୃଦ୍ଧି ପାଇଁ ବ୍ୟାଙ୍କରୁ ବ୍ୟାବସାୟିକ ଋଣ ନେଇ ସଭ୍ୟାମାନେ ନିଜ ପରିବାରକୁ ଆଗକୁ ବଢ଼େଇଥାଆନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀମାନେ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ ବ୍ୟାଙ୍କରେ ଖାତା ଖୋଲି ପ୍ରତି ମାସରେ କିଛି ଟଙ୍କା ଜମା କରିବା ସହିତ ସରକାରଙ୍କ ଘୋଷଣା ଅନୁଯାୟୀ, ବିନା ସୁଧରେ ସେହି ବ୍ୟାଙ୍କରୁ ଋଣ ନେଇ ବ୍ୟାବସାୟିକ ଅଭିବୃଦ୍ଧି କରିଥାନ୍ତି। କିନ୍ତୁ ଏହି ସୁଯୋଗର ଫାଇଦା ଉଠାଇ ଭାପୁର ବ୍ଲକ୍‌ର କେତେକ ବ୍ୟାଙ୍କ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରଲୋଭିତ କରି ଋଣ ପ୍ରଦାନ କରୁଛନ୍ତି। ବିନା ସୁଧରେ ଗ୍ରୁପ୍ ଲୋନ୍ ବଦଳରେ କୃଷି ଋଣ ଦେଇ ପରେ ମାସକୁ ମାସ ସୁଧ ଟଙ୍କା ଗୋଷ୍ଠୀଙ୍କଠାରୁ ନେଉଛନ୍ତି ଏବଂ ରାଜ୍ୟ ସରକାର ସୁଧ ଟଙ୍କା ଫେରସ୍ତ କରିଲେ ଗୋଷ୍ଠୀମାନଙ୍କୁ ଫେରସ୍ତ ହେବ ବୋଲି କହୁଛନ୍ତି। ଗତ ବର୍ଷେ ହେଲା ନୂତନ ସରକାର ଆସିଲା ପରେ ଭାପୁର ବ୍ଲକ୍‌ର କୌଣସି ସ୍ୱୟଂ ସହାୟକ ଗୋଷ୍ଠୀ ସୁଧ ଟଙ୍କା ଫେରସ୍ତ ପାଇନାହାନ୍ତି ଯାହାକୁ ନେଇ ଗୋଷ୍ଠୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ମୂଳ ଜମା ସହିତ ସୁଧ ଟଙ୍କା ବ୍ୟାଙ୍କକୁ ଦେଇ ଶୋଷିତ ହେଉଥିବାବେଳେ ରାଜ୍ୟ ସରକାର ସୁଧ ଛାଡ଼ ଟଙ୍କା ଫେରସ୍ତ ନ କରିବା ଯୋଗୁଁ ଭାପୁର ବ୍ଲକ୍‌ରେ ମିଶନ ଶକ୍ତିର ମିଶନ ଫେଲ୍ ହେବାକୁ ବସିଛି ଏବଂ ବ୍ୟାଙ୍କମାନେ ନିଜର ଫାଇଦା ହାସଲ କରିବାରେ ଲାଗିଛନ୍ତି। ତେଣୁ ମିଶନଶକ୍ତିର ଅଧିକାରୀମାନେ ଏ ଦିଗରେ ଦୃଷ୍ଟି ଦେବା ପାଇଁ ଦାବି ହେଉଛି।

## ଓଡ଼ଗାଁ ବନ ବିଭାଗ କବ୍‌ଜାରେ ୩ ଶିକାରୀ

**୨ ବଣ୍ୟପ୍ରାଣୀଙ୍କ ସହିତ ଗୋଟିଏ ଦେଶୀ ବନ୍ଧୁକ, ଟାଙ୍ଗିଆ ଓ ୫ ଗୁଳି ଜବତ**



ଓଡ଼ଗାଁ,୨୪।୫(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବନାଞ୍ଚଳ କର୍ମଚାରୀମାନେ ବାଣ୍ଟପୁର ଜଙ୍ଗଲରେ ପାଟ୍ରୋଲିଂ କରୁଥିବାବେଳେ ଶୁକ୍ରବାର ବିଳମ୍ବିତ ରାତିରେ ୩ ଶିକାରୀଙ୍କୁ ଧରିବାକୁ ସକ୍ଷମ ହୋଇଥିଲେ। ସେମାନଙ୍କଠାରୁ ୨ ମୃତ ଶାଳିଆପତନୀ, ଗୋଟିଏ ଦେଶୀ ବନ୍ଧୁକ, ଟାଙ୍ଗିଆ ସହିତ ୫ ଗୁଳି ଜବତ କରିଛନ୍ତି। ଗିରଫ ଶିକାରୀମାନେ ହେଲେ ଓଡ଼ଗାଁ ଥାନା ନୋତରପଲ୍ଲୀ ଗାଁର ଦୟାନିଧି ପ୍ରଧାନ (୪୧), ଗୌର ପ୍ରଧାନ (୩୭) ଏବଂ ଶୁକୁରୁ ପ୍ରଧାନ (୭୧)। ବନ ବିଭାଗ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିଲେ। ଜାମିନ ଖାରଜ ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଘଟଣାରୁ ପ୍ରକାଶ, ଓଡ଼ଗାଁ ବନରକ୍ଷୀ ସୌମ୍ୟରଞ୍ଜନ ଦଳେଇଙ୍କ ନେତୃତ୍ୱରେ ବାଣ୍ଟପୁର ବନରକ୍ଷୀ ଉଦ୍ଧବ ପ୍ରଧାନଙ୍କ ସହିତ ସ୍କ୍ୱାଡ୍ ବାଣ୍ଟପୁର ଜଙ୍ଗଲକୁ ଯାଇଥିଲେ। ଅପରପାଖରୁ ଶବ୍ଦଶୁଣି ତା'ର ପିଛା କରିବାବେଳେ ଅଭିଯୁକ୍ତମାନେ ବନ କର୍ମଚାରୀଙ୍କ ହାତରେ ଧରାପଡ଼ିଥିଲେ।

## ଯୁକ୍ତ ୨ ପରୀକ୍ଷା ଫଳ; ଲୋପିତା ଜେନା କୃଷ୍ଣପ୍ରସାଦ ବ୍ଲକ୍ ଟପ୍ପର



କୃଷ୍ଣପ୍ରସାଦ,୨୪।୫(ସମିସ): ଚଳିତ ବର୍ଷ ଯୁକ୍ତ ଦୁଇ ପରୀକ୍ଷାରେ ପଣସପଦାସ୍ଥ ହରିଶ୍ୱରଦେବ ଭୋକେସ୍‌ନାଲ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟରେ ଉଭୟ କଳା ଏବଂ ବିଜ୍ଞାନ ବିଭାଗରେ ମୋଟ୍ ୧୮୩ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୪୧ ଜଣ ପ୍ରଥମ ଶ୍ରେଣୀ, ୫୮ ଜଣ ଦ୍ୱିତୀୟ ଶ୍ରେଣୀ ଏବଂ ୭୬ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ମୋଟ୍ ପାସ୍‌ହାର ୯୦ପ୍ରତିଶତରୁ ଅଧିକ ରହିଛି। ବିଦ୍ୟାଳୟର ଛାତ୍ରୀ ଲୋପା ଜେନା ମୋଟ୍ ୫୪୦ ନମ୍ବର ରଖି କୃଷ୍ଣପ୍ରସାଦ ବ୍ଲକ୍‌ରେ ଟପ୍ପର ହୋଇଛନ୍ତି। ସେହିପରି ରଚନା ଘଡ଼େଇ ୫୩୩, ପାପାଲି ଘଡ଼େଇ ୫୩୨, ଅମିଶା ମହାପାତ୍ର ୫୧୯, ସିମ୍ରନ୍ ସାଇ ସମର୍ପିତା ଜେନା ୫୧୪ ନମ୍ବର ରଖି ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଚିଲିକା ଉପକୂଳ ଗ୍ରାମାଞ୍ଚଳର ପିଲାମାନଙ୍କ ଅନେକ ଅସୁବିଧା ସତ୍ତ୍ୱେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବାରୁ ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦାସ ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ବଜ୍ରପାତରୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

କଣ୍ଟିଲୋ,୨୪।୫(ସମିସ): କଣ୍ଟିଲୋ ବହୁମୁଖୀ ବନ୍ୟା ବାତ୍ୟା ଆଶ୍ରୟସ୍ଥଳୀଠାରେ ଶନିବାର ଗୋଷ୍ଠୀସ୍ତରୀୟ ସଚେତନତା ଓ ସତର୍କତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।



ସ୍ଥାନୀୟ ସମିତିସଭ୍ୟା ପ୍ରତିନିଧି ସରୋଜ କୁମାର ସାହୁଙ୍କ ନେତୃତ୍ୱରେ ବରୁଣେଇ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ଲୋକକଳା ମାଧ୍ୟମରେ ଜନସାଧାରଣଙ୍କୁ ଘଡ଼ଘଡ଼ି, ବଜ୍ରପାତ ଓ ବିଭିନ୍ନ ପ୍ରାକୃତିକ ସମସ୍ୟାମାନଙ୍କଠୁ କିଭଳି ନିଜକୁ ସୁରକ୍ଷିତ ରଖିପାରିବ ସେ ସମ୍ବନ୍ଧରେ ସଚେତନ କରାଯାଇଥିଲା। ଏଥିରେ ଅଶୋକ ବାରିକ, କାଶୀନାଥ ବେହେରା, ଆଶୁତୋଷ ବାରିକ ପ୍ରମୁଖ ଅଭିନୟ କରିଥିଲେ।

### ଏଏସ୍‌ଆଇ ଡିଜିଙ୍କ ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ବୈଠକ

# ମନ୍ଦିରର ସଂରକ୍ଷଣ ଓ ପୁନଃଉଦ୍ଧାର କାର୍ଯ୍ୟ ଉପରେ ଗୁରୁତ୍ୱାରୋପ

ପୁରୀ,୨୪।୫(ସମିସ)



ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଶନିବାର ଶ୍ରୀମନ୍ଦିରରେ ଚାଲିଥିବା ମରାମତି ଏବଂ ଭବିଷ୍ୟତର ସଂରକ୍ଷଣ ସଂକ୍ରାନ୍ତରେ ଏଏସ୍‌ଆଇ ଡିଜି ଡ. ଯେଜୁଭେନ୍ଦ୍ର ସିଂହ ରାଓ୍ୱତଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ଏଥିରେ ମନ୍ଦିରର ସ୍ଥାପତ୍ୟ ଐତିହ୍ୟ, ଢାଞ୍ଚାଗତ ଅଖଣ୍ଡତା ଏବଂ ସାଂସ୍କୃତିକ ଗୁରୁତ୍ୱକୁ ସଂରକ୍ଷଣ କରିବା ପାଇଁ ସହଯୋଗମୂଳକ ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପ୍ରମୁଖ ଆଲୋଚନା ମଧ୍ୟରେ ମନ୍ଦିରର ସଂରକ୍ଷଣ ଏବଂ ପୁନରୁଦ୍ଧାର କାର୍ଯ୍ୟ, ରଥଯାତ୍ରା ସମୟରେ ଗର୍ଭଗୃହ ଯାଞ୍ଚ ଓ ମରାମତି, ଏଏସ୍‌ଆଇ ଦ୍ୱାରା ରତ୍ନଭଣ୍ଡାରର ସଂରକ୍ଷଣ ଏବଂ ମରାମତି କାର୍ଯ୍ୟ ସମାପ୍ତ କରିବା, ଶ୍ରୀମନ୍ଦିରର ଉତ୍ତର ଦ୍ୱାରରେ ବୟସ୍କ ଏବଂ ଭିନ୍ନକ୍ଷମ ଭକ୍ତଙ୍କ ପ୍ରବେଶକୁ ସୁବିଧାଜନକ କରିବା ପାଇଁ ରାମ୍ପ ବ୍ୟବସ୍ଥାର ଶୀଘ୍ର ସମାପ୍ତି, ନାଟ ମଣ୍ଡପରେ ଏୟାର କଣ୍ଡିସନିଂ ସିଷ୍ଟମ ଏବଂ ମନ୍ଦିରର ଆଲୋକୀକରଣ ବ୍ୟବସ୍ଥା, ଜଗମୋହନର ବାହାର ପାଖର୍ ଛାତର ସଂରକ୍ଷଣ କାମ, ବିମଳା, ମହାଲକ୍ଷ୍ମୀ, ଭୁବନେଶ୍ୱରୀ ଆଦି ନୃସିଂହ ଏବଂ ସୂର୍ଯ୍ୟ ମନ୍ଦିର ଭଳି ଉଚ୍ଚ ମନ୍ଦିରଗୁଡ଼ିକରେ ଆଲୋକୀକରଣ ଆରେଷ୍ଟର ବ୍ୟବସ୍ଥା, ଜଗମୋହନ ଏବଂ ଭୋଗମଣ୍ଡପରେ ଦିଆଯାଇଥିବା ସପୋର୍ଟ, ଷ୍ଟେନ୍‌ଲେସ୍ ଷ୍ଟିଲ୍ ବିମ୍, ମୁଖ୍ୟ ମନ୍ଦିରର ବାହ୍ୟ ପାଖରେ ରାସାୟନିକ ପ୍ରଲେପ, ଏଏସ୍‌ଆଇ ଏବଂ ଶ୍ରୀମନ୍ଦିର ପ୍ରଶାସନ ଉଭୟେ ମନ୍ଦିରର ସୁରକ୍ଷା ପାଇଁ ସେମାନଙ୍କର ସହଭାଗିତାର ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟ ପ୍ରଶାସକ ଏଏସ୍‌ଆଇ ଡିଜିଙ୍କୁ ଧନ୍ୟବାଦ ଜଣାଇଥିଲେ ଏବଂ ମନ୍ଦିରର ଶୁଖିଲି ଭୋଗ ପ୍ରଦାନ କରିଥିଲେ। ବୈଠକରେ ଏଏସ୍‌ଆଇ ଡିଜିଙ୍କ ସହିତ ଏକ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ମଧ୍ୟ ଉପସ୍ଥିତ ଥିଲେ। ଯେଉଁଥିରେ ଡିଡିଜି (ସଂରକ୍ଷଣ) ଜାନହ୍ୱିଜ୍ ଶର୍ମା, ନିର୍ଦ୍ଦେଶକ (ସଂରକ୍ଷଣ) ଭୀମା ଆଜମିରା, ନିର୍ଦ୍ଦେଶକ (ବିଜ୍ଞାନ) ମନୋଜ ଭଟନାଗର, ଆଞ୍ଚଳିକ ନିର୍ଦ୍ଦେଶକ ଡ. ଦିଲ୍ଲୀପ ଖାମାରୀ ଏବଂ ସ୍ଥାନୀୟ ଅଧିକାରୀମାନେ ସାମିଲ ଥିଲେ। ସେହିପରି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ ଏବଂ ଓଏସ୍‌ଡି ଓ୍ୱାର୍କ୍ସ ଆଶିଷ ସୁବୁଦ୍ଧି ଉପସ୍ଥିତ ଥିଲେ।

## ପୂର୍ତ୍ତ ବିଭାଗ ରାସ୍ତାରେ ଜଳନିଷ୍କାସନ ପାଇଁ ନାହିଁ ଡ୍ରେନେଜ୍

ବେଗୁନିଆ,୨୪।୫(ସମିସ): ବେଗୁନିଆ ବ୍ଲକ୍ କଣ୍ଟାବାଡ଼ ପଞ୍ଚାୟତ ଅନ୍ତର୍ଗତ ମଲିପଦର ଗ୍ରାମର ଗୁଡ଼ିଆସାହି ଓ ଭଣ୍ଡାରିସାହିରେ ପ୍ରାକ୍ ମୌସୁମୀ ବର୍ଷା ଯୋଗୁଁ ଜଳନିଷ୍କାସନ ହୋଇ ନ ପାରି କୃତ୍ରିମ ହ୍ରଦ ସୃଷ୍ଟି ହୋଇଥିବାର ଦେଖିବାକୁ ମିଳିଥିଲା। ଏହାଦ୍ୱାରା ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ସାହି ଭିତରେ ପାଣି ଜମି ରହିଥିବାରୁ ଯାତାୟାତରେ ଦୀର୍ଘ ସମୟ ଧରି ଘୋର୍ ଅସୁବିଧା ସୃଷ୍ଟି ହୋଇଥିଲା। ଏ ନେଇ ଜଳନିଷ୍କାସନ କରିବା କରିବା ପାଇଁ ସ୍ଥାନୀୟ ଗ୍ରାମବାସୀଙ୍କୁ ନାକେଦମ୍ ହେବାକୁ ପଡ଼ିଥିଲା। ଯାହାକି ସାଧାରଣରେ ଅସନ୍ତୋଷ ବ୍ୟାପିବା ସହ ଆଗାମୀ ଦିନରେ ପୂର୍ତ୍ତ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ ନ କଲେ ଆଇନଅମାନ୍ୟ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।



● ପ୍ରାକ୍ ମୌସୁମୀ ବର୍ଷା ଯୋଗୁଁ କୃତ୍ରିମ ହ୍ରଦ

ସୂଚନା ଅନୁଯାୟୀ, ବେଗୁନିଆ ପୂର୍ତ୍ତ ବିଭାଗ ଅଧୀନରେ ଥିବା କୋଟପଲା-ପାଣିକୋରଡ୍ ରାସ୍ତା ଦୁଇ ମାସରୁ ଊର୍ଦ୍ଧ୍ୱ ହେବ କାର୍ଯ୍ୟ ଶେଷ ହୋଇଛି। ମଲିପଦର ଗ୍ରାମର ଜନସାଧାରଣ ଜଳନିଷ୍କାସନ କରିବା ପାଇଁ ଡ୍ରେନେଜ୍ ବ୍ୟବସ୍ଥାର ଗୁରୁତ୍ୱକୁ ଉପଲବ୍ଧି କରି ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ନିକଟରେ ଦାବି କରି ଆସୁଥିଲେ। ଏଥିରେ ଠିକାଦାର ଲୋକଙ୍କୁ ଭୁଆଁ ବୁଲାଇ ଡ୍ରେନେଜ୍ କାର୍ଯ୍ୟ ନ କରି ଚାଲିଯାଇଥିବାରୁ ଗ୍ରାମବାସୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ତୁରନ୍ତ ପ୍ରଶାସନ ଦୃଷ୍ଟି ଆକର୍ଷଣ କରିବା ସହ ଡ୍ରେନେଜ୍ ବ୍ୟବସ୍ଥା କରିବା ପାଇଁ ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ବେହେରା, ସମିତିସଭ୍ୟ ଡ. ଶିଶିର କୁମାର ଆଚାର୍ଯ୍ୟ, ସୁବାସ ଚନ୍ଦ୍ର ମହାନ୍ତି, ସମାଜସେବୀ ଡ. ବିଦ୍ୟାଧର ମହାରଣା, ରବୀନ୍ଦ୍ର ନାଥ ବାରିକ ଓ ମାଗୁଣି ସାମନ୍ତରାୟଙ୍କ ସମେତ ଗ୍ରାମବାସୀମାନେ ଗଣମାଧ୍ୟମ ଆଗରେ କହିଛନ୍ତି।

# ଡ୍ରେନ୍ ନିର୍ମାଣ ପାଇଁ ଉଚ୍ଛେଦକୁ ବିରୋଧ; ଫେରିଗଲା ପ୍ରଶାସନ



ବାଣପୁର,୨୪।୫(ସମିସ): ବାଣପୁରରେ ପ୍ରସିଦ୍ଧ ମା'ଭଗବତୀଙ୍କ ଶକ୍ତିପୀଠ ଏବଂ ଏସିଆ ମହାଦେଶର ସର୍ବବୃହତ୍ ଶାଳ-ଶାଗୁଆନ ଜଙ୍ଗଲ ସହ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଥିବାରୁ ଏହି ଅଞ୍ଚଳର ଏକ ସ୍ୱତନ୍ତ୍ରତା ରହିଛି। ବର୍ଷତମାମ ଏଠାକୁ ପର୍ଯ୍ୟଟକଙ୍କ ସୁଅ ଛୁଟେ। ମାତ୍ର ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ ହେବାର ୫୨ ବର୍ଷ ଅତିକ୍ରମ ପରେ ମଧ୍ୟ ସହରର ଗମନାଗମନର ବ୍ୟବସ୍ଥାରେ ସୁଧାର ଆସିପାରିଲା ନାହିଁ। ବାଣପୁର ସହର ବଜାରର ସଂକୀର୍ଣ୍ଣ ରାସ୍ତା ସ୍ଥାନୀୟ ବାସିନ୍ଦା ଓ ପର୍ଯ୍ୟଟକଙ୍କ ଯାତାୟାତରେ ଘୋର ବ୍ୟାଘାତ ସୃଷ୍ଟି କରୁଛି। ଏପରି ସ୍ଥଳେ କିଛି ମାଷ୍ଟର ପ୍ଲାନ ନ ଥାଇ ଅବରୋଧକୁ ହଟା ନ ଯାଇ ଡ୍ରେନେ ନିର୍ମାଣ ପାଇଁ ବାଣପୁର ଏନ୍ଏସିର ୧୦ନଂ. ୱାର୍ଡର ସଂକୀର୍ଣ୍ଣ ମୁଖ୍ୟ ରାସ୍ତାକୁ ବିନା ମାପ ଚୁପରେ ୱାର୍ଡ ବାସିନ୍ଦାଙ୍କ ଘରର ଦାଣ୍ଡ ପିଣ୍ଡାକୁ ଉଚ୍ଛେଦ କରିବାକୁ ବାଣପୁର ପ୍ରଶାସନ ପୁଲିସ ଫୋର୍ସ ସହ ସଦଳବଳ ଜେସିବି ନେଇ ପହଞ୍ଚି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଥିଲା। ହେଲେ ସ୍ଥାନୀୟ ବାସିନ୍ଦା ଏହାକୁ ପ୍ରବଳ ବିରୋଧ କରିବାରୁ ଶେଷରେ ବାଧହୋଇ ପ୍ରଶାସନ ଓ ପୁଲିସ ଫୋର୍ସ ଜେସିବି ସହିତ ଫେରିଆସିଥିଲେ।

ଘଟଣା ମୁତାବକ, ବାଣପୁର ସହର ଓ ବଜାର ଦେଇ ଯାଇଥିବା ମୁଖ୍ୟରାସ୍ତା ଅତି ସଂକୀର୍ଣ୍ଣ ହୋଇଥିବାରୁ ଏଠାରେ ବାରମ୍ବାର ଟ୍ରାଫିକ ସମସ୍ୟା ଦେଖାଦିଏ। ଏହାର ସ୍ଥାୟୀ ସମାଧାନ ଏଯାବତ୍ ହୋଇ ପାରିଲା ନାହିଁ। ଏପରି ସ୍ଥଳେ ବାଣପୁର ଥାନା ଠାରୁ ପୋଷ୍ଟ ଅଫିସ ଦେଇ ମା'ଭଗବତୀଙ୍କ ମନ୍ଦିର ସହ ଉପକାରାଗରକୁ ଯିବା ପାଇଁ ଏନ୍ଏସିର ୧୦ନଂ ୱାର୍ଡ ତଳସାହି ରାସ୍ତା ଦେଇ ଯିବାକୁ ପଡେ। ତେବେ ଉକ୍ତ ରାସ୍ତାଟି ଅତ୍ୟନ୍ତ ସଂକୀର୍ଣ୍ଣ ହୋଇଥିବା ବେଳେ ଖାଲଖମାରେ ଭର୍ତ୍ତି। ସ୍ଥାନୀୟ ବାସିନ୍ଦାଙ୍କ ଦାବି ଯୋଗୁଁ ଦୀର୍ଘଦିନ ପରେ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ଏହି ରାସ୍ତାକୁ କିଛିମାସ ପୂର୍ବେ ବହୁ ଅର୍ଥ ବ୍ୟୟରେ ପେଭର ବ୍ଲକ ବିଛା ଯାଇଥିଲା। ହେଲେ ଉକ୍ତ ରାସ୍ତାଟି ସେଭଳି ଓସାର ନଥିବା ସହ ରାସ୍ତା ଉପରେ ପାଣି ଜମୁ ନଥିଲେ ମଧ୍ୟ ନୂଆ ରାସ୍ତାକୁ ଖୋଳି ଅନାବଶ୍ୟକ ଭାବେ ଡ୍ରେନ ନିର୍ମାଣ କରିବାକୁ କର୍ତ୍ତୃପକ୍ଷ ଯୋଜନା କରୁଥିବାର ୱାର୍ଡ ବାସିନ୍ଦା କିଛିଦିନ ପୂର୍ବେ ଜାଣିବାକୁ ପାଇଥିଲେ। ଉକ୍ତ ସଂକୀର୍ଣ୍ଣ ରାସ୍ତାରେ ଏକ ଡ୍ରେନ ନିର୍ମାଣ ଆବଶ୍ୟକତା ନଥିବାବେଳେ ସେହି ସୁନ୍ଦର ରାସ୍ତାକୁ ଭାଙ୍ଗି ଡ୍ରେନ ନିର୍ମାଣ କଲେ ରାସ୍ତାଟି ସଂକୀର୍ଣ୍ଣ ହୋଇପଡି ମା'ଭଗବତୀଙ୍କ ମନ୍ଦିରକୁ ଯାତାୟାତରେ ବହୁ ଅସୁବିଧା ସୃଷ୍ଟି ହେବ। ତତ୍‌ସହିତ ନିର୍ମାଣ କରିବାକୁ ଯାଉଥିବା ଡ୍ରେନରେ ଘର ମାନଙ୍କର ଉଦ୍‌ବୃତ୍ତ ଜଳ ସହ ପାଇଖାନାର ବର୍ଜ୍ୟଜଳ ଛାଡ଼ିଲେ ସହିରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବାର ଆଶଙ୍କା ଥିଲା। ସେଥିପାଇଁ ୧୦ନଂ ୱାର୍ଡବାସିନ୍ଦା ଡ୍ରେନ୍ ନିର୍ମାଣକୁ ବିରୋଧ କରି ବାଣପୁର ତହସିଲଦାର, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାପାଳ ଓ ଚିଲିକା ବିଧାୟକ ତଥା ଆଇନ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀଙ୍କୁ ଗତ ୧୭ ଏପ୍ରିଲରେ ଦାବିପତ୍ର ପ୍ରଦାନ କରି ଡ୍ରେନ୍ ନିର୍ମାଣ ବନ୍ଦ ପାଇଁ ଅନୁରୋଧ କରିଥିଲେ।

ମାତ୍ର ଏହାକୁ ଅଣଦେଖା କରି ଶୁକ୍ରବାର ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ, ତହସିଲଦାର ଓ ବାଣପୁର ଥାନା ଅଧିକାରୀ ପ୍ରମୁଖ ପୁଲିସ ଫୋର୍ସ ସହ ଜେସିବି ନେଇ ତଳସାହିକୁ ଯାଇ ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ଶତାଧିକ ସ୍ଥାନୀୟ ଏକାଠି ହୋଇ ଏହାକୁ ଘୋର ବିରୋଧ କରିଥିଲେ। ଫଳରେ ପ୍ରଶାସନ ଫେରିଯିବାକୁ ବାଧ ହୋଇଥିଲା।

ଏ ସମ୍ପର୍କରେ ୱାର୍ଡ ବାସିନ୍ଦା ବରିଷ୍ଠ ଆଇନଜୀବୀ ଗୌରୀଶଙ୍କର ଷଡ଼ଙ୍ଗୀ କହିଛନ୍ତି ଯେ, କିଛି ସ୍ୱାର୍ଥବାଦୀ ବ୍ୟକ୍ତି ବିଶେଷ ନିଜସ୍ୱ ସ୍ୱାର୍ଥ ପାଇଁ ସମୂହ ଜନସାଧାରଣଙ୍କ ପ୍ରତିବାଦ ସତ୍ତ୍ୱେ ପୁଲିସ ଓ ପ୍ରଶାସନ ଉପରେ ଅଯଥା ଚାପ ପକାଇ ଅନାବଶ୍ୟକ ଡ୍ରେନ ନିର୍ମାଣର ଉଦ୍ୟମ କରୁଛନ୍ତି। ଉପଯୁକ୍ତ ମାପ ଚିହ୍ନଟ ନ କରି, ସ୍ଥାନୀୟ ଲୋକଙ୍କ ସହଯୋଗ ନ ନେଇ ଏଭଳି ନିର୍ମାଣ ଉଦ୍ୟମକୁ ନିନ୍ଦା କରିଛନ୍ତି ଆଇନଜୀବୀ ଅନ୍ନଦା ଶଙ୍କର ଷଡ଼ଙ୍ଗୀଙ୍କ ସମେତ ସାହିବାସିନ୍ଦା।

ଏସମ୍ପର୍କରେ ଏନ୍ଏସି ନଗରପାଳ ମିଟୁ ନାୟକ କହିଛନ୍ତି, ସେ ବ୍ୟକ୍ତିଗତ ଭାବେ ଡ୍ରେନ ନିର୍ମାଣର କିଛି ଆବଶ୍ୟକତା ନଥିବା ଅନୁଭବ କରୁଥିବାବେଳେ ଅଜ୍ଞାତ ଚାପରେ ସେ ନାଚାର, ହେଲେ ସେ ସଦାସର୍ବଦା ଜନସାଧାରଣଙ୍କ ସୁଖଦୁଃଖରେ ରହିଥିବେ ବୋଲି କହିଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠେ ସାହି ବାସିନ୍ଦା ତଥା ଶହ ଶହ ଲୋକଙ୍କ ସ୍ୱାର୍ଥ ଓ ଦାବିକୁ ଅଣଦେଖା କରି କେଉଁ ସ୍ୱାର୍ଥରେ ଏବଂ କାହା ଚାପରେ ଏଭଳି ଅନାବଶ୍ୟକ ଡ୍ରେନ ନିର୍ମାଣ କରାଯାଉଛି। ତେବେ ସ୍ଥାନୀୟ ବାସିନ୍ଦା କହିଛନ୍ତି, ଯଦି ପ୍ରଶାସନ ପକ୍ଷରୁ ନିରପେକ୍ଷ ଭାବେ ସଠିକ ମାପଚୁପ ନ କରି ଡ୍ରେନ ନିର୍ମାଣ କରାଯାଏ ତେବେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଲେ ପ୍ରଶାସନ ଦାୟୀ ରହିବ ବୋଲି ଚେତାବନୀ ଦେଇଛନ୍ତି।

## ଶ୍ରୀରାମଲୀଳା ତାଳପତ୍ର ପୋଥି ପଠନ ଉଦ୍‌ଯାପିତ

ବେଗୁନିଆ,୨୪।୫(ସମିସ): ବେଗୁନିଆ ବ୍ଲକ୍ ବଡ଼ବେରଣା ଗ୍ରାମର ସଡ଼କସାହିରେ ଶ୍ରୀରାମ ନବମୀଠାରୁ ଚାଲିଥିବା କବି ଅନଙ୍ଗ ନରେନ୍ଦ୍ରଙ୍କ ଦ୍ୱାରା ରଚିତ ଓ ସ୍ୱର୍ଗତ କାହ୍ନୁ ମାଝୀଙ୍କ ଦ୍ୱାରା ତାଳପତ୍ରରେ ଲିଖିତ ଶ୍ରୀରାମ ଲୀଳା ପୋଥି ପଠନ ଉଦ୍‌ଯାପିତ ହୋଇଛି। ଏହି ଅବସରରେ ଅନ୍ତିମ ବନ୍ଦନା "ଉଠ ରାମ ପାହିଲା ରଜନୀ' ଶ୍ରଦ୍ଧାଳୁଙ୍କ ମନରେ ଭକ୍ତି ଓ ଭାବମୟ ପରିବେଶ ସୃଷ୍ଟି କରିଥିଲା। ଏଥିରେ ନୀଳମଣି ମାଝୀ, ବ୍ରଜବନ୍ଧୁ ବେହେରା, ଭଗବାନ ପଣ୍ଡା, ଭଗବାନ ମହାନ୍ତି, ମନମୋହନ ପଣ୍ଡା, ଉମାକାନ୍ତ ରଣା, ଓମ୍‌ପ୍ରକାଶ ମହାପାତ୍ର, ଅଂଶୁମାନ ପଣ୍ଡା, ପ୍ରାଣନାଥ ପ୍ରଧାନ, ଚିନ୍ମୟ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ସନ୍ତୋଷୀ ମା'ଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା

ବେଗୁନିଆ,୨୪।୫(ସମିସ): ବେଗୁନିଆ ବ୍ଲକ ସିକୋ ଗ୍ରାମସ୍ଥିତ ଦୋଳପଡ଼ିଆରେ ସନ୍ତୋଷୀ ମା'ଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଯାଜ୍ଞିକ ପଣ୍ଡିତ ଲକ୍ଷ୍ମୀ ନାରାୟଣ ଆଚାର୍ଯ୍ୟ, ଚନ୍ଦ୍ର ଶେଖର ମିଶ୍ର ଓ ମୃତ୍ୟୁଞ୍ଜୟ ମିଶ୍ରଙ୍କ ତତ୍ତ୍ୱାବଧାନରେ ରବି ନାରାୟଣ ଚମ୍ପତି କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ଶ୍ରଦ୍ଧାଳୁମାନେ ମନ୍ଦାକିନୀ ନଦୀ ତୁଠରୁ ପବିତ୍ର ଜଳ କଳସ ଧରି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା ସହ ନୂତନ ମନ୍ଦିର ପରିସରରେ ସ୍ଥାପନ କରିଥିଲେ। ପରେ ଗର୍ଭାଧାନ, ମହାସ୍ନାନ ସହ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କଂଗ୍ରେସ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଯୋଗେଶ୍ୱର ଛୋଟରାୟ, ପୂର୍ବତନ ସରପଞ୍ଚ ଭବାନୀ ଚମ୍ପତି, ପୂର୍ବତନ ସମିତିସଭ୍ୟ ପ୍ରମୋଦ କୁମାର ମହାପାତ୍ର, ସମାଜସେବୀ ସଞ୍ଜୟ କୁମାର ବାହୁବଳେନ୍ଦ୍ର, ଅନନ୍ତ କୁମାର ସାହୁ ଓ ଚିତ୍ତରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ରହି ମା'ଙ୍କ ଆଶୀର୍ବାଦ ଲାଭ କରିଥିଲେ।

## ଦିନକ ପରେ ସାବିତ୍ରୀ / ଆକାଶଛୁଆଁ ଫଳଦର; ଚିନ୍ତାରେ ଗ୍ରାହକ

ଖୋର୍ଦ୍ଧା,୨୪।୫(ସମିସ): ଆଉ ଦିନକ ପରେ ସାବିତ୍ରୀ ଅମାବାସ୍ୟା। ବିବାହିତାମାନେ ଭଗବାନଙ୍କୁ ପୂଜା କରି ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରିବା ସହ ପରିବାରର ମଙ୍ଗଳ ମନାସିବେ। ଏଥିପାଇଁ ମହିଳାମାନେ ଆଗୁଆ ପ୍ରସ୍ତୁତି ଆରମ୍ଭ କରିଥିବା ଦେଖିବାକୁ ମିଳିଛି। ସାବିତ୍ରୀ ପୂଜା କଥା କହିଲେ ଆମ୍ବ, ପଣସ, ନଡ଼ିଆ, ସେଓ, ସପୁରୀ, ଖଜୁରୀ, ତାଳ ସମେତ ବିଭିନ୍ନ ଫଳମୂଳ ଖୋଜା ପଡ଼ିଥାଏ। ତେଣୁ ସାବିତ୍ରୀ ପାଇଁ ବଜାରରେ ଭିଡ଼ ଜମିବାରେ ଲାଗିଲାଣି। ମାତ୍ର ଗତ କିଛି ବର୍ଷ ହେବ ଫଳର ମହଙ୍ଗାମାଡ଼ ଗ୍ରାହକଙ୍କ ଚିନ୍ତା ବଢ଼ାଇ ଦେଇଥିବାବେଳେ ପ୍ରାକୃତିକ ଦୁର୍ବିପାକ ଯୋଗୁଁ ଆମ୍ବ, କଦଳୀ, ଲିଚୁ, କମଳା ଓ ପଣସ ଚାଷୀଙ୍କ ଫସଲ ପ୍ରାୟତଃ ନଷ୍ଟ ହୋଇଯାଇଥିବା ଜଣାଯାଇଛି। ତେଣୁ ବଜାରରେ ଏହାର ପ୍ରଭାବ ଦେଖାଯାଇଛି। ଆଉ ଯେଉଁ ପରିମାଣରେ ଚାଷୀ ଆମ୍ବ, ପଣସ, କଦଳୀ ବଜାରକୁ ବିକ୍ରି ନିମନ୍ତେ ଆଣୁଛନ୍ତି ତାହା ସହରବାସୀଙ୍କ ଆବଶ୍ୟକତା ପୂରଣ କରିପାରୁନାହିଁ। ଫଳରେ ପଡ଼ୋଶୀ ରାଜ୍ୟ ଆନ୍ଧ୍ରର କଦଳୀ ଏବଂ ଆମ୍ବ ଚାହିଦା ବୃଦ୍ଧି ସମେତ ବିପୁଳ ପରିମାଣରେ ବିକ୍ରି ହେଉଛି। ଚମ୍ପା କଦଳୀରେ ବ୍ୟବସାୟୀଙ୍କ ଅଳ୍ପଲାଭ ମିଳୁଥିବା ଯୋଗୁଁ ସେମାନେ ଚମ୍ପା କଦଳୀର କୃତ୍ରିମ ଅଭାବ କରିଥିବା କୁହାଯାଉଛି। ଯାହା ଫଳରେ ମଧ୍ୟବିତ୍ତ ଓ ଗରିବ ଲୋକେ ବାଧ ହୋଇ ଅମୃତପାଣି କଦଳୀ ଅଧିକ ଦର ଦେଇ କିଣୁଥିବା ଦେଖାଯାଇଛି।



୫ ଶହ ଟଙ୍କାରେ ପୂରୁନି ବ୍ୟାଗ୍

ଅନ୍ୟପକ୍ଷରେ ସହର ଏବଂ ଉପକଣ୍ଠର ବିଭିନ୍ନ ସ୍ଥାନରେ ଆମ୍ବ, ତାଳସଜ, ସପୁରୀ ଓ ପଣସର ପସରା ଜମିଛି। ହାତରେ ଆଉ ଗୋଟିଏ ଦିନ ରହିଥିବାବେଳେ ଝିଅ ଘରକୁ ଭାର ପଠାଇବା ପାଇଁ ବାପଘର ଲୋକେ ତତ୍ପର। ଆକାଶଛୁଆଁ ଦରରେ ବ୍ୟାଗ୍ ଭର୍ତ୍ତି କରିବା କଷ୍ଟକର ହୋଇପଡୁଛି।

ଏପଟେ ଚାହିଦାକୁ ଲକ୍ଷ୍ୟ ରଖି ଦୋକାନୀମାନେ ମଧ୍ୟ ଚଢ଼ା ଦର କଷୁଛନ୍ତି। ବଜାରରେ ଦେଶୀ ଆମ୍ବର ଦର କିଲୋପିଛା ୪୦ରୁ ୫୦ ଟଙ୍କା ଥିବାବେଳେ ଉନ୍ନତମାନର ଆମ୍ବ ଯଥା- ବାଇଗଣ ପଲେଇ ୭୦ ଟଙ୍କା, ସୁନ୍ଦରୀ ଆମ୍ବ ୯୦ରୁ ୧୦୦ ଏବଂ ଦୋଷରୀ ଆମ୍ବ ୧୧୦ ଟଙ୍କାରୁ କମ୍‌ରେ ମିଳୁନି। ପଣସ ଦର ଆକାରକୁ ନେଇ ନିର୍ଦ୍ଧାରିତ ହୋଇଛି। ୭୦ ଟଙ୍କାରୁ ଆରମ୍ଭ କରି ୩୦୦ ଟଙ୍କା ଯାଏଁ ଦରରେ ପଣସ ବିକ୍ରି ହେଉଛି। ବଜାରରେ ତାଳ ଗୋଟାକୁ ୨୦ରୁ ୩୦ ଟଙ୍କା ଏବଂ ଖଜୁରୀ କୋଳି ପ୍ୟାକେଟ୍ ୧୦ରୁ ୧୫୦ ଟଙ୍କାରେ ବିକ୍ରି କରିବାକୁ ବାଧ ହେଉଥିବା ବ୍ୟବସାୟୀ ପ୍ରକାଶ କରିଛନ୍ତି। ସେହିପରି ବ୍ୟବସାୟୀ ଅଶୋକ ବେହେରାଙ୍କ କହିବା କଥା, ବର୍ତ୍ତମାନ ବଜାରରେ ଲିଚୁ କୋଳି ୨୦୦ରୁ ୨୫୦ ଟଙ୍କା, ଜାମୁ କୋଳି ୨ଟାକୁ ୫ଟଙ୍କା, ସେଓ (୩ ପ୍ରକାର ଦର) ୨୦୦, ୨୫୦ ଓ ୩୦୦ ଟଙ୍କାରେ ବିକ୍ରି କରୁଛୁ। ରେଡ୍ ଗ୍ଲୋବ ଅଙ୍ଗୁର କିଲୋ ପିଛା ୨୫୦ ଓ ଜମ୍ବୁ ଅଙ୍ଗୁର ୧୪୦ରୁ ୧୮୦, କମଳା ୧୦୦ରୁ ୧୫୦, ସିଙ୍ଗାପୁରୀ କଦଳୀ କିଲୋ ୫୦, ଦେଶୀ କଦଳୀ (ଡଜନ୍) ୧୫୦, ଡାଳିମ୍ବ (୩ ପ୍ରକାର ଦର) ୨୦୦, ୨୫୦ ଏବଂ ୩୦୦ ଟଙ୍କା, ତରଭୁଜ କେଜି ପିଛା ୨୦ରୁ ୩୦ ଟଙ୍କା, ନଡ଼ିଆ ଗୋଟାକ ୩୦ରୁ ୪୦ ଟଙ୍କା ଏବଂ ସପୁରୀ ଗୋଟାକ ୪୦ରୁ ୫୦ ଟଙ୍କା ଦରରେ ବିକ୍ରି ହେଉଛି।

ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଫଳଦର ହୁ ହୁ ହୋଇ ବୃଦ୍ଧି ହେଉଛି। ଫଳ ଦର ଦେଖି ଗ୍ରାହକ ଏକପ୍ରକାର ଛାନିଆ ହୋଇଥିଲେ ମଧ୍ୟ ସାବିତ୍ରୀ ସମୟରେ ଏଭଳି ଦର ହୁଏ ବୋଲି ମନକୁ ବୁଝାଇ ନେଇଥିଲେ। କିଛି ଉପାୟ ନ ପାଇ ଫଳ କିଣିବାକୁ ବାଧ। ପଣସ, ତାଳ ଓ ଖଜୁରୀ ପୂଜା ପାଇଁ ଆବଶ୍ୟକତା ରହୁଥିବାରୁ ବର୍ଷକୁ ଥରେ ଯେପରି ହେଲେ ନେବାକୁ ପଡୁଥିଲା। ବଜାରରେ ସକାଳୁ ଓ ସନ୍ଧ୍ୟା ସମୟରେ ଭିଡ଼ ଦେଖିବାକୁ ମିଳିଥିବାବେଳେ କାଳବୈଶାଖୀ ବର୍ଷା ଓ ବଜ୍ରପାତ ଯୋଗୁଁ ଦ୍ୱିପ୍ରହର ସମୟରେ ଫାଙ୍କା ପଡ଼ିଥିଲା। ତେବେ ଚଳିତ କାଳବୈଶାଖୀ ବର୍ଷା ପବନ ଯୋଗୁଁ ଫଳ ବଗିଚା ଉଜୁଡ଼ିବା ଏବଂ ମାଙ୍କଡ଼ ଉତ୍ପାତ ରୋକିବାରେ ବନ ବିଭାଗ ବିଫଳ ହେବାରୁ ଫଳ ଦରବୃଦ୍ଧି ପାଉଥିବା ବିଭିନ୍ନ ମହଲରେ ମତପ୍ରକାଶ ପାଇଛି।

## ● ଜଳଖିଆ ଦୋକାନରେ ଲଙ୍କାକାଣ୍ଡ
## ଖଣ୍ଡା ଚୋଟରେ ଜଣଙ୍କ ଜୀବନ ଗଲା

ଟାଙ୍ଗୀ,୨୪।୫(ସମିସ): ଟାଙ୍ଗୀ ଥାନା ଜରିପଡ଼ା ପାଣିଦୂଆର ଛକରେ ଥିବା ଏକ ଜଳଖିଆ ଦୋକାନରେ ପଇସା ଦେବାକୁ ନେଇ ମୁଣ୍ଡ ଗଡ଼ିଛି। ମୃତକ ହେଲେ ଡିଗିରିସାହିର ରବି ବେହେରାଙ୍କ ପୁଅ ଅରବିନ୍ଦ ବେହେରା (୩୦)।

ପ୍ରକାଶ ଯେ, ଟାଙ୍ଗୀ ଥାନା ଜରିପଡ଼ା ପାଣିଦୂଆର ଛକରେ କୈଳାସ ସାହୁ ଏକ ଠେଲା ଗାଡ଼ିରେ ଜଳଖିଆ ବେପାର କରନ୍ତି। ସବୁଦିନ ଭଳି ଆଜି ଜଳଖିଆ ବିକୁଥିବାବେଳେ ରାତି ପ୍ରାୟ ୯ଟାରେ ମଦ୍ୟପାନ କରି ଏହି ଥାନା ଅଧିନସ୍ଥ ଡିଗିରିସାହିର ପୁରୁଷୋତ୍ତମ ବେହେରାଙ୍କ ପୁଅ ଗୋପ ବେହେରା ପହଞ୍ଚିଥିଲା। ଜଳଖିଆ ଖାଇ ପଇସା ଦେଇନଥିଲା। ଏନେଇ କୈଳାସ ଓ ଗୋପଙ୍କ ମଧ୍ୟରେ ବଚସା ହୋଇଥିଲା। ଅରବିନ୍ଦ ପହଞ୍ଚି କାହିଁକି ପାଟିତୁଣ୍ଡ କରୁଛ କହି ସମାଧାନ କରିବାକୁ ଉଦ୍ୟମ କରିଥିଲେ। ମାତ୍ର ମଦ୍ୟପାନ କରିଥିବା ଗୋପ ଉତ୍ତ୍ୟକ୍ତ ହୋଇ ଅରବିନ୍ଦ ସହିତ ଓଲଟା ଝଗଡ଼ା କରିବା ସହ ଘରକୁ ଯାଇ ଏକ ଖଣ୍ଡା ଆଣି ଅରବିନ୍ଦଙ୍କ ମୁଣ୍ଡକୁ ଚୋଟ ପକାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଆମ୍ବୁଲାନ୍ସ ଯୋଗେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଛି। ରିପୋର୍ଟ ଲେଖାହେବା ବେଳକୁ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନଥିଲେ ମଧ୍ୟ ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଚଳାଇଛି। ହତ୍ୟାକାରୀ ଗୋପ କୁ ପୁଲିସ ଧରିବାରେ ସକ୍ଷମ ହୋଇପାରିନାହିଁ।

## ୧୦୮ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ; ଚାଳକ ଆହତ

ବାଲୁଗାଁ/ଟାଙ୍ଗୀ,୨୪।୫(ସମିସ) : ୧୬ନଂ ଜାତୀୟ ରାଜପଥ ଏଚ୍‌ପି ପେଟ୍ରୋଲ ପମ୍ପ ସମ୍ମୁଖରେ ଏକ ୧୦୮ ଆମ୍ବୁଲାନ୍ସ ଏକ ଟ୍ରେଲରକୁ ପଛରୁ ଧକ୍କା ଦେବାରୁ ଚାଳକ ଆହତ ହୋଇଛନ୍ତି। ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ଦୁର୍ଘଟଣା ପରେ ଜାତୀୟ ରାଜପଥରେ ଯାନବାହନ ଚଳାଚଳରେ ବ୍ୟାଘାତ ହୋଇଥିଲା। ପୁଲିସ ପହଞ୍ଚିବା ରାସ୍ତା କ୍ଲିୟର କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

ସୂଚନା ମୁତାବକ, ବିଶାଖାପାଟଣାରୁ କଟକ ଯାଉଥିବା ଏକ ଟ୍ରେଲର ରାତି ପ୍ରାୟ ୧୦ଟାରେ ଏଚ୍‌ପି ପେଟ୍ରୋଲ ପମ୍ପରେ ତେଲ ପକାଇ ରାଜପଥ ଉପରକୁ ଆସୁଥିବାବେଳେ ବ୍ରହ୍ମପୁର ଏମ୍‌କେସିଜି ହସ୍ପିଟାଲରୁ ରୋଗୀଙ୍କୁ ନେଇ ଭୁବନେଶ୍ୱର ଏମସ୍ ଯାଉଥିବା ଏକ ୧୦୮ ଆମ୍ବୁଲାନ୍ସ ଟ୍ରେଲର ପଛରେ ଭାରସାମ୍ୟ ହରାଇ ଜୋର୍‌ରେ ପିଟି ହୋଇଯାଇଥିଲା। ଦୁର୍ଘଟଣାରେ ଆମ୍ବୁଲାନ୍ସ ଡ୍ରାଇଭର ସାମାନ୍ୟ ଆହାତ ହୋଇଥିବା ବେଳେ ଆମ୍ବୁଲାନ୍ସରେ ନିଆ ଯାଉଥିବା ଗୁରୁତର ରୋଗୀଙ୍କୁ ଅନ୍ୟଏକ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ପଠାଯାଇଥିଲା। ଦୁର୍ଘଟଣା ଫଳରେ ରାସ୍ତା ଅବରୋଧ ହୋଇ ପ୍ରାୟ ଏକ ଘଣ୍ଟା ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଟାଙ୍ଗୀ ପୋଲିସ ପହଞ୍ଚି ଗାଡ଼ି ଦୁଇଟିକୁ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

## ମା' ବାଇଧର ଦେବୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା



ବାଲୁଗାଁ,୨୪।୫(ସମିସ): ଚିଲିକା ବ୍ଲକ ଅନ୍ତର୍ଗତ ଶିଙ୍ଗେଶ୍ୱର ପଞ୍ଚାୟତ ଆମ୍ବପଡ଼ା ଗ୍ରାମରେ ଜଗତ୍‌ଜନନୀ ମା' ବାଇଧର ଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ସହ ବିଗ୍ରହ ପ୍ରତିଷ୍ଠା, ରତ୍ନମୁଦ, ଘୃତଯଜ୍ଞ ଓ ଅନ୍ନଯଜ୍ଞ ଆଦି ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ସୂର୍ଯ୍ୟ ପୂଜା, ଗୋ ପୂଜା, ପଞ୍ଚ କର୍ମ, ଆହୁତୀ, ଦେବତା ସ୍ନାନ ଏବଂ ମା'ଙ୍କୁ ଯଜ୍ଞ ମଣ୍ଡପରୁ ଘଣ୍ଟ ବାଦ୍ୟ ଓ ହରିବୋଲ ହୁଳହୁଳି ମଧ୍ୟରେ ନେଇ ନୂତନ ମନ୍ଦିର ସ୍ଥିତ ଆସ୍ଥାନରେ ସ୍ଥାପନ ପରେ ସନ୍ଧ୍ୟାରେ ଯଜ୍ଞ ପୂର୍ଣ୍ଣାହୁତି ହୋଇଥିଲା। ଏହି ଅବସରରେ ଗ୍ରାମବାସୀଙ୍କ ତରଫରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ପୁରୀ ମୁକ୍ତି ମଣ୍ଡପ ପୂଜାରୀ ବିଚିତ୍ରା ନନ୍ଦ ମିଶ୍ର, ଦୀପ୍ତି ରଞ୍ଜନ ଦୀକ୍ଷିତ, ଲିଙ୍ଗରାଜ ପଣ୍ଡା, ମନୋରଞ୍ଜନ ଷଡ଼ଙ୍ଗୀ, ବିଶ୍ୱଜିତ ଦାଶ, ସୌମ୍ୟ ରଞ୍ଜନ ମିଶ୍ର, ସତ୍ୟବାନ ମୁଦ୍ରା ଓ ନିହାର ରଞ୍ଜନ ମିଶ୍ର ପ୍ରମୁଖ ବ୍ରାହ୍ମଣ ଓ ପଣ୍ଡିତମାନଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏଥିରେ ସଭାପତି ଅଜୟ ସୁନ୍ଦରା ଓ ପ୍ରମୋଦ ବେହେରା ତଥା କର୍ତ୍ତା ବାଲାଜୀ ଲକ୍ଷ୍ମୀ ନାରାୟଣ ପ୍ରଧାନ ଓ କୁବେର ପ୍ରଧାନ ପ୍ରମୁଖଙ୍କ ସମେତ ଆମ୍ବପଡ଼ା ଓ କିମ୍ବୀରପଡ଼ା ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ଦୀର୍ଘ ୪ ଦିନ ଧରି ଗ୍ରାମରେ ନାମ ସଂକୀର୍ତ୍ତନରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

## କାଳବୈଶାଖୀ ବର୍ଷା / ରାସ୍ତା ଉପରେ ଲହଡ଼ି ଭାଙ୍ଗିଲା ଆବର୍ଜନା ଜଳ

ଖୋର୍ଦ୍ଧା,୨୪।୫(ସମିସ): କ୍ରମାଗତଭାବେ ଗତ କିଛିଦିନ ହେବ ଅସହ୍ୟ ତାତିରେ ଆଉଟୁପାଉଟୁ ହେଉଥିଲେ ଜିଲ୍ଲାବାସୀ। ତାପମାତ୍ରା ପ୍ରାୟ ୩୮ ଡିଗ୍ରୀ ଛୁଇଁଥିବାବେଳେ ଦିନ ସାଢ଼େ ୯ଟା ପରେ ରାସ୍ତାଘାଟ ଶୂନ୍‌ଶାନ୍ ହେଉଥିଲା। ୩ ଦିନ ହେବ କାଳବୈଶାଖୀ ବର୍ଷା ଯୋଗୁଁ ଅସହ୍ୟ ତାତିରୁ ଜିଲ୍ଲାବାସୀଙ୍କୁ ନିସ୍ତାର ମିଳିଛି। ତାପମାତ୍ରା ହ୍ରାସ ପାଇଥିବାବେଳେ ପାଗରେ ବି ପରିବର୍ତ୍ତନ ଦେଖାଯାଇଛି। ୩ଦିନ ହେବ ଆକାଶ ମେଘାଚ୍ଛନ୍ନ ହୋଇ କାଁ ଭାଁ ଦିନରେ ଏବଂ ରାତିରେ ବର୍ଷା ଆରମ୍ଭ ହୋଇଥିବାବେଳେ ଶନିବାର ମଧ୍ୟ ମଧ୍ୟାହ୍ନ ପର୍ଯ୍ୟନ୍ତ ଆକାଶ ମେଘାଚ୍ଛନ୍ନ ରହିବା ସହ ବର୍ଷା ମଧ୍ୟ ଜୋର୍ ହୋଇଥିଲା। ଫଳରେ ବିଗତ ଏକ ସପ୍ତାହ ହେବ ଦେଖାଯାଇଥିବା ଉତ୍ତାପ ସାମାନ୍ୟ ହ୍ରାସ ପାଇଛି। ଅସହ୍ୟ ତାତି ଯୋଗୁଁ ନଦୀ, ନାଳ ଓ ଜଳ ଉତ୍ସଗୁଡ଼ିକ ଶୁଖିଲା ପଡ଼ିଥିଲା। ବର୍ଷା ଯୋଗୁଁ ଜମି ଚାଷ ଲାଗି ପାଗ ଅନୁକୂଳ ହୋଇଥିବାରୁ ଚାଷୀ ମଧ୍ୟ ଖୁସି। ଶନିବାର ମଧ୍ୟାହ୍ନରେ ପ୍ରାୟ ଅଧଘଣ୍ଟା ବର୍ଷାରେ ସହରବାସୀ ରାସ୍ତାରେ ଯାତାୟାତ ନେଇ ଅଣାୟତ ହୋଇଥିଲେ। ଏପରିକି ଅଧିକାଂଶ ରାସ୍ତାରେ ଡ୍ରେନ୍ ପାଣି ଲହଡ଼ି ଭାଙ୍ଗୁଥିବା ଦେଖାଯାଇଥିବା ବେଳେ ଅଧିକ ବର୍ଷା ଜାରି ରହିଲେ ରାସ୍ତାଘାଟର ଅବସ୍ଥା ସଙ୍ଗିନ୍ ହେବା ଏକ ପ୍ରକାର ନିଶ୍ଚିତ ହୋଇଛି।



ପ୍ରକାଶଥାଉ କି, ୨୨ଟି ୱାର୍ଡକୁ ନେଇ ଖୋର୍ଦ୍ଧା ପୌରପରିଷଦ ଗଠିତ। ଏହାର ଲୋକସଂଖ୍ୟା ପାଖାପାଖି ୫୦ ହଜାରରୁ ଉଦ୍ଧ୍ୱର୍ ହେବ। ସହର ମଧ୍ୟରେ ନିର୍ମାଣ ହୋଇଥିବା ରାସ୍ତା ଏବଂ ପୁରାତନ ରାସ୍ତାର ଅଧିକାଂଶ ସ୍ଥାନରେ ନାଳ ନ ଥିବାବେଳେ ଆଉ ଯେଉଁ କେତେକ ସ୍ଥାନରେ ଅଛି ତାହା ପୋତି ହୋଇଯାଇଛି। ବେଆଇନ ଭାବେ ନାଳ ଜବରଦଖଲ ଯୋଗୁଁ ଅସରାଏ ବର୍ଷାରେ ସହରରେ ବର୍ଷାଜଳ ଜମି ରହୁଛି। ନାଳର ପୁନରୁଦ୍ଧାର ମଧ୍ୟ କରାଯାଉ ନ ଥିବା ଅଭିଯୋଗ ହେଉଛି। କିଛି ରାସ୍ତାରେ ନୂଆ ନାଳ କରାଯାଇଥିଲେ ହେଁ ସଠିକ୍ ଭାବେ ସଂଯୋଗ ହୋଇ ନ ଥିବାରୁ କେତେକ ସ୍ଥାନରେ ରାସ୍ତା ଉପରେ ପାଣି ଜମୁଛି। ଏଥିସହିତ ସହର ଅଧିକାଂଶ ନାଳ ଉପରେ ବେଆଇନ ଭାବେ ବହୁ ଘର ନିର୍ମାଣ ହୋଇଛି। ପ୍ରଶାସନର ନୀରବତା ହିଁ ଲୋକଙ୍କୁ ଅସୁବିଧାରେ ପକାଉଛି। ବହୁଦିନ ଡ୍ରେନ୍‌ଗୁଡ଼ିକ ସଫା ନ ହେବା ଫଳରେ ବହୁ ନାଳ ପୋତି ହୋଇ ମାନଚିତ୍ରରୁ ହଜି ଯାଇଥିବା ମଧ୍ୟ ଦେଖାଗଲାଣି। କିନ୍ତୁ ପୌରପରିଷଦ ତରଫରୁ ନାଳସଫା ନିୟମିତ ହେଉଥିବା ସଫେଇ ଦିଆଯାଉଛି। ମାତ୍ର ବର୍ଷାଦିନ ଆସିଲେ ସହରରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି।

ସେହିପରି ଲୋକମାନଙ୍କ ମଧ୍ୟରେ ସଚେତନତା ଅଭାବରୁ ଘରୁ ବାହାରୁଥିବା ଆର୍ବଜନା ନାଳ ମଧ୍ୟରେ ପକାଉଥିବା ଯୋଗୁଁ ଡ୍ରେନ୍ ମଧ୍ୟ ପୋତି ହୋଇ ପାଣି ନାଳରେ ଯିବା ପରିବର୍ତ୍ତେ ରାସ୍ତାରେ ଭାସୁଛି। ଫଳରେ ଯାତାୟାତରେ ଅସୁବିଧା ସୃଷ୍ଟି ହେଉଛି। ପୌରପରିଷଦ ତରଫରୁ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଇ ଅଧିକାଂଶ ୱାର୍ଡରେ କଂକ୍ରିଟ ରୋଡ୍ କରାଯାଉଥିବାବେଳେ ବର୍ଷାଜଳ ନିଷ୍କାସନ ପାଇଁ ପାର୍ଶ୍ୱରେ ଡ୍ରେନ୍ ତିଆରି ହୋଇନାହିଁ। ଆଉ ଯେଉଁ ସ୍ଥାନରେ ବି ତିଆରି ହୋଇଛି ତାହା ଅଧପାନ୍ତରିଆ। ଫଳରେ ବର୍ଷାଜଳ ଘରେ ପଶୁଛି। ଲୋକମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ସେହିପରି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ଗେଟ୍ ଏବଂ ସରକାରୀ କ୍ୱାର୍ଟର୍ସ ସମ୍ମୁଖରେ ଯାଇଥିବା ଡ୍ରେନ୍ ପୋତିହେବା ଫଳରେ ବର୍ଷାଜଳ ରାସ୍ତାରେ ଲହଡ଼ି ମାରୁଛି। ପ୍ରତିବର୍ଷ ବର୍ଷା ଆସିଲେ ପୌରପରିଷଦ ଲୋକଦେଖାଣିଆ ଭାବେ ଯେଉଁକିଛି ଡ୍ରେନେଜ୍ ରହିଛି ତା'ର ସଫେଇ କାମ ହାତକୁ ନେଉଛି ସିନା ବାସ୍ତବରେ ଜନସାଧାରଣଙ୍କ ସମସ୍ୟା ଯେଉଁଠି କି ସେଇଠି ଅଟକି ରହିଛି। ତେଣୁ ସହରରେ ସ୍ୱେରେଜ୍ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ପ୍ରଶାସନିକସ୍ତରରେ ଠିକ୍ ଭାବେ ଉଦ୍ୟମ କରା ନ ଗଲେ ଆଗାମୀ ଦିନରେ ପୌର ପ୍ରଶାସନକୁ ଜନସାଧାରଣଙ୍କ ଆକ୍ରୋଶର ଶିକାର ହେବାକୁ ପଡ଼ିପାରେ ବୋଲି ଆଲୋଚନା ହେଉଛି।

## ବିଦ୍ୟାଳୟର ଶତବାର୍ଷିକୀ ପାଳନ ପାଇଁ ପ୍ରସ୍ତୁତି ବୈଠକ

ବେଗୁନିଆ,୨୪।୫(ସମିସ): ବେଗୁନିଆ ସଦର ମହକୁମା ସ୍ଥିତ ସର୍ବପୁରାତନ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟର ୧୦୦ ବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ଦ୍ୱିତୀୟ ସାଧାରଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ତଥା ଶିକ୍ଷାବିତ୍ ଯୋଗେଶ୍ୱର ସୁନ୍ଦରାୟଙ୍କ ଅଧ୍ୟକ୍ଷତାରେ ପୁରାତନ ଛାତ୍ରଛାତ୍ରୀ ଏକାଠି ହୋଇ କାର୍ଯ୍ୟକ୍ରମକୁ ସଫଳ କରିବାକୁ ନିଜର ମତ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁଜାତା ସାହୁ ବିଗତ ବୈଠକର ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ସ୍ମୃତି ପଟ୍ଟନାୟକ କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ଦେଇଥିଲେ। ତେବେ ଆସନ୍ତା ଜୁନ୍ ୮ରେ ତୃତୀୟ ସାଧାରଣ ବୈଠକ ଅନୁଷ୍ଠିତ ପାଇଁ ନିଷ୍ପତ୍ତି ହୋଇଥିଲା। ଶିକ୍ଷାବିତ୍ ଭାଗିରଥୀ ପରିଡ଼ା ଧନ୍ୟବାଦ ଦେଇଥିଲେ।



■ ରଥଖଳାରୁ...

## ଚାରମାଳ ପାଇଁ ପହଞ୍ଚିଲା ତାଳଗଡ଼



ପୁରୀ, ୨୪।୫ (ସମିସ): ଆଉ ମାସେ ୨ ଦିନ ପରେ ବଡ଼ଦାଣ୍ଡରେ ଗଡ଼ିବ ତିନିରଥ। ଏଥିପାଇଁ ରଥ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଜାରି ରହିଛି। ତିନିରଥର ଚକ ନିର୍ମାଣ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ତିନିରଥର ମୋଟ ୪୨ ଚକ (ନନ୍ଦିଘୋଷ ୧୬, ତାଳଧ୍ୱଜ ୧୪ ଓ ଦର୍ପଦଳନ ୧୨) ମଧ୍ୟରୁ ଶୁକ୍ରବାର ସୁଦ୍ଧା ୩୬ଟି ସମ୍ପୂର୍ଣ୍ଣ ହୋଇଛି। ବାକି ୬ଟି ଚକ ମଧ୍ୟରୁ ୩ଟିର ସିଙ୍ଗଡ଼ା ବାଡ଼ିଆ ଶେଷ ହୋଇଛି। ମୋଟ ୩୯ଟି ଚକର ସିଙ୍ଗଡ଼ା ବାଡ଼ିଆ ସରିଛି। ଆଉ ୩ଟି ଚକର ସିଙ୍ଗଡ଼ା ବାଡ଼ିଆ ବାକି ରହିଛି। ସେହିପରି ଚଉଦ ନାହାକା ପାଇଁ ପ୍ରତ୍ୟେକ ରଥ ଚାଳିକୁ ୪ଟି ଲେଖାଏଁ ଫାଳି ଯୋଗାଇ ଦିଆଯାଇଥିଲା। ମହାରଣା ସେବକ ସେ ସବୁକୁ ଚଉପଟ କରିଛନ୍ତି। ଏହାପରେ ଆଠଅଂଶୀ କରିବେ। ଏଥିସହ ତିନିରଥର ମହାରଣା ସେବକମାନେ ମୁଖ୍ୟ ମହାରଣାଙ୍କ ମାର୍ଗଦର୍ଶନରେ ବାକି ଅଂଶଗୁଡ଼ିକର ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଜାରି ରଖିଛନ୍ତି। ଓରା, ଭୂଇଁ ଚଉତା, ମୁହାଁଟ, ନିରାଡ଼ି, ଖମ୍ବାର ବିନ୍ଧ କରାଯାଉଛି। ରୂପକାର ସେବକମାନେ ତିନି ରଥର ସାଲ ଗୁଜରେ ନୃସିଂହ ରୂପ ଖୋଦେଇ ସହ ଖୋଦେଇ ଶେଷ ହୋଇଥିବା ରୂପଗୁଡ଼ିକର ପଲିସ୍ କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦୀ ପରିସର ଅସ୍ଥାୟୀ କମାରଶାଳରେ କମାର ସେବକମାନେ ତିନିରଥର ଅଖ ଦଣ୍ଡା ବିଡିଆ ଏବଂ ଚଉରସ କଣ୍ଟା ତିଆରି କରୁଛନ୍ତି। ଶୁକ୍ରବାର ରଥଖଳାରେ ଚଳିତବର୍ଷ ନୂଆ ଚାରମାଳ ପାଇଁ ତାଳଗଡ଼ ଆସି ପହଞ୍ଚିଛି। ଏ ବର୍ଷ ଚାରମାଳ ରଥ ଉପରୁ ଭୂମିକୁ ଅଧିକ ସ୍ଲୋପିଂ କରାଯିବ। ଗତବର୍ଷ ତାଳଧ୍ୱଜ ରଥର ଚାଳମାଳ ଉପରୁ ବଡଠାକୁର ପଡିଯିବା ପରେ ମନ୍ଦିର ପ୍ରଶାସନ ଏବର୍ଷ ଚାରମାଳ ଉପରେ ଅଧିକ ଫୋକସ ରଖିଛି। ସେଥିପାଇଁ ବଡ଼ ବଡ଼ ତାଳଗଡ଼ ଅଣାଯାଇଛି।



ପୁରୀ ବଡ଼ଦାଣ୍ଡ ଆକାଶରେ କଳାହାଣ୍ଡିଆ ମେଘ... (ଫଟୋ-ଅନିଲ)

ବାଂଲା ଅନୁପ୍ରବେଶକାରୀଙ୍କ ପ୍ରସଙ୍ଗ

## ଓଏଚ୍ଆରସିରେ ମାମଲା

କଟକ, ୨୪।୫ (ସମିସ): ବାଂଲାଦେଶ ଅନୁପ୍ରବେଶକାରୀଙ୍କ ପାଇଁ ଭାରତୀୟ ନାଗରିକଙ୍କ ସୁରକ୍ଷା ବିପଦରେ ପଡ଼ିଛି। ଏଥିପାଇଁ ଦେଶର ନାଗରିକ ଅଧିକାର ମଧ୍ୟ କ୍ଷୁଣ୍ଣ ହେଉଛି। ଏହି ପ୍ରସଙ୍ଗରେ ରାଜ୍ୟ ମାନବାଧିକାର କମିସନ୍ (ଓଏଚ୍ଆରସି)ରେ ଏକ ମାମଲା ରୁଜୁ ହୋଇଛି। ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ପକ୍ଷରୁ ରୁଜୁ ଆବେଦନରେ ଦର୍ଶାଯାଇଛି ଯେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଏଭଳି (ବାଂଲା) ଅନୁପ୍ରବେଶକାରୀ ବ୍ୟାପି ରହିଛନ୍ତି। ଫେରିବାଲା ଏବଂ କବାଡ଼ିଆ ଭାବେ ଏମାନେ ଗାଁଠାରୁ ସହର ପର୍ଯ୍ୟନ୍ତ ସବୁଆଡ଼େ ବସବାସ କଲେଣି। ଓଡ଼ିଶାରେ ଏହିଭଳି ୧ଲକ୍ଷ ୫୦ ହଜାରରୁ ଅଧିକ ବାଂଲା ଅନୁପ୍ରବେଶକାରୀ ରହିଛନ୍ତି। କିନ୍ତୁ ପ୍ରଶାସନ ପକ୍ଷରୁ ସେମାନଙ୍କୁ ଚିହ୍ନଟ କରାଯାଇପାରୁନାହିଁ। ବିଶେଷକରି ଏମାନେ ବେଆଇନ ଭାବେ ଏଠାରେ ସମସ୍ତ ସରକାରୀ ସୁବିଧା ହାସଲ କରୁଥିବା ଦେଖାଗଲାଣି। ଏଣୁ ଅବୈଧ ଭାବେ ବସବାସ କରିଆସୁଥିବା ବାଂଲା ନାଗରିକମାନଙ୍କୁ ଚିହ୍ନଟ କରିବା ପାଇଁ ପ୍ରଭାବୀ ପଦକ୍ଷେପ ନେବା ପାଇଁ ସରକାରଙ୍କୁ କମିସନ୍ ନିର୍ଦ୍ଦେଶ ଦିଅନ୍ତୁ ବୋଲି ପ୍ରାର୍ଥନା କରି ଆବେଦନକାରୀ ଉକ୍ତ ମାମଲା ରୁଜୁ କରିଛନ୍ତି। ଏହି ମାମଲାରେ ମୁଖ୍ୟ ଶାସନ ସଚିବ, ଗୃହ ସଚିବ, ପୁଲିସ୍ ଡିଜି ଓ ପୁଲିସ କମିସନରଙ୍କୁ ପକ୍ଷଭୁକ୍ତ କରାଯାଇଛି।

ବେକାର ଯୁବପିଢ଼ିଙ୍କ ଉପରେ ଠକଙ୍କ ନଜର

## ୬ମାସରେ ୩ଶହରୁ ଉର୍ଦ୍ଧ୍ୱ ଠକେଇ

ଭୁବନେଶ୍ୱର,୨୪।୫(ସମିସ): ଠକେଇ ପାଇଁ ରାଜ୍ୟରେ କାମ କରୁଛି ଏକ ବଡ଼ ରାକେଟ୍। ଏହି ରାକେଟ୍ ଟାର୍ଗେଟରେ ଏବେ ବେକାର ଯୁବପିଢ଼ି। ଯୁବପିଢ଼ି ଚାକିରି ଅନ୍ୱେଷଣରେ ଏଣେତେଣେ ବୁଲୁଥିବା ବେଳେ ଏହି ଠକଙ୍କ ହାବୁଡ଼ରେ ପଡି ଯାଉଛନ୍ତି। ଯୁବକମାନେ ଅନ୍‌ଲାଇନ୍‌ରେ ଚାକିରି ପାଇଁ ଆବେଦନ କରୁଥିବା ବେଳେ ଠକ ସେଥିରୁ ଫୋନ୍ ନମ୍ବର ପାଇ ସେମାନଙ୍କୁ ଯୋଗାଯୋଗ କରୁଛନ୍ତି। ପରେ ସେମାନଙ୍କୁ ସହଜରେ ଚାକିରି ଦେବାକୁ କହି ଲକ୍ଷାଧିକ ଟଙ୍କା ଠକି ନେବା ପରେ ଆଉ ଧରାଛୁଆଁ ଦେଉନାହାନ୍ତି। ପ୍ରତିଦିନ ଏଭଳି ଠକେଇ ଘଟଣା ସାମ୍ନାକୁ ଆସୁଥିବା ବେଳେ ଗତ ୫ମାସରେ ୩ ଶହରୁ ଉର୍ଦ୍ଧ୍ୱ ଠକେଇ ମାମଲା ରୁଜୁ କରିଛି ରାଜ୍ୟ ପୁଲିସ।

ସେ ରେଲ୍‌ୱେ ଗ୍ରୁପ୍-ଡି'ରେ ଚାକିରି କରାଇ ଦେବାକୁ କହି ଆଶାୟୀଙ୍କଠାରୁ ଟଙ୍କା ଲୁଟି ନେଇଥିବା ଜଣେ ଠକକୁ ଆଜି ମୈତ୍ରୀବିହାର ପୁଲିସ ଗିରଫ କରିଛି। କଟକ ସାଇବର ଥାନା ପୁଲିସ ଏହିଭଳି ଚାକିରି ଦେବାକୁ କହି ଲକ୍ଷାଧିକ ଟଙ୍କା ଠକିଥିବା ଜଣେ ଠକକୁ କିଛି ଦିନ ତଳେ ଗିରଫ କରିଥିଲା। ଖୋର୍ଦ୍ଧା ପୁଲିସ ମଧ୍ୟ ଏକ ଠକ ରାକେଟ୍‌କୁ ଗିରଫ କରିଥିଲା। ସେମାନେ ନୌସେନାରେ ଚାକିରି ଦେବାକୁ କହି ଯୁବକଙ୍କଠାରୁ ଟଙ୍କା ଠକି ନେଉଥିଲେ। ଏଥିରେ ନୌସେନାର କିଛି ପୂର୍ବତନ ଅଧିକାରୀଙ୍କ ସଂପୃକ୍ତି ଥିବା ଜଣାପଡ଼ିଛି।

ବଡ଼ କଥା ହେଲା, ରାଜ୍ୟର ବିଭିନ୍ନ ଜିଲ୍ଲାରେ କନ୍‌ସଲ୍‌ଟାନ୍ସି ଠକେଇ ଅନୁଷ୍ଠାନଗୁଡ଼ିକ ଗଢ଼ି ଉଠୁଛି। ଉକ୍ତ ଠକେଇ ସଂସ୍ଥାଗୁଡ଼ିକ ଠକେଇ ପାଇଁ ଜାଲ ବିଛାଉଛନ୍ତି। ଗଳିକନ୍ଦିରେ ସେମାନେ ନକଲି ବିଜ୍ଞାପନର ପୋଷ୍ଟର ମାରି ଯୁବପିଢ଼ିଙ୍କୁ ଶିକାର କରୁଛନ୍ତି। କଲେଜ

■ ବିନା ପଞ୍ଜୀକରଣରେ ରାତାରାତି ଖୋଲୁଛି ଅଫିସ୍
■ ପୁଲିସ ପାଖରେ ରହୁନି କନ୍‌ସଲ୍‌ଟାନ୍ସି ସଂସ୍ଥା ତଥ୍ୟ

କାନ୍ଥବାଡ଼ଠାରୁ ଆରମ୍ଭ କରି ସରକାରୀ ଅଫିସ୍, ସବୁଠି ଛାଇଗଲାଣି ଏହି ଜାଲ୍ ବିଜ୍ଞାପନ ପୋଷ୍ଟର। ବିଶେଷକରି ସହରାଞ୍ଚଳରେ ଅଧିକମାତ୍ରାରେ ଚାକିରି ଆଳରେ ଠକେଇ ବଢୁଛି। କେତବେଳେ ପାର୍ଟ ଟାଇମ୍ ଚାକିରି ଯୋଗାଇ ଦେବାକୁ କହି ଠକୁଛନ୍ତି ତ, ଆଉ କେତବେଳେ ସରକାରୀ ଚାକିରି ଆଳରେ ଠକୁଛନ୍ତି। ବିଭିନ୍ନ ଜିଲ୍ଲାରୁ ମଧ୍ୟବିତ୍ତ ପରିବାରର ପିଲା ଆସି ସହରରେ ପାଠ ପଢୁଛନ୍ତି। ସେମାନଙ୍କୁ ଠକିବା ପାଇଁ ଏହି ଠକ ସଂସ୍ଥା ଟାର୍ଗେଟ କରୁଛନ୍ତି। ବିଜ୍ଞାପନ ଦେଖି କଲେଜ ପିଲା ଟଙ୍କା ରୋଜଗାର ଆଶାରେ କରି ଠକଙ୍କ ଜାଲରେ ଫସିଯାଉଛନ୍ତି। ସେମାନଙ୍କୁ ଚାକିରି ଦେବା ପୂର୍ବରୁ ଟଙ୍କା ମାଗି ନେଉଛନ୍ତି। କିନ୍ତୁ ପରବର୍ତ୍ତୀ ସମୟରେ ଚାକିରି ନ ଦେଇ ଅଫିସ୍ ବନ୍ଦ କରି ଚମ୍ପଟ ମାରୁଛନ୍ତି।

ସହରର ବିଭିନ୍ନ ଅଞ୍ଚଳରେ ଥିବା କନ୍‌ସଲଟାନ୍ସି ସଂସ୍ଥାଗୁଡ଼ିକ ଏଭଳି ଠକେଇ କରୁଛନ୍ତି। ଗତ ୧ ବର୍ଷରେ ଏଭଳି ସଂସ୍ଥା ନାମରେ ୫୦ଟି ମାମଲା ରୁଜୁ କରାଯାଇଛି। ଠକେଇ କରିବା ପାଇଁ ଏକାଧିକ ସଂସ୍ଥା ରାତାରାତି ଘର ଭଡ଼ା ନେଇ ଅଫିସ୍ ଖୋଲୁଛନ୍ତି। ସେମାନେ ବିନା ପଞ୍ଜିକରଣରେ ଏହି ନକଲି ଅଫିସ୍ ଖୋଲି ବିଭିନ୍ନ ଉପାୟରେ ଠକେଇ କରୁଛନ୍ତି। ରାଜଧାନୀରେ ହେଉଥିବା ଅଧିକାଂଶ ଠକେଇ କନ୍‌ସଲ୍‌ଟାନ୍ସି ସଂସ୍ଥା ଏବଂ ଘରୋଇ ସିକ୍ୟୁରିଟ୍ ସଂସ୍ଥା ଦ୍ୱାରା ହେଉଥିବା ଅଭିଯୋଗ ଆସୁଛି। ସେମାନେ ପିଲାଙ୍କୁ ଚାକିରି ଦେବାକୁ କହି ଲକ୍ଷ ଲକ୍ଷ ଟଙ୍କା ଆଦାୟ କରୁଛନ୍ତି। କିନ୍ତୁ ଏହି ଠକ ସଂସ୍ଥା ସମ୍ପର୍କରେ ପୁଲିସ ନିକଟରେ କୌଣସି ତଥ୍ୟ ନଥିବାରୁ ସେମାନେ ସହଜରେ ଟଙ୍କା ଠକିବା ପରେ ଅଫିସ ବନ୍ଦ କରି ଫେରାର୍ ହୋଇଯାଉଛନ୍ତି।

## ତେଜିଲା ବୈତରଣୀ ନଦୀ ବଞ୍ଚାଅ ଆନ୍ଦୋଳନ

ଚମ୍ପୁଆ/ଯୋଡ଼ା,୨୪।୫(ସମିସ): ପୁଣି ତେଜିଲା ବୈତରଣୀ ନଦୀ ବଞ୍ଚାଅ ଆନ୍ଦୋଳନ। ଓଡ଼ିଶାର ଅନ୍ୟତମ ପ୍ରମୁଖ ନଦୀ ବୈତରଣୀ ଧୀରେଧୀରେ ସଂକୁଚିତ ହେଉଥିବା ବେଳେ କିଛି ପ୍ରମୁଖ ଶିଳ୍ପ ସଂସ୍ଥା ଏହାର ପାଣି ଶୋଷିବାରେ ଲାଗିଛନ୍ତି। ଶିଳ୍ପ ସଂସ୍ଥା ପକ୍ଷରୁ ନଦୀ ଗର୍ଭରେ ଗୋଟିଏ ପରେ ଗୋଟିଏ ଇନ୍‌ଟେକ୍ ୱେଲ୍ ଖୋଳାଯାଉଛି। ଏପରି ସ୍ଥିତି ଜାରି ରହିଲେ, ଆଗକୁ ଓଡ଼ିଶାର ମାନଚିତ୍ରରୁ ବୈତରଣୀ ଯେ ହଜିଯିବ; ଏହାକୁ ଏଡ଼ାଇ ଦିଆଯାଇନପାରେ। ତେଣୁ, ଜିଲ୍ଲା ଦେଇ ପ୍ରବାହିତ ବୈତରଣୀ ସହ ଅନ୍ୟ ଦୁଇ ନଦୀ କାରୋ ଓ ସୁନାକୁ ବଞ୍ଚାଇବା ପାଇଁ ଶନିବାର କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ୍ କଣ୍ଡରା ହାଟ ପଡ଼ିଆଠାରେ ଏକ ସମାବେଶ ଆୟୋଜିତ ହେବା ସହ ଏନେଇ ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରାଯାଇଛି। ଏହି ସମାବେଶରେ ଆଜି ୬ଟି ପ୍ରସ୍ତାବ ଆଗତ କରାଯାଇ ଦାବି ପ୍ରସ୍ତୁତ କରାଯାଇଛି। ଏହି କ୍ରମରେ ଆଗାମୀ ଦିନରେ ୪ଟି ଜିଲ୍ଲାରେ ବୈତରଣୀ ପଞ୍ଚାୟତ ଗଠନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ସମାବେଶରେ ଯୋଗଦେଇ କହିଥିଲେ ଯେ ସରକାର ବୈତରଣୀକୁ ନେଇ ଏକ ଶ୍ୱେତପତ୍ର ଜାରି କରନ୍ତୁ। ଅତୀତରେ ନଦୀରେ ଜଳ କେତେ ଥିଲା, ଏବେ କେତେ ଅଛି ଏବଂ ନଦୀରେ ଜଳ ପ୍ରବାହର ଗତି ସମ୍ପର୍କିତ ସୂଚନା ଜାରି କରିବାକୁ ସେ ଦାବି କରିଛନ୍ତି। ଏହାସହ ଆଉ କିଛି ପ୍ରସ୍ତାବ ଆଗତ ହୋଇଛି। ସେଗୁଡ଼ିକ ହେଲା, ନଦୀ ସୁରକ୍ଷା ପାଇଁ ରାଜ୍ୟ ସରକାର ନଦୀ ନୀତି ଆଣନ୍ତୁ। ବୈତରଣୀ ନଦୀର ନିର୍ମଳ ଜଳକୁ ସ୍ଲରୀ ପାଇପ ଲାଇନ୍ ଜରିଆରେ ବ୍ୟବହାର କରାନଯାଉ। ସେହିପରି ଶିଳ୍ପକୁ ବୈତରଣୀ ଜଳ ଦେବା ଚୁକ୍ତିକୁ ବାତିଲ କରାଯାଉ। ଶିଳ୍ପ ଓ ଖଣିର ବର୍ଜ୍ୟ ବସ୍ତୁର ନିଷ୍କାସନର ଜରିଆ ନଦୀ ନହେଉ। ସେହିପରି ବୈତରଣୀର ସୁରକ୍ଷା ପାଇଁ ଆଗାମୀ ଦିନରେ ନଦୀର ଉତ୍ପତ୍ତିସ୍ଥଳ ଗୋନାସିକାଠାରୁ ଭଦ୍ରକ ଜିଲ୍ଲାର ଧାମରାଠାରେ ଥିବା ବଙ୍ଗୋପସାଗରର ସଙ୍ଗମସ୍ଥଳ ପର୍ଯ୍ୟନ୍ତ ପଦଯାତ୍ରା କରି ଜନଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ଜଳମାନବ ଭାବେ ପରିଚିତ ରାଜେନ୍ଦ୍ର ସିଂ କାର୍ଯ୍ୟକ୍ରମରେ ଯୋଗଦେଇ ନ୍ୟାୟିକ ପ୍ରକ୍ରିୟାରେ ଏହି ଅନ୍ୟାୟ ବିରୋଧରେ ଲଢ଼େଇ କରାଯିବ ବୋଲି କହିଥିଲେ। ସେ ଆହୁରି କହିଥିଲେ ଯେ ସରକାର ଖଣି ପରିଚାଳନା ଦିଗରେ ଅତ୍ୟନ୍ତ ଯତ୍ନବାନ ହେବା ଉଚିତ।



■ ଗୋନାସିକାଠାରୁ ଧାମରା ଯାଏ ହେବ ପଦଯାତ୍ରା
■ ୬ ଦଫା ଦାବି ନେଇ ୪ଟି ଜିଲ୍ଲାରେ ବ୍ୟାପିବ ଆନ୍ଦୋଳନ

ଅନ୍ୟମାନଙ୍କ ମଧ୍ୟରେ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ନଦୀ ବଞ୍ଚାଅ ଆନ୍ଦୋଳନ ପ୍ରମୁଖ ସଦସ୍ୟା ବ୍ରତିନ୍ଦି ଜେନା, ନଦୀ ବଞ୍ଚାଅ ଆନ୍ଦୋଳନର କେନ୍ଦୁଝର ଜିଲ୍ଲା ପ୍ରମୁଖ ସଦସ୍ୟ ଅଶୋକ ଠକ୍କର, ଭଦ୍ରକର ବିଶିଷ୍ଟ ପରିବେଶବିତ୍ ପ୍ରତାପ ପାଢ଼ୀ, ଜିଲ୍ଲା ପରିଷଦ ସଦସ୍ୟ ତମ୍ବ୍ରୁଧର କୁଦାଦା, କଣ୍ଡରା ସରପଞ୍ଚ ରୀନା ନାଏକ, କରଞ୍ଜିଆ ସରପଞ୍ଚ ସୁପ୍ରିୟା ମୁଣ୍ଡା, ପୂର୍ବତନ ଯୋଡ଼ା ବ୍ଲକ୍ ଅଧ୍ୟକ୍ଷ ଗିରିଧାରୀ ନାଏକ, ବଦ୍ରୁ ଜମାଦ ପ୍ରମୁଖଙ୍କ ସମେତ ଜିଲ୍ଲାର ବିଭିନ୍ନ ଟ୍ରକ୍ ମାଲିକ ସଂଘର ବହୁ କର୍ମକର୍ତ୍ତା ଓ ସ୍ଥାନୀୟ ଅଞ୍ଚଳର ଶତାଧିକ ଚାଷୀ ଉପସ୍ଥିତ ଥିଲେ।

ଆଇନମନ୍ତ୍ରୀଙ୍କ ବିବୃତି ଉପରେ ପ୍ରତିକ୍ରିୟା ରଖିଲା ବିଜେଡି

## ପରିକ୍ରମା ପ୍ରକଳ୍ପ ନିର୍ମାଣ ସମୟରେ ମଠ ସଂସ୍କୃତିକୁ ଅକ୍ଷୁର୍ଣ୍ଣ ରଖାଯାଇଥିଲା

ଭୁବନେଶ୍ୱର,୨୪।୫(ସମିସ): ପୁରୀ ପରିକ୍ରମା ପ୍ରକଳ୍ପ ନିର୍ମାଣ ସମୟରେ କ୍ଷତିଗ୍ରସ୍ତ ହୋଇଥିବା ୧୯ଟି ଐତିହ୍ୟ ମଠର ପୁନଃବିନ୍ୟାସ ନେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଦେଇଥିବା ମନ୍ତବ୍ୟ ଉପରେ ପ୍ରତିକ୍ରିୟା ପ୍ରକାଶ କରିଛି ବିଜୁ ଜନତା ଦଳ। ପରିକ୍ରମା ପ୍ରକଳ୍ପ ସମୟରେ ସମସ୍ତ

■ ୧୯ଟି ମଠର ବିଜେସ୍ଥଳୀକୁ ଅକ୍ଷତ ରଖି ହୋଇଥିଲା ସୌନ୍ଦର୍ଯ୍ୟକରଣ
■ ସମ୍ପୂର୍ଣ୍ଣ ମଠ ଭାଙ୍ଗି ଦିଆଯାଇଥିବା ନେଇ ମନ୍ତ୍ରୀଙ୍କ ଉକ୍ତି ଆଦୌ ଠିକ୍ ନୁହେଁ

୧୯ଟି ମଠର ବିଜେସ୍ଥଳୀକୁ ଅକ୍ଷୁର୍ଣ୍ଣ ରଖାଯାଇ ଏହାର ସୌନ୍ଦର୍ଯ୍ୟକରଣ କରାଯାଇଥିଲା। ତେଣୁ ମଠଗୁଡିକୁ ସମ୍ପୂର୍ଣ୍ଣ ଭାଙ୍ଗି ଦିଆଯାଇଥିଲା ବୋଲି ଯାହା କୁହାଯାଉଛି, ତାହା ଆଦୌ ଠିକ୍ ନୁହେଁ ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

ଦଳ ପକ୍ଷରୁ ଜାରି ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡଃ ଲେନିନ୍ ମହାନ୍ତି କହିଛନ୍ତି ଯେ ଶ୍ରୀମନ୍ଦିରର ସୁରକ୍ଷା ଓ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ ପାଇଁ ଆସୁଥିବା କୋଟି କୋଟି ଭକ୍ତଙ୍କ ସୁବିଧା ପାଇଁ ପରିକ୍ରମା ପ୍ରକଳ୍ପ କାର୍ଯ୍ୟାନ୍ୱୟନ କରାଯାଇଥିଲା। ଏହି ସମୟରେ ସେଠାରେ ଥିବା ମଠଗୁଡ଼ିକର ଐତିହ୍ୟକୁ ଅକ୍ଷୁର୍ଣ୍ଣ ରଖିବା ଉଦ୍ଦେଶ୍ୟରେ ମୂଳ ପୀଠ ବା ବିଜେସ୍ଥଳୀଗୁଡିକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ନିଷ୍ପତ୍ତି ନିଆ ଯାଇଥିଲା। ମଠାଧିଶମାନଙ୍କ ସହ ଆଲୋଚନା କରାଯାଇ କେବଳ ବିଦ୍ୟାର୍ଥୀ ଭବନ ଓ ସନ୍ଥ ଭବନଗୁଡ଼ିକୁ ଭଙ୍ଗାଯାଇ ସେଗୁଡ଼ିକ ଅନ୍ୟ ଏକ ସ୍ଥଳରେ ନିର୍ମାଣ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ସେହି ଅନୁସାରେ ପୁରାତନ ମଠଗୁଡ଼ିକର ବିଜେସ୍ଥଳୀ ସୌନ୍ଦର୍ଯ୍ୟକରଣ କରାଯାଇଥିଲା। ସେଗୁଡ଼ିକ ଏବେ ବି ପୂର୍ବ ସ୍ଥାନରେ ବିରାଜମାନ ଅଛି ଓ ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତମାନେ ସେସବୁକୁ ଦର୍ଶନ କରୁଛନ୍ତି। ମଠଗୁଡ଼ିକର ସନ୍ଥ ଭବନ ଓ ବିଦ୍ୟାର୍ଥୀ ଭବନ ଇତ୍ୟାଦିର ଆଉ ଏକ ସ୍ଥାନରେ ପୁନଃବିନ୍ୟାସ କରାଯିବ ବୋଲି ପୂର୍ବ ସରକାର ନିଷ୍ପତ୍ତି ନେଇଥିଲେ; ଯାହାକୁ ମଠାଧୀଶମାନେ ଗ୍ରହଣ କରିଥିଲେ। ଶ୍ରୀକ୍ଷେତ୍ରର ମଠ ସଂସ୍କୃତି ବେଶ୍ ସମୃଦ୍ଧ ବୋଲି ମତ ରଖିବା ସହ ମଠଗୁଡିକୁ ସମ୍ପୂର୍ଣ୍ଣ ଭାଙ୍ଗି ଦିଆଯାଇଥିଲା ବୋଲି ସାଧାରଣରେ ଯେଉଁ ଧାରଣା ସୃଷ୍ଟି କରାଯାଉଛି, ଯାହା ଆଦୌ ଠିକ୍ ନୁହେଁ ବୋଲି ଡଃ ମହାନ୍ତି କରିଛନ୍ତି।

■ ବର୍ଷା ପୂର୍ବରୁ ଅମଳ ଧାନର ସୁରକ୍ଷା ନିମନ୍ତେ ପଦକ୍ଷେପ

## ମଣ୍ଡିଗୁଡ଼ିକରେ ପଲିଥିନ୍ ରଖିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୪।୫(ସମିସ): ଚଳିତ ରବି ଋତୁରେ ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି। ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀଜନିତ ଅଦିନିଆ ବର୍ଷା ହେଉଥିବା ବେଳେ ଖୁବ୍‌ଶୀଘ୍ର ପ୍ରାକ୍ ମୌସୁମୀ ବର୍ଷା ଜାରି ରହିବ ବୋଲି ପାଣିପାଗ ବିଭାଗର ଆକଳନ କରିଛି। ଏହାକୁ ଦୃଷ୍ଟିରେ ରଖି ମଣ୍ଡିରେ ଧାନ ସୁରକ୍ଷା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଏ ସମ୍ପର୍କରେ ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ସମବାୟ ସମିତି ସମୂହ ନିବନ୍ଧକ ସିଦ୍ଧାର୍ଥ ଦାସଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସମ୍ପୃକ୍ତ ଜିଲ୍ଲା ଯୋଗାଣ ଅଧିକାରୀ, ସମବାୟ ସମିତି ଉପ ନିବନ୍ଧକ ଓ ବରିଷ୍ଠ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ବର୍ଷାକୁ ଦୃଷ୍ଟିରେ ରଖି ଧାନକିଣା ପ୍ରକ୍ରିୟାକୁ ଚାଲୁ ରଖିବା ସହିତ ଅମଳ ଧାନର ସୁରକ୍ଷା ପାଇଁ ଯୋଗାଣ ବିଭାଗ ପକ୍ଷରୁ ଆବଶ୍ୟକ ମୁତାବକ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଛି। ଚାଷୀମାନଙ୍କୁ ସଚେତନ କରାଯିବା ସହ ପାଣିପାଗ ସଂପର୍କରେ ସୂଚନା ଦିଆଯାଇଛି। ଏଥିନିମନ୍ତେ ସମସ୍ତ ଜିଲ୍ଲାପାଳ ଓ ଜିଲ୍ଲା ଯୋଗାଣ ଅଧିକାରୀ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିଛନ୍ତି। ମଣ୍ଡିରେ ଗଚ୍ଛିତ ଥିବା ଧାନଗୁଡ଼ିକୁ ଘୋଡ଼ାଇ ରଖିବା ନିମନ୍ତେ ଆବଶ୍ୟକ ପଲିଥିନ୍ ଯୋଗାଇଦେବା ପାଇଁ ପରାମର୍ଶ ଦିଆଯାଇଛି। ଏଥିସହ ଅଗ୍ରାଧିକାର ଭିତ୍ତିରେ ଧାନ ଉଠାଣ ପାଇଁ ମିଲରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଧାନଗୁଡ଼ିକର ସଂରକ୍ଷଣ ଏବଂ ବର୍ଷାରୁ ସୁରକ୍ଷିତ ରଖିବା ପାଇଁ ବିଭିନ୍ନ ପର୍ଯ୍ୟାୟରେ ଅଧିକାରୀମାନଙ୍କ ପକ୍ଷରୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଉଛି। ଏତଦବ୍ୟତୀତ ପାଣିପାଗ ଉପରେ ନଜର ରଖାଯାଇ ବିହିତ ପଦକ୍ଷେପ ଗ୍ରହଣ କରାଯାଉଛି।

ଖାଲି ପଡ଼ିଛି ଏସ୍‌ଡିପିଓ ପଦବୀ

## ପଦୋନ୍ନତି ମିଳିଲା; ପୋଷ୍ଟିଂ ମିଳୁନି

ଭୁବନେଶ୍ୱର, ୨୪।୫(ସମିସ): ରାଜ୍ୟରେ ନୂଆ ସରକାର ଆସିବା ପରେ ବିଚିତ୍ର ବ୍ୟବସ୍ଥା ଦେଖାଦେଇଛି। ପ୍ରାୟ ଦୁଇ ବର୍ଷର ବ୍ୟବଧାନ ପରେ ୧୬୯ ଜଣ ଇନ୍ସପେକ୍ଟର ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସେମାନଙ୍କର ପୋଷ୍ଟିଂ ହୋଇପାରି ନାହିଁ। ଫଳରେ ପଦୋନ୍ନତି ପାଇବା ପରେ ମଧ୍ୟ ଅଧିକାଂଶ ଡିଏସ୍‌ପି ଏବେ ପୂର୍ବଭଳି ଥାନାରେ କାମ କରୁଛନ୍ତି। ପଦୋନ୍ନତିର ମାସେ ପରେ ମଧ୍ୟ ଡିଏସ୍‌ପିମାନଙ୍କୁ ନିଯୁକ୍ତି ନ ମିଳିବା ସରକାରଙ୍କ ନିଷ୍ପତ୍ତି ନେବାର ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନାଅନୁସାରେ, ଗତମାସ୨୩ତାରିଖଦିନରାଜ୍ୟସରକାର ୧୬୮ ଜଣ ଇନ୍ସପେକ୍ଟରଙ୍କୁ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ଦେଇଥିଲେ। ପରବର୍ତ୍ତୀ ସମୟରେ ଆଉ ଜଣେ ଅଧିକାରୀ ମଧ୍ୟ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ପାଇଥିଲେ। ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ସେହି ସ୍ଥାନରେ କାର୍ଯ୍ୟ କରିବାକୁ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ବିଜ୍ଞପ୍ତିକୁ ମାସେ ବିତିଯାଇଥିଲେ ମଧ୍ୟ ଡିଏସପିମାନଙ୍କୁ ପୋଷ୍ଟିଂ ମିଳିନାହିଁ।

ସେପଟେ ରାଜ୍ୟର ବିଭିନ୍ନ ସ୍ଥାନରେ ଏସଡିପିଓ ପଦବୀ ଖାଲି ପଡ଼ିଛି। ଏକାଧିକ ସ୍ଥାନରେ ଜଣେ ଅଧିକାରୀ ଦୁଇଟି ଦାୟିତ୍ୱରେ ରହିଥିବାବେଳେ କେତେକ ସ୍ଥାନରେ ଅଧିକାରୀଙ୍କୁ ଅସ୍ଥାୟୀ ଭାବେ ଅବସ୍ଥାପିତ କରାଯାଇଛି। ରାଜ୍ୟ ସବୁଠାରୁ ଉତ୍ତମ ପୁଲିସ ସେବା ଯୋଗାଉଥିବା କମିସନରେଟ ପୁଲିସରେ ମଧ୍ୟ ଏକପ୍ରକାର ଡିଏସ୍‌ପି ନିଅଣ୍ଟ। କମିସନରେଟ ପୁଲିସର କଟକ ସହରାଞ୍ଚଳ ପୁଲିସ ଜିଲ୍ଲା (ୟୁପିଡି) ଅଧୀନରେ ଥିବା ଜୋନ୍ ୩ ଏସିପି ପଦବୀ ଫାଙ୍କା ପଡ଼ିଛି। କଟକର ଲାଲବାଗ, ବିଡ଼ାନାସୀ, ଫେଜ୍ ୨ ଓ ମର୍କତ ନଗର ଭଳି ଗୁରୁତ୍ୱପୂର୍ଣ୍ଣ ଥାନା ଜୋନ୍ ୩ ଅଧୀନରେ ଆସୁଛି। ଏଠାରେ ପୂର୍ବରୁ ଏସିପି ଭାବେ କାର୍ଯ୍ୟରତ ଥିବା ଡିଏସ୍‌ପିଙ୍କର କ୍ରାଇମବ୍ରାଞ୍ଚକୁ ବଦଳି ହେବା ପରେ ଜୋନ୍ ୨ ଏସିପି ଅତିରିକ୍ତ ଦାୟିତ୍ୱରେ ରହିଛନ୍ତି।

■ ହେଡ୍‌କ୍ୱାର୍ଟରରେ ଇନ୍ସପେକ୍ଟର; ଥାନାରେ ଡିଏସ୍‌ପି
■ ଏକାଧିକ ଦାୟିତ୍ୱରେ ଏକାଧିକ ଅଧିକାରୀ
■ କମିସନରେଟ୍ ପୁଲିସରେ ବି ଅସ୍ଥାୟୀ ଏସିପି

କେବଳ କଟକ ନୁହଁ; ଭୁବନେଶ୍ୱର ୟୁପିଡିର ବଡ଼ଗଡ଼, ଲକ୍ଷ୍ମୀସାଗର, ପାହାଳ, ବାଲିଅନ୍ତା ଓ ବାଲିପାଟଣା ଥାନାକୁ ନେଇ ଗଠିତ ଜୋନ୍ ୪ରେ ମଧ୍ୟ ସମାନ ଅବସ୍ଥା। ପୂର୍ବରୁ ଜୋନ୍ ୪ ଏସିପି ଥିବା ବିଭୂତି ଭୂଷଣ ମହାପାତ୍ରଙ୍କର ଅତିରିକ୍ତ ଏସ୍‌ପି ପାହ୍ୟାକୁ ପଦୋନ୍ନତି ହେବା ସହିତ କନ୍ଧମାଳ ଜିଲ୍ଲାକୁ ବଦଳି ହୋଇଛି। ଶ୍ରୀ ମହାପାତ୍ର ଯିବା ପରେ ଡିଏସ୍‌ପି ଅଭିମନ୍ୟୁ ନାୟକଙ୍କୁ ଅସ୍ଥାୟୀ ଭାବେ ଜୋନ୍ ୪ ଦାୟିତ୍ୱ ଦିଆଯାଇଛି। ସେହିପରି କମିସନରେଟ୍ ପୁଲିସର ହେଡ୍‌କ୍ୱାର୍ଟରରେ ଏକାଧିକ ଇନ୍ସପେକ୍ଟର ରହିଥିବା ବେଳେ ୮ ଜଣ ଡିଏସ୍‌ପି ଥାନା ଦାୟିତ୍ୱରେ ରହିଛନ୍ତି। ଯଦି ଖୋଦ୍ କମିସନରେଟ ପୁଲିସରେ ଏଭଳି ବ୍ୟବସ୍ଥା, ତେବେ ସାରା ରାଜ୍ୟରେ ଅବସ୍ଥା କ'ଣ ହୋଇଥିବ ତାହା ଅନୁମେୟ।

ରାଜ୍ୟରେ ଏସ୍‌ଡିପିଓ ଓ ଏସିପି ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡ଼ିବା ଓ ଅଧିକାରୀମାନେ ଅସ୍ଥାୟୀ ଦାୟିତ୍ୱରେ ଥିବାରୁ ଏସସି/ ଏସ୍‌ଟି ମାମଲା ସମ୍ପୂର୍ଣ୍ଣ ପ୍ରଭାବିତ ହେଉଛି। ଅନୁସୂଚିତ ଜାତି ଓ ଜନଜାତିଜନିତ ମାମଲାର ତଦନ୍ତ ସର୍ବନିମ୍ନ ଡିଏସ୍‌ପି ପାହ୍ୟାର ଅଧିକାରୀ କରିଥା'ନ୍ତି। ସେଥିପାଇଁ ଥାନା ଅଧିକାରୀମାନେ କେବଳ ମାମଲା ରୁଜୁ କରୁଥିଲେ ମଧ୍ୟ ତଦନ୍ତର ଅଗ୍ରଗତି ହେଉନାହିଁ। ଫଳରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକେ ନ୍ୟାୟ ପାଇବାରେ ବିଳମ୍ବ ହେଉଛି। ଅସ୍ଥାୟୀ ବା ଅତିରିକ୍ତ ଦାୟିତ୍ୱରେ ଥିବାରୁ ତଦନ୍ତକାରୀ ଅଧିକାରୀମାନେ ମଧ୍ୟ ବିଶେଷ ମନଯୋଗ ଦେଉନାହାନ୍ତି।

କେବଳ ଏତିକି ନୁହଁ; ଏକାଧିକ ଦାୟିତ୍ୱରେ ଥିବା ଡିଏସ୍‌ପିମାନେ ମଧ୍ୟ କାର୍ଯ୍ୟ ଚାପ ଯୋଗୁଁ ମାନସିକ ଅବସାଦରେ ରହୁଛନ୍ତି। ଜାଣିଶୁଣି ଅଧିକ ଦାୟିତ୍ୱ ଦିଆଯାଉଥିବାରୁ ଜୀବନ ହାରିବା ବ୍ୟତୀତ ଅନ୍ୟ କିଛି ଉପାୟ ନାହିଁ ବୋଲି ନିକଟରେ ଜଳେଶ୍ୱର ଏସ୍‌ଡିପିଓ ବ୍ରଜମୋହନ ପ୍ରଧାନ ଉଚ୍ଚ ଅଧିକାରୀଙ୍କୁ ଚିଠି ଲେଖିଥିଲେ। ବ୍ରଜମୋହନ ବାଲେଶ୍ୱର ହେଡ୍‌କ୍ୱାର୍ଟରରେ ଡିଏସ୍‌ପି ଦାୟିତ୍ୱ ତୁଲାଉଥିବାବେଳେ ପୁଣି ଜଳେଶ୍ୱରରେ ଏସ୍‌ଡିପିଓ ଦାୟିତ୍ୱ ସମ୍ଭାଳୁଛନ୍ତି। ଗୋଟିଏପଟେ ଡିଏସ୍‌ପି ପଦବୀ ଫାଙ୍କା ପଡ଼ିବା ଓ ଅନ୍ୟପଟେ ୧୬୯ ଜଣ ଡିଏସ୍‌ପି ନିଯୁକ୍ତି ଅପେକ୍ଷାରେ ରହିବା, ସରକାରଙ୍କ ପାରିବାପଣିଆ ଉପରେ ଅଙ୍ଗୁଳି ଉଠାଇଛି।

## ଜେଲ୍ ଗଲେ କନିଷ୍ଠ ଯନ୍ତ୍ରୀ

ଭୁବନେଶ୍ୱର,୨୪।୫(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ସେଠୀଙ୍କୁ ଭିଜିଲାନ୍ସ ଗିରଫ କରିଛି। ନୂଆପଡ଼ା ଡିଭିଜନର କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ଆୟଠାରୁ ୩୪୭ ପ୍ରତିଶତ ଅଧିକ ସମ୍ପତ୍ତି ଅର୍ଜନ କରିଥିବା ଭିଜିଲାନ୍ସ ଯାଞ୍ଚ ପରେ ଜଣାପଡିଛି। ଆହୁରି ମଧ୍ୟ ତଦନ୍ତରୁ ଚାଞ୍ଚଲ୍ୟକର ତଥ୍ୟ ଜଣାପଡ଼ିଛି। ଭିଜିଲାନ୍ସ ଚଢ଼ଉରୁ ବର୍ତ୍ତିବା ପାଇଁ ସୁଶାନ୍ତଙ୍କ ପତ୍ନୀ ଲିପି ସେଠୀ ଅଭିନବ

■ ଆୟଠାରୁ ୩୪୭ ପ୍ରତିଶତ ଅଧିକ ସମ୍ପତ୍ତି ଅର୍ଜନ କରିଥିଲେ
■ ଭିଜିଲାନ୍ସ ଭୟରେ ଭଡ଼ାଟିଆଙ୍କ ଘରେ ରଖିଥିଲେ କଳାଧନ

ଉପାୟ ଆପଣାଇଥିଲେ। ତାଙ୍କ ତୃତୀୟ ମହଲା ଘରେ ଭଡ଼ାରେ ରହୁଥିବା ରାକେଶ କୁମାର ସେନାପତିଙ୍କ ଘରେ ସେ ରଖିଥିବା ଲକ୍ଷାଧିକ ଟଙ୍କା ଓ ସୁନାଗହଣାକୁ ରାକେଶ ଚୋରି କରି ନେଇଥିବା ନେଇ ଲିପି ୨୦୨୪ ଏପ୍ରିଲ ୧୩ରେ ଭୁବନେଶ୍ୱର ଧଉଳି ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଜମି ବିକା ଟଙ୍କା ୫୫ ଲକ୍ଷ ଏବଂ ୧କେଜି ୪୦୦ ଗ୍ରାମର ସୁନା ଗହଣା ଚୋରି ହୋଇଥିବା ଲିପି ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ। ତାହା ଏବେ ଧଉଳି ଥାନା ପୁଲିସର ତଦନ୍ତ ପରିସରରେ ଥିବା ଭିଜିଲାନ୍ସ ସୂଚନା ଦେଇଛନ୍ତି। ଭିଜିଲାନ୍ସ ଚଢ଼ଉ ଭୟରେ ଲିପି ଭଡ଼ାଟିଆଙ୍କ ଘରେ କଳାଧନ ରଖିଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ସୂଚନାଯୋଗ୍ୟ, ଗତକାଲି ଭିଜିଲାନ୍ସ ଚଢ଼ଉରେ ସୁଶାନ୍ତଙ୍କ ଭୁବନେଶ୍ୱରରେ ଦୁଇ ଦୁଇଟି ବହୁତଳ କୋଠା, ୯ଟି ଦାମୀ ପ୍ଲଟ୍, ଫାର୍ମ ହାଉସ୍, ୫୦ ଲକ୍ଷ ଟଙ୍କାର ବୀମା ଓ ବ୍ୟାଙ୍କ ବାଲାନ୍ସ ଥିବା ଠାବ କରିଥିଲା।

## ଆଇପିଏଲ୍ ୧୮ : ସମୀର ରିଜ୍‌ଭିଙ୍କ ବିସ୍ଫୋରକ ଅପରାଜିତ ଅର୍ଦ୍ଧଶତକ

# ବିଜୟ ସହ କ୍ୟାପିଟାଲ୍ସର ଅଭିଯାନ ଶେଷ



ଜୟପୁର,୨୪।୫ (ଏଜେନ୍ସି)

ଚଳିତ ଆଇପିଏଲ୍‌ରେ ବିଜୟ ସହ ଦିଲ୍ଲୀ କ୍ୟାପିଟାଲ୍ସ ଅଭିଯାନ ଶେଷ କରିଛି। ଶନିବାର ସ୍ଥାନୀୟ ସୱାଇ ମାନସିଂ ଷ୍ଟାଡିୟମରେ ଅନୁଷ୍ଠିତ ଲିଗ୍‌ର ୬୬ତମ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ୬ ୱିକେଟରେ ପଞ୍ଜାବ କିଙ୍ଗ୍‌ସକୁ ମାତ୍ ଦେଇଛି। ଏହି ମ୍ୟାଚରେ ପଞ୍ଜାବ ପ୍ରଥମେ ବ୍ୟାଟିଂ କରି ୮ ୱିକେଟ୍‌ରେ ୨୦୬ ରନ କରିଥିଲା। ଜବାବରେ ଦିଲ୍ଲୀ ୩ଟି ବଲ୍ ବଳକା ଥାଇ ୪ ୱିକେଟ୍ ହରାଇ ମ୍ୟାଚ୍ ଜିତିନେଇଥିଲା। ଏଥିସହ ଦିଲ୍ଲୀ ୧୪ତମ ମ୍ୟାଚରୁ ୭ଟି ବିଜୟ ଓ ୬ ପରାଜୟ ଏବଂ ଗୋଟିଏ ମ୍ୟାଚ୍ ବାତିଲ ସହ ୧୫ ପଏଣ୍ଟ ପାଇ ପଞ୍ଚମ ସ୍ଥାନରେ ରହି ବିଦାୟ ନେଇଛି। ପୂର୍ବରୁ ଦିଲ୍ଲୀ ପ୍ଲେ-ଅଫ୍ ଦୌଡ଼ରୁ ବାଦ୍ ପଡ଼ିସାରିଥିଲା। ଅପରପକ୍ଷରେ ପଞ୍ଜାବ ୧୩ତମ ମ୍ୟାଚରୁ ୪ର୍ଥ ପରଜାୟ ଓ ୮ ବିଜୟ ସହ ୧୭ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ଅପରିବର୍ତ୍ତିତ ରହିଛି। ଗୁଜରାଟ ୧୮ ପଏଣ୍ଟ ସହ ଶୀର୍ଷରେ ରହିଛି।

### ଆୟର-ଷ୍ଟୋଇନିସଙ୍କ ବିସ୍ଫୋରକ ବ୍ୟାଟିଂ

ପୂର୍ବରୁ ଏହି ମ୍ୟାଚରେ ଟସ୍ ଜିତି ଦିଲ୍ଲୀ କ୍ୟାପିଟାଲ୍ସର କାମଚଳା ଅଧିନାୟକ ଫାଫ୍ ଡୁ ପ୍ଲେସିସ୍ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପଞ୍ଜାବ ଦ୍ୱିତୀୟ ଓଭରରେ ଓପନର୍ ପ୍ରିୟାଂଶ ଆର୍ଯ୍ୟ (୬ ରନ)ଙ୍କ ୱିକେଟ୍ ହରାଇଥିଲା। ମୁସ୍ତାଫିଜୁର ରେହମାନ ଦିଲ୍ଲୀକୁ ଏହି ପ୍ରଥମ ବ୍ରେକ ଥ୍ରୁ ଦେଇଥିଲେ। ତେବେ ପରବର୍ତ୍ତୀ ବ୍ୟାଟର୍‌ଙ୍କ ମିଳିତ ଉପଯୋଗୀ ପାଳି ଯୋଗୁ ପଞ୍ଜାବ ୮ ୱିକେଟ୍‌ରେ ୨୦୬ ରନର ବିଶାଳ ସ୍କୋର କରିଥିଲା। ଦଳ ପକ୍ଷରୁ ଅଧିନାୟକ ଶ୍ରେୟାସ ଆୟର ସର୍ବାଧିକ ୫୩ ରନ କରିଥିଲେ। ୩୪ ବଲ୍‌ର ପାଳିରେ ଆୟର ୫ ଚୌକା ଓ ୨ ଛକା ମାରିଥିଲେ। ତେବେ ନିମ୍ନକ୍ରମରେ ଆସିଥିବା ମାର୍କସ ଷ୍ଟୋଇନିସ ୧୬ ବଲରେ ୩ ଚୌକା ଓ ୪ ଛକା ସହ ଅପରାଜିତ ୪୪ ରନ କରିବା ଫଳରେ ଦଳୀୟ ସ୍କୋର ୨୦୦ ରନ ଅତିକ୍ରମ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଭସିମରନ ସିଂହ ୨୮, ଜୋଶ ଇଂଲିଶ ୩୨, ନେହାଲ ୱାଧେର ୧୬, ଶଶାଙ୍କ ସିଂହ ୧୧, ହରପ୍ରୀତ୍ ବ୍ରାର୍‌ର ଅପରାଜିତ ୭ ରନ କରିଥିଲେ। ବୋଲିଂରେ ମୁସ୍ତାଫିଜୁର ସର୍ବାଧିକ ୩ଟି ଏବଂ ବିପରାଜ ନିଗମ ଓ କୁଲଦୀପ୍ ଯାଦବ ୨ଟି ଲେଖାଏ ୱିକେଟ୍ ସଫଳତା ପାଇଥିଲେ।

୨୦୭ ରନର ଚ୍ୟାଲେଞ୍ଜିଂ ଲକ୍ଷ୍ୟକୁ ପିଛା କରିଥିବା ଦିଲ୍ଲୀ ସମସ୍ତ ବ୍ୟାଟର୍‌ଙ୍କ ମିଳିତ ଉପଯୋଗୀ ଇନିଂସ ସହାୟତାରେ ଶେଷ ଓଭରରେ ୪ ୱିକେଟ୍ ହରାଇ ୩ ବଲ୍ ପୂର୍ବରୁ ବିଜୟୀ ହୋଇଥିଲା। ଦିଲ୍ଲୀ ପକ୍ଷରୁ ସମୀର ରିଜଭୀ ୨୫ ବଲରେ ଅପରାଜିତ ୫୮ ରନର ପାଳି ଖେଳି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କରୁନ ନାୟାର ୪୪, ଲୋକେଶ ରାହୁଲ ୩୫, ଅଧିନାୟକ ଫାଫ୍ ଡୁ ପ୍ଲେସିସ ୨୩, ପଦାର୍ପଣକାରୀ ସେଦିକୁଲ୍ଲା ଅଟଲ ୨୨ ଓ ଟ୍ରିଷ୍ଟାନ ଷ୍ଟବ୍ସ ଅପରାଜିତ ୧୮ ରନ କରିଥିଲେ। ବୋଲିଂରେ ପଞ୍ଜାବର ହରପ୍ରୀତ୍ ବ୍ରାରର ୨ଟି ଏବଂ ମାର୍କସ ଜାନସେନ ଓ ପ୍ରବୀଣ ଦୁବେ ଗୋଟିଏ ଲେଖାଏ ୱିକେଟ୍ ସଫଳତା ପାଇଥିଲେ।

### ଧୋନିଙ୍କ ଶେଷ ମ୍ୟାଚ୍‌କୁ ନେଇ ଚର୍ଚ୍ଚା


ଆଇପିଏଲ୍‌ରେ ରବିବାର ଡବଲ୍ ହେଡର୍ ମୁକାବିଲାରେ ଚେନ୍ନାଇ ସୁପର୍ କିଙ୍ଗ୍‌ସ ଓ ଗୁଜରାଟ ଟାଇଟନ୍ସ ମଧ୍ୟରେ ଅପରାହ୍ଣରେ ମ୍ୟାଚ୍ ଖେଳାଯିବ। ସର୍ବାଧିକ ୫ଥରର ବିଜେତା ଚେନ୍ନାଇ ପାଇଁ ଚଳିତ ସିଜନରେ ଏହା ଶେଷ ଲିଗ୍ ମ୍ୟାଚ୍। ମହେନ୍ଦ୍ର ସିଂ ଧୋନିଙ୍କ ଚେନ୍ନାଇ ପୂର୍ବରୁ ପ୍ଲେ-ଅଫ୍ ଦୌଡ଼ରୁ ବାଦ୍ ପଡ଼ିସାରିଛି। ତେଣୁ ୪୪ ବର୍ଷ ବୟସରେ ପଦାର୍ପଣ କରିବାକୁ ଯାଉଥିବା ଧୋନିଙ୍କ ଲାଗି ଏହା ଶେଷ ଆଇପିଏଲ୍ ମ୍ୟାଚ୍ ହୋଇପାରେ ବୋଲି ଚର୍ଚ୍ଚା ଜୋର୍ ଧରିଛି। କାରଣ ଆଇପିଏଲ୍‌ର ପରବର୍ତ୍ତୀ ସଂସ୍କରଣରେ ସେ ଖେଳିବେ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। କିନ୍ତୁ ବୟସ ଓ ଫିଟ୍‌ନେସକୁ ଯଦି ଆଲୋଚନାକୁ ନିଆଯାଏ ତେବେ ଧୋନିଙ୍କ ଖେଳିବା ସମ୍ଭାବନା ଅତ୍ୟନ୍ତ କ୍ଷୀଣ। ଅପରପକ୍ଷରେ ଏହା ନିଶ୍ଚିତ ଯେ ଅଧିନାୟକ ଭାବେ ଚେନ୍ନାଇ ପାଇଁ ଧୋନିଙ୍କ ଏହା ଶେଷ ମ୍ୟାଚ୍। ଚଳିତ ସିଜନରେ ନିୟମିତ ଅଧିନାୟକ ତଥା ଆହତ ଥିବା ଋତୁରାଜ ଗାଏକୱାଡଙ୍କ ସ୍ଥାନରେ ସେ ଦାୟିତ୍ୱ ସମ୍ଭାଳୁଛନ୍ତି।

**ଆଇପିଏଲ୍-୨୦୨୫: ପଏଣ୍ଟ ସାରଣୀ**

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବାତିଲ୍ | ପଏଣ୍ଟ | ରନରେଟ୍ |
|---|---|---|---|---|---|---|
| ଗୁଜରାଟ | ୧୩ | ୯ | ୪ | ୦ | ୧୮ | +୦.୬୦୨ |
| ପଞ୍ଜାବ | ୧୩ | ୮ | ୪ | ୧ | ୧୭ | +୦.୩୨୭ |
| ବେଙ୍ଗାଲୁରୁ | ୧୩ | ୮ | ୪ | ୧ | ୧୭ | +୦.୨୫୫ |
| ମୁମ୍ବାଇ | ୧୩ | ୮ | ୫ | ୦ | ୧୬ | +୧.୨୯୨ |
| ଦିଲ୍ଲୀ | ୧୪ | ୭ | ୬ | ୧ | ୧୫ | +୦.୦୧୧ |
| କୋଲକାତା | ୧୩ | ୫ | ୬ | ୨ | ୧୨ | +୦.୧୯୩ |
| ଲକ୍ଷ୍ନୌ | ୧୩ | ୬ | ୭ | ୦ | ୧୨ | -୦.୩୩୭ |
| ହାଇଦରାବାଦ୍ | ୧୩ | ୫ | ୭ | ୧ | ୧୧ | -୧.୭୪୦ |
| ରାଜସ୍ଥାନ | ୧୪ | ୪ | ୧୦ | ୦ | ୮ | -୦.୫୪୯ |
| ଚେନ୍ନାଇ | ୧୩ | ୩ | ୧୦ | ୦ | ୬ | -୧.୦୩୦ |

### ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ

## ୬ ବର୍ଷ ପରେ ଫାଇନାଲରେ ଶ୍ରୀକାନ୍ତ




କ୍ୱାଲାଲମ୍ପୁର,୨୪।୫(ଏଜେନ୍ସି): ସ୍ଥାନୀୟ ଅକ୍ସିଆଟା ଏରିନାରେ ଚାଲିଥିବା ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ସୁପର ୫୦୦ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଅଭିଜ୍ଞ ପୁରୁଷ ଖେଳାଳି କିଦାମ୍ବୀ ଶ୍ରୀକାନ୍ତ ଫାଇନାଲରେ ପ୍ରବେଶ କରିଛନ୍ତି। ଏକମାତ୍ର ଭାରତୀୟ ଭାବେ ସେ ଏହି ଟୁର୍ଣ୍ଣାମେଣ୍ଟରେ ଅଭିଯାନ ଜାରି ରଖିଛନ୍ତି। ଶନିବାର ଅନୁଷ୍ଠିତ ପୁରୁଷ ଏକକ ସେମିଫାଇନାଲରେ ୨୧-୧୮, ୨୪-୨୨ ସିଧାସଳଖ ଗେମ୍‌ରେ ଜାପାନର ୟୁଶି ତନକାଙ୍କୁ ମାତ୍ର ୪୯ ମିନିଟ୍‌ରେ ପରାସ୍ତ କରି ଫାଇନାଲ ଟିକଟ ହାସଲ କରିଛନ୍ତି। ପୂର୍ବରୁ ଅନ୍ୟ ଭାରତୀୟ ଖେଳାଳିମାନେ ଏହି ଟୁର୍ଣ୍ଣାମେଣ୍ଟରେ ପରାସ୍ତ ହୋଇ ବିଦାୟ ନେଇ ସାରିଛନ୍ତି। ଏଥିସହ ସେ ଦୀର୍ଘ ୬ ବର୍ଷ ପରେ କୌଣସି ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର ଇଭେଣ୍ଟରେ ଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱର ପୂର୍ବତନ ୧ ନଂ ଖେଳାଳି ଶ୍ରୀକାନ୍ତ ଶେଷଥର ପାଇଁ ୨୦୧୯ ଇଣ୍ଡିଆ ଓପନ୍ ଫାଇନାଲରେ ପ୍ରବେଶ କରିଥିଲେ ଓ ରନର୍ସଅପ୍ ହୋଇଥିଲେ। ଏଥର ସଫଳ ହେଲେ ସେ ୮ ବର୍ଷପରେ କୌଣସି ଟାଇଟଲ ହାସଲ କରିବେ। ୨୦୧୭ରେ ସେ ୪ଟି ଟାଇଟଲ ଅର୍ଜନ କରିଥିଲେ। ୩୨ ବର୍ଷୀୟ ଶୀକାନ୍ତ ଏବେ ଟାଇଟଲ ପାଇଁ ରବିବାର ଚୀନ୍‌ର ଲି ଶିଫେଙ୍ଗ୍‌ଙ୍କୁ ଭେଟିବେ।

### ଅଢ଼େଇ ଦିନରେ ଜିମ୍ବାୱେର ପାଳି ପରାଜୟ

## ବସିର୍‌ଙ୍କୁ ୯ ୱିକେଟ୍; ଇଂଲଣ୍ଡର ସହଜ ବିଜୟ

ନଟିଂହାମ, ୨୪।୫ (ଏଜେନ୍ସି): ଘରୋଇ ଇଂଲଣ୍ଡ ଓ ଜିମ୍ବାୱେ ମଧ୍ୟରେ ୨୨ ବର୍ଷ ପରେ ପ୍ରଥମଥର ଲାଗି ଖେଳାଯାଇଥିବା ଏକ ଟେଷ୍ଟ ମ୍ୟାଚ୍ ଅଢ଼େଇ ଦିନରେ ସମାପ୍ତ ହୋଇଯାଇଛି। ସ୍ଥାନୀୟ ଟ୍ରେଣ୍ଟବ୍ରିଜ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ଏକପାଖିଆ ମୁକାବିଲାରେ ଭ୍ରମଣକାରୀ ଜିମ୍ବାୱେ ଏକ ପାଳି ଓ ୪୫ ରନରେ ଶୋଚନୀୟ ଭାବେ ପରାଜୟବରଣ କରିଛି। ଲେଗ୍-ସ୍ପିନର ସୋଏବ ବସିର ମ୍ୟାଚରେ ମୋଟ୍ ୯ ୱିକେଟ୍ ନେଇ ଇଂଲଣ୍ଡକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏଥିସହ ଇଂଲଣ୍ଡ ଏହାର ସମର ସିଜନ ବିଜୟରୁ ଆରମ୍ଭ କରିଛି। ଚାରିଦିବସୀୟ ଏହି ଟେଷ୍ଟ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଇଂଲଣ୍ଡ ଆଗଧାଡ଼ିର ୩ ବ୍ୟାଟର୍ ଓପନର୍ ଜାକ୍ କ୍ରଲୀ (୧୨୪), ବେନ୍ ଡକେଟ (୧୪୦) ଓ ଓଲି ପୋପ୍ (୧୭୧)ଙ୍କ ଶତକ ବଳରେ ପ୍ରଥମ ପାଳିରେ ୬ ୱିକେଟ୍‌ରେ ୫୬୫ ରନ କରି ଘୋଷଣା କରିଥିଲା। ଜବାବରେ ଜିମ୍ବାୱେ ପ୍ରଥମ ପାଳିରେ ଓପନର୍ ବ୍ରାଏନ ବେନେଟ (୧୩୯)ଙ୍କ ଶତକ ସତ୍ତ୍ୱେ ୨୬୫ ରନରେ ଅଲ୍‌ଆଉଟ୍ ହୋଇଥିଲା। ଇଂଲଣ୍ଡର ବସିର ୩ଟି ୱିକେଟ୍ ନେଇଥିଲେ। ୩୦୦ ରନ ପଛରେ ଥାଇ ଫଲୋଅପ୍ ପାଇଥିବା ଜିମ୍ବାୱେ ଶନିବାର ମ୍ୟାଚର ୩ୟ ଦିବସ ପ୍ରଥମ ସେସନରେ ଦ୍ୱିତୀୟ ପାଳିରେ ୨୫୫ ରନରେ ଅଲ୍‌ଆଉଟ୍ ହୋଇଥିଲା। ମଧ୍ୟକ୍ରମରେ ସିନ୍ ୱିଲିୟମ୍ସ ୮୮ ଓ ସିକନ୍ଦର ରାଜା ୬୦ ରନର ଉପଯୋଗୀ ପାଳି ଖେଳିଥିଲେ ମଧ୍ୟ ଦଳକୁ ପାଳି ପରାଜୟରୁ ରକ୍ଷା କରିପାରି ନ ଥିଲେ। ଏହି ପାଳିରେ ମଧ୍ୟ ବସିର ସର୍ବାଧିକ ୬ଟି ୱିକେଟ୍ ନେଇ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ୨୦୦୩ ରେ ଉଭୟ ଇଂଲଣ୍ଡ ଓ ଜିମ୍ବାୱେ ମଧ୍ୟରେ ଏହା ପ୍ରଥମ ଟେଷ୍ଟ ଥିଲା। ଓଭରଅଲ୍ ଦୁଇଦେଶ ମଧ୍ୟରେ ଏହା ୭ମ ଟେଷ୍ଟ ହୋଇଥିବାବେଳେ ସେଥିରୁ ଇଂଲଣ୍ଡ ୪ଟି ଜିତିଥିବାବେଳେ ୩ଟି ଡ୍ର ରହିଛି।

## ବିଚ୍ ସକ୍କରରେ ଓଡ଼ିଶାର ବାଜିମାତ୍



କଟକ, ୨୪।୫ (ସମିସ): ଡାମନ ଓ ଡିଉରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ବିଚ୍ ସକ୍କର ଟୁର୍ଣ୍ଣାମେଣ୍ଟର ପ୍ରଥମ ସଂସ୍କରଣରେ ଓଡ଼ିଶା ମହିଳା ଦଳ ବାଜିମାତ୍ କରିନେଇଛି। ଏଥିରେ ଓଡ଼ିଶା ଚାମ୍ପିଅନ ହୋଇ ସ୍ୱର୍ଣ୍ଣିମ ସଫଳତା ପାଇଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଓଡ଼ିଶାର ମୁକାବିଲା ଗୁଜରାଟ ମହିଳା ଦଳ ସହ ହୋଇଥିଲା। ଏହି ମ୍ୟାଚକୁ ଓଡ଼ିଶା ୩-୨ ଗୋଲରେ ଚାମ୍ପିଅନ ହୋଇଥିଲା। ଏଥିପୂର୍ବରୁ ସେମିଫାଇନାଲରେ ଓଡ଼ିଶା ଦଳ ୧୨-୭ ଗୋଲରେ ଉତ୍ତର ପ୍ରଦେଶକୁ ହରାଇ ଫାଇନାଲକୁ ଉଠିଥିଲା। ଏହି ସଫଳତା ଲାଗି ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ସଭାପତି ଟଙ୍କଧର ତ୍ରିପାଠୀ, ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟାନ କର୍ମକର୍ତ୍ତା ଓଡ଼ିଶା ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

## ୧୦୦ତମ ଟାଇଟଲ୍ କ୍ଲବ୍‌ରେ ଜୋକୋଭିଚ୍

ଜେନେଭା, ୨୪।୫ (ଏଜେନ୍ସି): କିଂବଦନ୍ତୀ ଟେନିସ ଖେଳାଳି ନୋଭାକ ଜୋକୋଭିଚ୍ ତାଙ୍କ ଜାଜ୍ୱଲ୍ୟମୟ କ୍ୟାରିୟରରେ ଆଉ ଏକ ବଡ଼ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ସ୍ୱିଜରଲାଣ୍ଡରେ ଅନୁଷ୍ଠିତ ଜେନେଭା ଓପନ୍‌ରେ ସର୍ବୀୟ ତାରକା ୩୮ ବର୍ଷୀୟ ଜୋକୋଭିଚ୍ ଚାମ୍ପିଅନ ହୋଇଛନ୍ତି। ଫାଇନାଲରେ ସେ ପୋଲାଣ୍ଡର ହବର୍ଟ ହରକାଜଙ୍କୁ ୫-୭, ୭-୬ (୨), ୭-୬ ସେଟ୍‌ରେ ପରାସ୍ତ କରିଥିଲେ। ଏଥିସହ ୨୪ଥରର ଗ୍ରାଣ୍ଡସ୍ଲାମ ବିଜେତା ଜୋକୋଭିଚ୍ କ୍ୟାରିୟରରେ ୧୦୦ତମ ଟାଇଟଲ୍ ଜିତିବାର ବିରଳ ସୌଭାଗ୍ୟ ଲାଭ କରିଛନ୍ତି।

## ଚତୁର୍ଥ ସିରି ଏ' ଟାଇଟଲ ଜିତିଲା ନାପୋଲି



ନାପ୍ଲେସ୍,୨୪।୫(ଏଜେନ୍ସି): ଇଟାଲୀ ଫୁଟବଲ ପ୍ରଣାଳୀ ସର୍ବୋଚ୍ଚ ପେସାଦାର ଲିଗ୍ ସିରି ଏ'ରେ ଏଥର ନାପୋଲି କ୍ଲବ ବାଜି ମାରିଛି। ଶୁକ୍ରବାର ବିଳମ୍ବିତ ରାତିରେ ନାପୋଲି ୨-୦ ଗୋଲରେ କାଗ୍ଲିଆରୀ ଫୁଟବ କ୍ଲବକୁ ପରାସ୍ତ କରି ଟାଇଟଲ ଜିତିଛି। ୩୮ଟି ମ୍ୟାଚ୍ ଖେଳି ୨୪ ବିଜୟ, ୧୦ ଡ୍ର ଓ ୪ ପରାଜୟ ସହ ୮୨ ପଏଣ୍ଟ ହାସଲ କରିବା ସହ ନାପୋଲି ମାତ୍ର ଗୋଟିଏ ପଏଣ୍ଟରେ ଇଣ୍ଟର ମିଲାନକୁ ପଛରେ ପକାଇ ଚାମ୍ପିଅନ ହୋଇଛି। ଇଟାଲୀର ନାପ୍ଲେସ ସହର ପର୍ଯ୍ୟବସିତ ନାପୋଲି ଏଥିସହ ଚତୁର୍ଥ ସିରି ଏ ଟାଇଟଲ ଜିତିଛି। ନାପୋଲି ତରଫରୁ ୪୨ତମ ମିନିଟ୍‌ରେ ସ୍କଟ ମ୍ୟାକ୍ ଟୋମିନେ ଓ ୫୧ତମ ମିନିଟ୍‌ରେ ରୋମେଲୁ ଲୁକାକୁ ଗୋଲ ସ୍କୋର କରିଥିଲେ। ଏଥିସହ ଗତ ୩ ବର୍ଷ ମଧ୍ୟରେ ନାପୋଲି ଦ୍ୱିତୀୟଥର ପାଇଁ ସିରି ଏ ଟାଇଟଲ ଜିତିଛି। ନାପୋଲି କୋଚ୍ ଆଣ୍ଟୋନିଓ କୋଣ୍ଟେ ପ୍ରଥମ ପ୍ରଶିକ୍ଷକ ଭାବେ ୩ଟି ଭିନ୍ନ ଭିନ୍ନ ଦଳ ସହ ଇଟାଲୀଆନ ଚାମ୍ପିଅନସିପ୍ ହାସଲ କରି ଏକ ଭିନ୍ନ ପ୍ରକାର ସଫଳତା ଅର୍ଜନ କରିଛନ୍ତି।

## ଟେନିସ୍‌ରୁ କାରୋଲିନ୍ ଗାର୍ସିଆଙ୍କ ଅବସର



ପ୍ୟାରିସ୍,୨୪।୫(ଏଜେନ୍ସି): ବିଶ୍ୱର ପୂର୍ବତନ ୪ ନଂ ମହିଳା ଟେନିସ ଖେଳାଳି ଫ୍ରାନ୍ସର କାରୋଲିନ୍ ଗାର୍ସିଆ ଶୁକ୍ରବାର ଅବସର ଘୋଷଣା କରିଛନ୍ତି। ରବିବାରଠାରୁ ଆରମ୍ଭ ହେବାକୁ ଥିବା ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ୍ ଓପନ୍ ଖେଳି ଟେନିସକୁ ଅଲବିଦା କରିବେ ବୋଲି ଗାର୍ସିଆ କହିଛନ୍ତି।ସାମାଜିକ ଗଣମାଧ୍ୟମ ଏକ୍ସରେ ସେ ଏକ ପୋଷ୍ଟ ମାଧ୍ୟମରେ ଅବସର ସମ୍ପର୍କରେ ସୂଚନା ଦେଇଛନ୍ତି। ୩୧ ବର୍ଷୀୟା ଗାର୍ସିଆ ୧୫ବର୍ଷର କ୍ୟାରିଅରରେ ମୋଟ୍ ୧୧ଟି ଏକକ ଓ ୮ଟି ଯୁଗଳ ଟାଇଟଲ ହାସଲ କରିଛନ୍ତି। ୨୦୧୬ ଓ ୨୦୨୨ ଫ୍ରେଞ୍ଚ୍ ଓପନ୍ ଟୁର୍ଣ୍ଣାମେଣ୍ଟରେ ସେ ଡବଲ୍ସ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଛନ୍ତି। ୨୦୧୮ ସେପ୍ଟେମ୍ବର ୧୦ରେ ସେ ଡବ୍ଲ୍ୟୁଟିଏ ର୍‌ୟାଙ୍କିଙ୍ଗ୍‌ରେ କ୍ୟାରିଅର ଶ୍ରେଷ୍ଠ ୪ ନଂ ସ୍ଥାନ ଅଧିକାର କରିଥିଲେ। ୨୦୨୨ରେ ସେ ୟୁଏସ୍ ସେମିଫାଇନାଲରେ ପ୍ରବେଶ କରିଥିଲେ। ଏବେ ସେ ଡବ୍ଲ୍ୟୁଟିଏ ର୍‌ୟାଙ୍କିଙ୍ଗ୍‌ର ୧୪୫ତମ ସ୍ଥାନରେ ରହିଛନ୍ତି।

### ଜୁନିଅର ଡେଭିସ୍ କପ୍

## ପାକିସ୍ତାନକୁ ଭେଟିବ ଭାରତ

ନୂଆଦିଲ୍ଲୀ,୨୪।୫(ଏଜେନ୍ସି): ୧୬ ବର୍ଷରୁ କମ୍ ଏସିଆ- ଓସେନିଆ ଜୁନିଅର ଡେଭିସ୍ କପ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବେ। କାଜାଖସ୍ତାନର ସିମ୍‌କେଣ୍ଟରେ ଦୁଇ ଦେଶ ଏକାଦଶ ସ୍ଥାନ ପାଇଁ ମୁହାଁମୁହିଁ ହେବେ। ଏହାପୂର୍ବରୁ ଭାରତ ୧-୨ରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହୋଇଥିଲା। ସେହିପରି ଜାପାନ ଓ କୋରିଆ ଟାଇଟଲ ପାଇଁ ଫାଇନାଲ ମୁକାବିଲାରେ ଅବତୀର୍ଣ୍ଣ ହେବେ। ଜାପାନ ଚାଇନିଜ ତାଇପେ ଓ କୋରିଆ ଚୀନକୁ ପରାସ୍ତ କରି ଫାଇନାଲକୁ ଉଠିଛନ୍ତି। ଟୁର୍ଣ୍ଣାମେଣ୍ଟରେ ଶ୍ରେଷ୍ଠ ୪ଟି ଦଳ ବିଶ୍ୱ ଗ୍ରୁପ୍ ପର୍ଯ୍ୟାୟକୁ ଉଠିବେ। ଏହି ପର୍ଯ୍ୟାୟ ୟୁରୋପରେ ଖେଳାଯିବ।

### ନାଡାଲଙ୍କ ବିନା ଫ୍ରେଞ୍ଚ୍ ଓପନ୍ ଟେନିସ୍ ଆଜିଠାରୁ

## ସିନର୍, ସାବାଲେଙ୍କା ଶ୍ରେଷ୍ଠ ସିଡ୍

ପ୍ୟାରିସ୍,୨୪।୫(ସମିସ)

ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ୍ ଓପନ୍ ଟେନିସ ରବିବାରଠାରୁ ଆରମ୍ଭ ହେବ। ସ୍ଥାନୀୟ ରୋନାଲ୍ଡ ଗ୍ୟାରସରେ ବିଶ୍ୱର ଶ୍ରେଷ୍ଠ ଟେନିସ ଖେଳାଳିମାନେ ଟାଇଟଲ ପାଇଁ କ୍ଲେ- କୋର୍ଟରେ ଅବତୀର୍ଣ୍ଣ ହେବେ। ମେ ୨୫ରୁ ଏହି ପ୍ରତଯୋଗିତା ଆରମ୍ଭ ହୋଇ ଜୁନ୍ ୮ରେ ଶେଷ ହେବ। ପୁରୁଷ ଏକକରେ ଇଟାଲୀର ଜାନିକ ସିନରଙ୍କୁ ଓ ମହିଳା ଏକକରେ ବେଲାରୁଷର ଅରିନା ସାବାଲେଙ୍କାଙ୍କୁ ଶ୍ରେଷ୍ଠ ସିଡ୍ ମାନ୍ୟତା ପ୍ରଦାନ କରାଯାଇଛି। ସ୍ପେନ୍‌ର କାର୍ଲୋସ ଆଲକାରାଜ, ଜର୍ମାନୀ ଆଲେକଜାଣ୍ଡର ଜ୍ୱେରେଭ, ଆମେରିକାର ଟେଲର ଫ୍ରିଜ୍, ବ୍ରିଟେନର ଜ୍ୟାକ ଡ୍ରାପରଙ୍କୁ ଯଥାକ୍ରମେ ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ୫ମ ସିଡ୍ ମାନ୍ୟତା ପ୍ରଦାନ କରାଯାଇଛି। ଅପରପକ୍ଷରେ ମହିଳା ଏକକରେ ଆମେରିକାର କୋକୋ ଗଫ୍, ଜେସିକା ପେଗୁଲା, ଇଟାଲୀରୀ ଜସ୍ମିନ ପାଓଲିନ୍, ପୋଲାଣ୍ଡର ଇଗା ସ୍ୱିଆଟେକଙ୍କୁ ଯଥାକ୍ରମେ ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ୫ମ ସିଡ୍ ମାନ୍ୟତା ପ୍ରଦାନ କରାଯାଇଛି। ଗତ ସଂସ୍କରଣରେ ଅଲକାରାଜ ଓ ସ୍ୱିଆଟେକ ଟାଇଟଲ ଜିତିଥିଲେ। ତେବେ ଏହି ଦୁଇ ଖେଳାଳିଙ୍କୁ ଟାଇଟଲ ବଜାୟ ରଖିବାକୁ ଏଥର କଷ୍ଟକର ହେବ। ଏଥର ଟାଇଟଲ ପାଇଁ ସିଡେଡ ଖେଳାଳିମାନଙ୍କ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱୀତା ଦେଖିବାକୁ ମିଳିବ। ଫ୍ରେଞ୍ଚ୍ ଓପନର ସଫଳତମ ଖେଳାଳି ରାଫେଲ ନାଡାଲଙ୍କ ବିନା ଏଥର ଟୁର୍ଣ୍ଣାମେଣ୍ଟ ଆୟୋଜନ ହେବ। ଅର୍ଥାତ୍ ନାଡାଲ ଅବସର ନେବା ପରେ ପ୍ରଥମଥର ପାଇଁ ଫ୍ରେଞ୍ଚ୍ ଓପନ୍ ଖେଳାଯିବ।



### ଯୁଗଳରେ ୧୮ ବର୍ଷୀୟ ତ୍ୟାଗୀ ସମେତ ୫ ଭାରତୀୟ ଖେଳାଳି

ପୁରୁଷ ଏକକରେ ସୁମିତ ନାଗଲ ଏକମାତ୍ର ଭାରତୀୟ ଭାବେ ଅଭିଯାନ ଜରି ରଖିବେ ବୋଲି ଆଶା କରାଯାଉଥିଲେ ମଧ୍ୟ ସେ କ୍ୱାଲିଫାୟର୍ସରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଉଭୟ ପରୁଷ ଓ ମହିଳା ଏକକରେ ଭାରତୀୟଙ୍କ ମରୁଡି ଦେଖିବାକୁ ମିଳିବ। ଗତବର୍ଷ ମଧ୍ୟ ସେ ଅଂଶଗ୍ରହଣ କରିବାର ସୁଯୋଗ ପାଇଥିଲେ। ବିଶ୍ୱର ୧୭୧ତମ ସ୍ଥାନରେ ରହିଥିବା ନାଡାଲ ପ୍ରଥମ ରାଉଣ୍ଡରେ ରୁଷିଆର କାରେନ ଖାଚାନୋଭଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଥିଲେ। ଏଥର ଫ୍ରେଞ୍ଚ୍ ଓପନ୍ ଏକକ ଇଭେଣ୍ଟରେ କୌଣସି ଭାରତୀୟ ଖେଳାଳିଙ୍କୁ ଦେଖିବାକୁ ମିଳିବ ନାହିଁ। ତେଣୁ ଭାରତୀୟ ଖେଳାଳିମାନେ କେବଳ ପୁରୁଷ ଯୁଗଳ ଇଭେଣ୍ଟରେ ଅଂଶଗ୍ରହଣ କରିବେ। ଗତବର୍ଷ ସେମିଫାଇନାଲରେ ପ୍ରବେଶ କରିଥିବା ୪୪ ବର୍ଷୀୟ ରୋହନ ବୋପାନ୍ନା ଏଥର ମଧ୍ୟ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ। ସେହିପରି ଏନ୍ ଶ୍ରୀରାମ ବାଲଜୀ, ୟୁକି ଭାମ୍ବ୍ରୀ, ଋଥଭିକ୍ ବୋଲିପାଲି ଓ ୧୮ ବର୍ଷୀୟ କ୍ରିସ୍ ତ୍ୟାଗୀ ମଧ୍ୟ ସେମାନଙ୍କ ପାର୍ଟନରଙ୍କ ସହ ଯୁଗଳ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ। ସେହିପରି ମିଶ୍ରିତ ଯୁଗଳରେ ମଧ୍ୟ ଭାରତୀୟ ଖେଳାଳିମାନେ ଅଂଶଗ୍ରହଣ କରିବେ। ଯୁଗଳ ଓ ମିଶ୍ରିତ ଯୁଗଳର ଡ୍ର ପରେ ଘୋଷଣା କରାଯିବ।

### ନାଡାଲଙ୍କୁ ଦିଆଯିବ ସ୍ୱତନ୍ତ୍ର ସମ୍ମାନ

ଏଥର କ୍ଲେ- କୋର୍ଟର ରାଜା କୁହାଯାଇଥିବା ଓପନର ସଫଳତମ ଖେଳାଳି ସ୍ପେନ୍‌ର ରାଫେଲ ନାଦାଲଙ୍କୁ ଏଥର କୋର୍ଟରେ ଦେଖିବାକୁ ମିଳିବ ନାହିଁ। ଫ୍ରେଞ୍ଚ୍ ଓପନରେ ନାଡ଼ାଲ ଦୃଷ୍ଟାନ୍ତମୂଳକ ସଫଳତା ଅର୍ଜନ କରିଛନ୍ତି। ୨୨ଟି ଗ୍ରାଣ୍ଡସ୍ଲାମ ଜିତିଥିବା ନାଡ଼ାଲ ୧୪ଥର ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇ ଏକ ରେକର୍ଡ କରିଛନ୍ତି। ଦୁଇଥର ଅଲିମ୍ପିକ୍ସ ଚାମ୍ପିଅନ (ବେଜିଂ ୨୦୦୮ ଏକକ, ରିଓ ୨୦୧୬ ଯୁଗଳ) ହୋଇଥିବା ୩୮ ବର୍ଷୀୟ ନାଦାଲ ଗତବର୍ଷ ନଭେମ୍ବରରେ ଟେନିସ୍‌ରୁ ଅବସର ଘୋଷଣା କରିଥିଲେ। ଦୀର୍ଘ ୨୩ ବର୍ଷର ଉଜ୍ଜ୍ୱଳମୟ କ୍ୟାରିଅରରେ ନାଦାଲ ମୋଟ୍ ୯୨ଟି ଟାଇଟଲ ହାସଲ କରି ଓପନ୍ ଏରାରେ ୫ମ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

**ଫ୍ରେଞ୍ଚ୍ ଓପନ ଟେନିସ୍- ୨୦୨୫**

| | |
|---|---|
| ସଂସ୍କରଣ | : ୧୨୪ତମ |
| ସର୍ଫେସ | : କ୍ଲେ କୋର୍ଟ |
| ଭେନ୍ୟୁ | : ରୋଲାଣ୍ଡ ଗ୍ୟାରସ ଷ୍ଟାଡିୟମ, ପ୍ୟାରିସ୍ |
| ଟପ୍ ସିଡ୍ ପୁରୁଷ | : ଜାନିକ ସିନର |
| ଟପ୍ ସିଡ୍ ମହିଳା | : ଅରିନା ସାବାଲେଙ୍କା |
| **ଗତଥର ଚାମ୍ପିଅନ** | |
| ପୁରୁଷ | - କର୍ଲୋସ ଆଲକାରଜ |
| ମହିଳା | - ଇଗା ସ୍ୱିଆଟେକ |
| ସିଧାପ୍ରସାରଣ | : ସୋନି ଟେନ ନେଟ୍‌ୱର୍କ, |
| ଲାଇଭଷ୍ଟ୍ରିମିଂ | : ସୋନୀଲିଭ୍, ଫ୍ୟାନ୍‌କୋଡ୍ |

**ଆଜିର ମ୍ୟାଚ୍**

| | |
|---|---|
| ଗୁଜରାଟ ବନାମ ଚେନ୍ନାଇ | |
| ଅପରାହ୍ଣ ୩.୩୦ | ଅହମ୍ମଦାବାଦ |
| ହାଇଦରାବାଦ୍ ବନାମ କୋଲକାତା | |
| ରାତି ୭ଟା ୩୦ | ନୂଆଦିଲ୍ଲୀ |

## ଟାଇଟନ୍ସରୁ ସର୍ବାଧିକ ୫; ଆର୍‌ସିବି ନିରାଶ

ନୂଆଦିଲ୍ଲୀ, ୨୪।୫ (ଏଜେନ୍ସି): ଆଗାମୀ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ଲାଗି ନୂଆ ଅଧିନାୟକ ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଶନିବାର ୧୮ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। କରୁନ ନାୟାର ଦୀର୍ଘ ୭ ବର୍ଷ ପରେ ଦଳକୁ ଫେରିଥିବାବେଳେ ସାଇ ସୁଦର୍ଶନ, ଅଭିମନ୍ୟୁ ଈଶ୍ୱରନ, ନୀତୀଶ ରେଡ୍ଡୀଙ୍କୁ ମଧ୍ୟ ସୁଯୋଗ ମିଳିଛି। ତେବେ ବର୍ତ୍ତମାନ ଆଇପିଏଲର ୧୮ତମ ସଂସ୍କରଣ ଖେଳ ଜାରି ରହିଥିବାରୁ ଏହି ଲିଗ୍‌ର କେଉଁ ଦଳରୁ ସର୍ବାଧିକ ଖେଳାଳି ଭାରତୀୟ ଟେଷ୍ଟ ଦଳରେ ସ୍ଥାନ ପାଇଛନ୍ତି ତାହାକୁ ନେଇ ପ୍ରଶଂସକଙ୍କ ମଧ୍ୟରେ ଉତ୍ସୁକତା ରହିଛି। ରିପୋର୍ଟ ମୁତାବକ ଗୁଜରାଟ ଟାଇଟନ୍ସର ସର୍ବାଧିକ ୫ଜଣ ଖେଳାଳି ଘୋଷିତ ଭାରତୀୟ ଟେଷ୍ଟ ଦଳରେ ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରେ ଅଧିନାୟକ ଗିଲ୍‌ଙ୍କ ବ୍ୟତୀତ ସୁଦର୍ଶନ, ୱାଶିଂଟନ ସୁନ୍ଦର, ମହମ୍ମଦ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା ରହିଛନ୍ତି। ତେବେ ଭାରତୀୟ ଟେଷ୍ଟ ଦଳ ଘୋଷଣାରେ ସବୁଠୁ ନିରାଶ ହୋଇଛି ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)। ଘୋଷିତ ଭାରତୀୟ ଟେଷ୍ଟ ଦଳରେ ଆର୍‌ସିବିର ଜଣେ ହେଲେ ଖେଳାଳି ସ୍ଥାନ ପାଇନାହାନ୍ତି। ବିରାଟ କୋହଲି ଟେଷ୍ଟରୁ ଅବସର ନେଇସାରିଥିବାରୁ ଆର୍‌ସିବିର ପ୍ରତିନିଧିତ୍ୱ ଟେଷ୍ଟ ଦଳରେ ଶୂନ୍ୟ ହୋଇଯାଇଛି। ଅନ୍ୟ ଫ୍ରାଞ୍ଚାଇଜଗୁଡ଼ିକ ମଧ୍ୟରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସରୁ ୩ଜଣ ଲେଖାଏ ଖେଳାଳି ସ୍ଥାନ ପାଇଛନ୍ତି। ସୁପର୍ ଜାଏଣ୍ଟ୍ସର ଋଷଭ ପନ୍ତ, ଶାର୍ଦ୍ଦୁଳ ଠାକୁର ଓ ଆକାଶଦୀପ୍ ଏବଂ କ୍ୟାପିଟାଲ୍ସର ଲୋକେଶ ରାହୁଲ, କୁଲଦୀପ୍ ଯାଦବ ଓ କରୁଣଙ୍କୁ ସୁଯୋଗ ମିଳିଛି। ସେହିଭଳି ରାଜସ୍ଥାନରୁ ଯଶସ୍ୱୀ ଜୟସ୍ୱାଲ ଓ ଧ୍ରୁବ ଜୁରେଲ ଏବଂ ମୁମ୍ବାଇ ଇଣ୍ଡିଆନ୍ସରୁ ଯଶ୍ରପୀତ ବୁମରା, ଚେନ୍ନାଇ ସୁପର୍ କିଙ୍ଗ୍‌ସର ରବୀନ୍ଦ୍ର ଜାଡେଜା ଓ ସନରାଇଜର୍ସ ହାଇଦରାବାଦରୁ ନୀତୀଶ ରେଡ୍ଡୀ ରହିଛନ୍ତି।

ଇଂଲଣ୍ଡ ଟୁର ଜୁନ୍ ୨୦ରୁ

# ଶୁବମନ୍ ଭାରତର ନୂଆ ଟେଷ୍ଟ ଅଧିନାୟକ



ନୂଆ ଯୁଗ ଆରମ୍ଭ

ନୂଆଦିଲ୍ଲୀ,୨୪।୫ (ଏଜେନ୍ସି): ଯୁବ ଖେଳାଳି ଶୁବମନ ଗିଲ୍ ଭାରତୀୟ ଟେଷ୍ଟ ଦଳର ନୂଆ ଅଧିନାୟକ ନିଯୁକ୍ତ ହୋଇଛନ୍ତି। ଇଂଲଣ୍ଡ ସହ ଜୁନ୍ ୨୦ରୁ ଆରମ୍ଭ ହେବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ସେ ତାଙ୍କ ଅଧିନାୟକ ଇଂନିସ ଆରମ୍ଭ କରିବେ। ଟେଷ୍ଟ କ୍ରିକେଟରୁ ଅବସର ନେଇଥିବା ଅଧିନାୟକ ରୋହିତ ଶର୍ମାଙ୍କ ସ୍ଥାନରେ ସେ ଟେଷ୍ଟ ଦଳର ନେତୃତ୍ୱ ନେବେ। ରୋହିତଙ୍କ ଅନୁପସ୍ଥିତିରେ ଭାରତୀୟ ଦଳର ପୂର୍ବରୁ ନେତୃତ୍ୱ ନେଇଥିବା ଫାଷ୍ଟ ବୋଲର ଯଶପ୍ରୀତ ବୁମ୍‌ରା ଏହି ସିରିଜ୍‌ରେ ସମସ୍ତ ଟେଷ୍ଟ ଖେଳିପାରିବେ ନାହିଁ। ୱାର୍କଲୋଡ ମ୍ୟାନେଜ୍‌ମେଣ୍ଟ ଯୋଗୁଁ ତାଙ୍କୁ ବିଶ୍ରାମ ଦିଆଯିବ। ଏଣୁ ଶୁବମନଙ୍କୁ ଭାରତୀୟ ଟେଷ୍ଟ ଦଳର ନିୟମିତ ଅଧିନାୟକ ମନୋନୀତ କରାଯାଇଛି ବୋଲି ଶନିବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ଜାତୀୟ ବରିଷ୍ଠ ଚୟନ କମିଟି ମୁଖ୍ୟ ଅଜିତ ଅଗରକର। ସେହିପରି ୱିକେଟରକ୍ଷକ ଋଷଭ ପନ୍ତଙ୍କୁ ଦଳର ଉପଅଧିନାୟକ ମନୋନୀତ କରାଯାଇଛି। ୧୮ ଜଣିଆ ଦଳରେ ଅନେକ ଯୁବ ଖେଳାଳି ସ୍ଥାନ ପାଇଛନ୍ତି। ଜୟସ୍ୱାଲ, ଅଭିମନ୍ୟୁ ଈଶ୍ୱରନ, ସାଇ ସୁଦର୍ଶନ, ଦ୍ୱିତୀୟ ୱିକେଟ ରକ୍ଷକ ଜୁରେଲ, ସୀମିତ ଓଭର ବୋଲର ଅର୍ଶଦୀପଙ୍କୁ ସାମିଲ କରାଯାଇଛି। ଅଷ୍ଟ୍ରେଲିଆ ଗସ୍ତରେ ଦଳରେ ସ୍ଥାନ ପାଇଥିବା ସର୍ଫରାଜ ଖାନ୍ ଓ ହର୍ଷିତ ରାଣାଙ୍କୁ ଏହି ଟେଷ୍ଟ ଦଳରୁ ବାଦ୍ ଦିଆଯାଇଛି। ଫାଷ୍ଟ ବୋଲର ମହମ୍ମଦ ସାମି ଟେଷ୍ଟ ମ୍ୟାଚ୍ ଲାଗି ପୂରା ଫିଟ ହୋଇ ନ ଥିବାରୁ ତାଙ୍କୁ ନିଆଯାଇନାହିଁ।

ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଅନୁପସ୍ଥିତିରେ ଭାରତୀୟ ବ୍ୟାଟିଂ ବିଦେଶରେ କିପରି କ୍ଲିକ୍ କରିବ ତାହାକୁ ନେଇ ସନ୍ଦେହ ରହିଛି। ଗିଲଙ୍କ ନେତୃତ୍ୱରେ ଜୟସ୍ୱାଲ, ଲୋକେଶ ରାହୁଲ, ଈଶ୍ୱରନ୍, ପନ୍ତ, ସୁଦର୍ଶନ ଓ ଦଳକୁ ଫେରିଥିବା କରୁନ ନାୟାର ପ୍ରମୁଖ ବ୍ୟାଟିଂ ଦାୟିତ୍ୱରେ ରହିବେ। ୧୮ ଜଣିଆ ଦଳରେ ୪ଜଣ ଅଲରାଉଣ୍ଡର ରହିଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇ ଜଣ ପେସ୍ ଅଲ୍‌ରାଉଣ୍ଡର ନୀତୀଶ କୁମାର ରେଡ୍ଡି ଓ ଶାର୍ଦ୍ଦୁଳ ଠାକୁର ରହିଛନ୍ତି। ଅନ୍ୟ ଦୁଇ ସ୍ପିନ୍ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା ଓ ୱାଶିଂଟନ ସୁନ୍ଦରଙ୍କୁ ସ୍ଥାନ ମିଳିଛି। ଯଶପ୍ରୀତ୍ ବୁମ୍‌ରାଙ୍କ ନେତୃତ୍ୱରେ ଦଳରେ ୫ ଫାଷ୍ଟ ବୋଲରଙ୍କୁ ନିଆଯାଇଛି। ଅନ୍ୟମାନେ ହେଲେ ମହମ୍ମଦ୍ ସିରାଜ, ଆକାଶ ଦୀପ୍, ପ୍ରସିଦ୍ଧ କ୍ରିଷ୍ଣା ଓ ଅର୍ଶଦୀପ ସିଂହ। କୁଲଦୀପ ଯାଦବ ଏକମାତ୍ର ବିଶେଷଜ୍ଞ ସ୍ପିନର ଭାବେ ଦଳରେ ନିଆଯାଇଛି।

କିଂବଦନ୍ତୀ ଖେଳାଳି ବିରାଟ କୋହଲି, ଅଧିନାୟକ ରୋହିତ ଶର୍ମା ଓ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ଅବସର ପରେ ଭାରତ ପ୍ରଥମଥର ଏକ ଟେଷ୍ଟ ସିରିଜ୍ ଖେଳିବାକୁ ଯାଉଛି। ପର୍ଯ୍ୟାପ୍ତ ଫିଟ୍ ହୋଇ ନ ଥିବାରୁ ମହମ୍ମଦ୍ ସାମି ମଧ୍ୟ ଦଳରେ ନାହାନ୍ତି। ଫଳରେ ଏହି ସିରିଜ୍‌ରୁ ଭାରତୀୟ କ୍ରିକେଟରେ ଏକ ନୂଆ ଯୁଗ ଆରମ୍ଭ ହେବାକୁ ଯାଉଛି। ଶୁବମନ ଗିଲ୍ ଏହି ଯୁଗର ପ୍ରଥମ ନେତୃତ୍ୱ ନେବାକୁ ଯାଉଛନ୍ତି। ପୂର୍ବରୁ ଭାରତର ଟି-୨୦ ଦଳ ଓ ଆଇପିଏଲ୍‌ରେ ଗୁଜରାଟ ଟାଇଟନ୍ସର ନେତୃତ୍ୱ ନେଇ ସେ ବେଶ ସଫଳତା ପାଇଛନ୍ତି। ନେତୃତ୍ୱ ନେବାରେ ପରିପକ୍ୱତା ଓ ଥଣ୍ଡା ମିଜାଜ ଲାଗି ସେ କୋଚ୍ ଓ ସାଥି ଖେଳାଳିଙ୍କଠାରୁ ପ୍ରଶଂସା ପାଇଛନ୍ତି। ୨୦୨୦ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ବର୍ଡର-ଗାଭାସ୍କର ସିରିଜ୍‌ରେ ସେ ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିଲେ। ସେ ୩୨ଟି ଟେଷ୍ଟ ଖେଳି ୩୫.୦୫ ହାରରେ ୧୮୯୩ ରନ୍ ମଧ୍ୟ ସଂଗ୍ରହ କରିଛନ୍ତି। ତାଙ୍କ ନିକଟରେ ଥିବା ପ୍ରତିଭା ଓ ଦକ୍ଷତା ଯୋଗୁଁ ଭାରତ ଏକ ସଫଳ ଅଧିନାୟକ ପାଇବ ବୋଲି ଆଶା କରାଯାଉଛି।

### ୨୦ରୁ ଟେଷ୍ଟ ସିରିଜ୍ ଆରମ୍ଭ

ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ଲିଡ୍ସର ହେଡିଂଲେରେ ଜୁନ୍ ୨୦ରୁ ଆରମ୍ଭ ହେବ। ଏଠାରେ ସିରିଜ୍‌ର ପ୍ରଥମ ଟେଷ୍ଟ ଖେଳାଯିବ। ଏହା ପୂର୍ବରୁ କେଣ୍ଟ କାଉଣ୍ଟି କ୍ରିକେଟ ଗ୍ରାଉଣ୍ଡରେ ଭାରତ-ଏ' ଦଳ ସହ ଭାରତ ସିନିୟର ଦଳ ଏକ ଅଭ୍ୟାସ ମ୍ୟାଚ୍ ଖେଳିବ। ଭାରତ-ଏ ଦଳ ଏହା ପୂର୍ବରୁ ଇଂଲଣ୍ଡ ଗସ୍ତରେ ଯାଇଛି। ବର୍ମିଂହାମ୍‌ର ଏଜ୍‌ବାଷ୍ଟନରେ ଜୁଲାଇ ୨ରୁ ୬ ଯାଏ ଦ୍ୱିତୀୟ ଟେଷ୍ଟ, ଲଣ୍ଡନର ଲର୍ଡ୍ସଠାରେ ଜୁଲାଇ ୧୦ରୁ ୧୪ ଯାଏ ତୃତୀୟ ଟେଷ୍ଟ, ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡ୍‌ରେ ଜୁଲାଇ ୨୩ରୁ ୨୭ ଯାଏ ଚତୁର୍ଥ ଟେଷ୍ଟ ଓ ଲଣ୍ଡନର କେନିଙ୍ଗଟନ ଓଭାଲରେ ଜୁଲାଇ ୩୧ରୁ ଅଗଷ୍ଟ ୪ ଯାଏ ପଞ୍ଚମ ତଥା ଶେଷ ଟେଷ୍ଟ ମ୍ୟାଚ୍ ଖେଳାଯିବ।

**ଭାରତୀୟ ଦଳ**

ଶୁବମନ ଗିଲ୍ (ଅଧିନାୟକ), ଋଷଭ ପନ୍ତ (ଉପଅଧିନାୟକ/ ୱିକେଟରକ୍ଷକ), ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ସାଇ ସୁଦର୍ଶନ, ଅଭିମନ୍ୟୁ ଈଶ୍ୱରନ, କରୁନ ନାୟାର, ନୀତୀଶ ରେଡ୍ଡୀ, ଧ୍ରୁବ ଜୁରେଲ (ୱିକେଟରକ୍ଷକ), ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ଶାର୍ଦ୍ଦୁଳ ଠାକୁର, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ଆକାଶ ଦୀପ ଓ ଅର୍ଶଦୀପ ସିଂହ।

ଇତିହାସ ସୃଷ୍ଟି କଲେ ଓଡ଼ିଶା ଏଫ୍‌ସିର ରାହୁଲ କେପି

## ପ୍ରଥମ ଭାରତୀୟ ଭାବେ ଇପିଏଲ୍ କ୍ଲବ ୱେଷ୍ଟହାମ୍ ତରଫରୁ ଖେଳିବେ

ଭୁବନେଶ୍ୱର,୨୪।୫(ସମିସ): ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ) କ୍ଲବ ଓଡ଼ିଶା ଏଫ୍‌ସି ୱିଙ୍ଗର ତଥା ଫରୱାର୍ଡ ରାହୁଲ କାନୋଲି ପ୍ରବୀଣ ଇତିହାସ ସୃଷ୍ଟି କରିଛନ୍ତି। ସେ ପ୍ରଥମ ଭାରତୀୟ ଫୁଟବଲର ଭାବେ ଇଂଲିଶ ପ୍ରିମିୟର ଲିଗ୍ (ଇପିଏଲ୍)ରେ ୱେଷ୍ଟହାମ ୟୁନାଇଟେଡ ତରଫରୁ ପ୍ରତିନିଧିତ୍ୱ କରିବେ।



୨୫ ବର୍ଷୀୟ ରାହୁଲଙ୍କ ସହ ଚୁକ୍ତି କରିବା ନେଇ ଶୁକ୍ରବାର ୱେଷ୍ଟହାମ୍ ତରଫରୁ ସୂଚନା ଦିଆଯାଇଛି। ସେ ଏବେ ଆମେରିକାର ଆୟୋଜନ ହେବାକୁ ଯାଉଥିବା ୭-ଏ-ସାଇଡ୍ ଫୁଟବଲ 'ଦି ସକର ଟୁର୍ଣ୍ଣାମେଣ୍ଟ (ଟିଏସ୍‌ଟି)'ଟୁର୍ଣ୍ଣାମେଣ୍ଟରେ ୱେଷ୍ଟହାମ୍ ତରଫରୁ ପ୍ରତିନିଧିତ୍ୱ କରିବେ।

ସେ ପ୍ରଥମ ଭାରତୀୟ ଖେଳାଳି ଭାବେ ଏହି ଟିଏସ୍‌ଟିରେ ଏବଂ କୌଣସି ଟପ୍- ଡିଭିଜନ ଇପିଏଲ୍ ପୁରୁଷ କ୍ଲବ ତରଫରୁ ପ୍ରତିନିଧିତ୍ୱ କରିବେ। ଏହା କେବଳ ରାହୁଲଙ୍କ ପାଇଁ ନୁହେଁ ଓଡ଼ିଶା ଓ ଭାରତୀୟ ଫୁଟବଲ ପାଇଁ ମଧ୍ୟ ଗୌରବର ବିଷୟ। ଆମେରିକାର ନର୍ଥ କାରିଲୋନାସ୍ଥିତ ରାଲେରେ ଏହି ଟୁର୍ଣ୍ଣାମେଣ୍ଟ ଜୁନ୍ ୪ରୁ ଆରମ୍ଭ ହୋଇ ୯ ତାରିଖରେ ଶେଷ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ କ୍ଲବ ତରଫରୁ ୟୁକେ, ସ୍ପେନ୍, ସ୍ୱିଜରଲାଣ୍ଡ, ବ୍ରାଜିଲ, ମେକ୍ସିକୋ, ନାଇଜେରିଆ ଓ ଭାରତ ତରଫରୁ ଫୁଟବଲରମାନେ ପ୍ରତିନିଧିତ୍ୱ କରିବେ। ଲୁଇସ୍ ନାନି, ସର୍ଗିଓ ଅଗୁଏରୋ ଓ ହୋପ୍ ସୋଲୋଙ୍କ ଭଳି ତାରକା ଖେଳାଳି ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ କ୍ଲବ ତରଫରୁ ପ୍ରତିନିଧିତ୍ୱ କରିବେ। ଟୁର୍ଣ୍ଣାମେଣ୍ଟରେ ଦଳଗୁଡିକୁ ୩ଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ରାହୁଲ ଭାରତ ପାଇଁ ଏପର୍ଯ୍ୟନ୍ତ ୭ଟି ମ୍ୟାଚ୍ ଖେଳିଛନ୍ତି। ସେ ମଧ୍ୟ ୧୭,୨୦ ଓ ୨୩ ବର୍ଷରୁ କମ୍ ଭାରତୀୟ ଦଳ ତରଫରୁ ପ୍ରତିନିଧିତ୍ୱ କରିଛନ୍ତି। ଓଡ଼ିଶା ଏଫ୍‌ସି ତରଫରୁ ୫ଟି ମ୍ୟାଚ୍ ଖେଳିଥିବା ରାହୁଲ ଇଣ୍ଡିଆନ ଆରୋଜ ତରଫରୁ ୩୭ ଓ କେରଳ ବ୍ଲାଷ୍ଟର୍ସ ପାଇଁ ୮୧ଟି ମ୍ୟାଚ୍ ଖେଳି ଯଥାକ୍ରମେ ୧, ୫ ଓ ୯ଟି ଗୋଲ ସ୍କୋର କରିଛନ୍ତି।

■ ୧୭ ବର୍ଷରୁ କମ୍ ଫାଓ ଯୁବ ଲିଗ୍

## ବିଡାନାସୀକୁ ହରାଇଲା ମଙ୍ଗଳା କ୍ଲବ୍



କଟକ,୨୪।୫(ସମିସ): ୧୭ ବର୍ଷରୁ କମ୍ ଫାଓ ଯୁବ ଲିଗ୍‌ରେ ଶନିବାର ଅନୁଷ୍ଠିତ ମ୍ୟାଚ୍‌ରେ ମଙ୍ଗଳା କ୍ଲବ ବିଜୟୀ ହୋଇଛି। ଖେଳାଯାଇଥିବା ଏହି ଏକ ପାଖିଆ ମ୍ୟାଚ୍‌ରେ ମଙ୍ଗଳା କ୍ଲବ ୩-୦ ଗୋଲରେ ବିଡାନାସୀ କ୍ଲବକୁ ପରାସ୍ତ କରିଛି। ମଙ୍ଗଳା ତରଫରୁ ଅବିନାଶ ଦାସ ୧୯ ଓ ୬୭ତମ ମିନିଟ୍‌ରେ ଦୁଇଟି ଗୋଲ ସ୍କୋର କରିଥିବା ବେଳେ, ସାଇ ଦଲାଲ ୨୩ ତମ ମିନିଟ୍ ଗୋଲ ସ୍କୋର କରିଥିଲେ।

## କିଟ୍‌ରେ ଖୋର୍ଦ୍ଧା ଉପକନିଷ୍ଠ ଚେସ୍ ୨୮ରୁ

ଭୁବନେଶ୍ୱର,୨୪।୫ (ସମିସ): ଅଲ୍ ଓଡ଼ିଶା ଚେସ ସଂଘ ଓ ଖୋର୍ଦ୍ଧା ଜିଲ୍ଲା ଚେସ୍ ସଂଘର ମିଳିତ ସହଯୋଗରେ ଖୋର୍ଦ୍ଧା ଜିଲ୍ଲା ୧୫ ବର୍ଷରୁ କମ୍ ଉପ କନିଷ୍ଠ ଚେସ୍ ପ୍ରତିଯୋଗିତା ଚଳିତମାସ ୨୮ରୁ ଖେଳାଯିବ। କିଟ୍ ଡିମ୍‌ଡ ୟୁନିଭର୍ସିଟି ପରିସରରେ ଖେଳାଯିବାକୁ ଥିବା ଏହି ଦୁଇଦିନିଆ ଟୁର୍ଣ୍ଣାମେଣ୍ଟରେ ଉଭୟ ବାଳକ ଓ ବାଳିକା ଖେଳାଳିମାନେ ଅଂଶଗ୍ରହଣ କରିପାରିବେ। କୃତୀ ଖେଳାଳିମାନଙ୍କୁ ନଗଦ ଅର୍ଥ ସହ ୨୪ଟି ଟ୍ରଫି ପୁରସ୍କାର ଆକାରରେ ପ୍ରଦାନ କରାଯିବ ବୋଲି ଖୋର୍ଦ୍ଧା ଜିଲ୍ଲା ଚେସ ସଂଘ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଏଥିରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ଖେଳାଳିମାନେ ଖୋର୍ଦ୍ଧା ଜିଲ୍ଲା ଚେସ ସଂଘର ବରିଷ୍ଠ ସଦସ୍ୟ ସ୍ୱୟଂଶୁ ସତ୍ୟକାମଙ୍କୁ ଫୋନ ନଂ- ୯୯୩୭୦-୦୭୯୪୫ କିମ୍ବା ଡଃ ଦୁର୍ଗା ଷଡଙ୍ଗୀଙ୍କୁ ଫୋନ୍ ନଂ- ୯୯୩୭୧-୩୭୬୮୦ରେ ଯୋଗାଯୋଗ କରିପାରିବେ।

## ନର୍ଥଇଷ୍ଟ ଦୃଷ୍ଟିବାଧିତ ଫୁଟ୍‌ବଲରେ ଭାଗନେବ ଓଡ଼ିଶା

ଭୁବନେଶ୍ୱର, ୨୪।୫ (ସମିସ): ଗୌହାଟୀଠାରେ ଆସନ୍ତା ମେ ୨୬ରୁ ନର୍ଥଇଷ୍ଟ ଦୃଷ୍ଟିବାଧିତ ଫୁଟ୍‌ବଲ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାର ଉଭୟ ବାଳକ ଓ ବାଳିକା ଦଳ ଅଂଶଗ୍ରହଣ କରିବ। ଏଥିଲାଗି ଓଡ଼ିଶା ଦଳ ଶନିବାର ଗୌହାଟୀ ଅଭିମୁଖେ ଯାତ୍ରା କରିଛି। ଏହି ଟୁର୍ଣ୍ଣାମେଣ୍ଟ ଲାଗି ସାମାଜିକ ଅନୁଷ୍ଠାନ 'ବୁଲ୍ସଆଇ' ପକ୍ଷରୁ ଓଡ଼ିଶା ଦଳର ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ତାଲିମ ଶିବିରର ଉଦ୍‌ଯାପନୀ ଦିବସରେ ଶନିବାର ଓଡ଼ିଶା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଅର୍ଥ ପରାମର୍ଶଦାତା ସୁଶ୍ରୀ ଜୟଶ୍ରୀ ତ୍ରିପାଠୀ, ସନ୍ତୋଷୀ ଜୈନ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଗୌହାଟୀ ଗସ୍ତ ପୂର୍ବରୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି। ତ୍ରିଲୋଚନ ବେଉରା ଉଭୟ ବାଳକ ଓ ବାଳିକା ଦଳର ପ୍ରଶିକ୍ଷକ ଓ ଅବିନାଶ ସୌରା ଗୋଲ୍‌ରକ୍ଷକ ଗାଇଡ୍ ଭାବେ ଭାବେ ଗସ୍ତ କରିଛନ୍ତି।





**ଓଡ଼ିଶା ବାଳକ ଦଳ:** ଆଶିଷ କୁମାର ସାହୁ (ଅଧିନାୟକ), ଦୀପକ ସିଂ, ମିଥୁନ ତ୍ରିବିଦ୍, ଦେବଦତ୍ତ ବେହେରା, ଆଲୋକଦୀପ୍ (ଉପଅଧିନାୟକ), ଆକାଶ ପୋଡିଆମି (ଗୋଲରକ୍ଷକ)।

**ଓଡ଼ିଶା ବାଳିକା ଦଳ:** ପ୍ରିୟଙ୍କା ସ୍ୱାଇଁ (ଅଧିନାୟିକା), ଗିରିବାଳା ଶବର, ପ୍ରିୟଙ୍କା ଦାସ, ତନିଶା ହରିଜନ, ମାଳତୀ ହେମ୍ବ୍ରମ, ଓଶି ମଲିକ, ସ୍ଥିତିପ୍ରଜ୍ଞା ବାରିକ (ଉଭୟ ଗୋଲ୍‌ରକ୍ଷକ)।

## ବୀରେନ୍ଦ୍ର ଲାକ୍ରା ଭାରତୀୟ କନିଷ୍ଠ ହକି ଦଳର ସହ-ପ୍ରଶିକ୍ଷକ

ଭୁବନେଶ୍ୱର, ୨୪।୫ (ସମିସ): ଟୋକିଓ ଅଲିମ୍ପିକ୍ ପଦକ ବିଜେତା ହକି ତାରକା ବୀରେନ୍ଦ୍ର ଲାକ୍ରାଙ୍କୁ ବଡ଼ ଦାୟିତ୍ୱ ମିଳିଛି। ହକି ଇଣ୍ଡିଆ ପକ୍ଷରୁ ବୀରେନ୍ଦ୍ରଙ୍କୁ ଶନିବାର ଭାରତୀୟ କନିଷ୍ଠ ପୁରୁଷ ଦଳର ସହାୟକ ପ୍ରଶିକ୍ଷକ ଭାବେ ନିଯୁକ୍ତ କରାଯାଇଛି। ଚଳିତ ବର୍ଷ କନିଷ୍ଠ ହକି ବିଶ୍ୱକପ୍ ଭଳି ଗୁରୁତ୍ୱପୂର୍ଣ୍ଣ ଇଭେଣ୍ଟ ଖେଳାଯିବାକୁ ଥିବାରୁ ଏହି ପୂର୍ବତନ ଡିଫେଣ୍ଡରଙ୍କୁ ବଡ଼ ଦାୟିତ୍ୱ ଦିଆଯାଇଛି। ପୂର୍ବତନ ଅଭିଜ୍ଞ ଗୋଲ୍‌ରକ୍ଷକ ପିଆର୍ ଶ୍ରୀଜେସ ପୂର୍ବରୁ କନିଷ୍ଠ ଦଳର ମୁଖ୍ୟ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ଫଳରେ ୩୫ ବର୍ଷୀୟ ବୀରେନ୍ଦ୍ର ଏବେ ଶ୍ରୀଜେସଙ୍କ ସହଯୋଗୀ ଭାବେ ଏକାଠି କାର୍ଯ୍ୟ କରିବେ। 'ଆଗକୁ ବିଶ୍ୱକପ୍ ଭଳି ଗୁରୁତ୍ୱପୂର୍ଣ୍ଣ ଇଭେଣ୍ଟ ସମୟରେ ଭାରତୀୟ କନିଷ୍ଠ ହକି ଦଳର ଅଂଶବିଶେଷ ହେବା ବିଶେଷ ସମ୍ମାନର କଥା। ଭାରତୀୟ ଜର୍ସି ପିନ୍ଧିବା ଲାଗି କ'ଣ ଆବଶ୍ୟକ ତାହା ମୁଁ ଜାଣେ। ସେହିଭଳି ଭାରତର ପରବର୍ତ୍ତୀ ପିଢ଼ିର ଖେଳାଳିଙ୍କୁ ବଡ଼ ପର୍ଯ୍ୟାୟ ପାଇଁ ପ୍ରସ୍ତୁତ ହେବାରେ ସାହାଯ୍ୟ କରିବାକୁ ଉତ୍ସାହିତ ରହିଛି' ବୋଲି ଏହି ବଡ଼ ଦାୟିତ୍ୱ ମିଳିବା ପରେ ବୀରେନ୍ଦ୍ର ଲାକ୍ରା କହିଛନ୍ତି।

କନିଷ୍ଠ ପୁରୁଷ ହକି ବିଶ୍ୱକପ୍ ନଭେମ୍ବର ୨୮ରୁ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଚେନ୍ନଇ ଓ ମଦୁରାଇରେ ଖେଳାଯିବ। ଏହି ବିଶ୍ୱକପ୍‌ରେ ଦଳର ରକ୍ଷଣଭାଗକୁ ଶକ୍ତ କରିବା ଲାକ୍ରାଙ୍କ ପ୍ରମୁଖ କାର୍ଯ୍ୟ ହେବ। 'ବୀରେନ୍ଦ୍ର ଦଳ ସହ ଯୋଗଦେବା ଆମ ପାଇଁ ଏକ ବଡ଼ ଉତ୍ସାହର କଥା। ତାଙ୍କର ଅଭିଜ୍ଞତା, କୌଶଳଗତ ବୁଦ୍ଧିମତା ଓ ଶାନ୍ତ ନେତୃତ୍ୱ ଯୁବ ଖେଳାଳିଙ୍କମାନଙ୍କ ପାଇଁ ବେଶ୍ ଅମୂଲ୍ୟ ହେବ' ବୋଲି ମୁଖ୍ୟ ପ୍ରଶିକ୍ଷକ ଶ୍ରୀଜେଶ କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ୨୦୧୦ରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ବୀରେନ୍ଦ୍ର ପରବର୍ତ୍ତୀ ସମୟରେ ଭାରତୀୟ ଦଳର ଜଣେ ପ୍ରମୁଖ ଡିଫେଣ୍ଡର ଭାବେ ବିବେଚିତ ହୋଇଥିଲେ। ସେ କ୍ରୀଡ଼ାର ମହାକୁମ୍ଭ ଅଲିମ୍ପିକ୍ସରେ ଦୁଇଥର ୨୦୧୨ (ଲଣ୍ଡନ) ଓ ୨୦୨୦ (ଟୋକିଓ) ଖେଳିବାର ସୌଭାଗ୍ୟ ଲାଭ କରିଥିଲେ। ଟୋକିଓ ଅଲିମ୍ପିକ୍ସରେ ଐତିହାସକ କାଂସ୍ୟ ଜିତିଥିବା ଭାରତୀୟ ହକି ଦଳର ସେ ପ୍ରମୁଖ ସଦସ୍ୟ ରହିଥିଲେ। ସେହିଭଳି ୨୦୧୪ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ଓ ୨୦୧୮ ସଂସ୍କରଣରେ କାଂସ୍ୟ, ୨୦୧୩ ଏସିଆ କପ୍‌ରେ ରୌପ୍ୟ, ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ଓ ୨୦୧୮ ଚାମ୍ପିଅନ୍ସ ଟ୍ରଫିରେ ରୌପ୍ୟପଦକ ଜିତିଥିବା ଭାରତୀୟ ଦଳରେ ସେ ପ୍ରମୁଖ ସଦସ୍ୟ ଥିଲେ।





୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍

## ଡିଏଲ୍‌ରେ ଜିତିଲା ବୌଦ୍ଧ

ଭୁବନେଶ୍ୱର, ୨୪।୫ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଶନିବାର ଖେଳାଯାଇଥିବା ଏକମାତ୍ର ମ୍ୟାଚରେ ବୌଦ୍ଧ ଡିଏଲ୍ ପଦ୍ଧତିରେ ୬ ୱିକେଟ୍‌ରେ ନୟାଗଡ଼କୁ ପରାସ୍ତ କରିଛି। ବିଡ଼ାନାସୀ କ୍ରିକେଟ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ନୟାଗଡ଼ ୧୮.୨ ଓଭରରେ ୧୧୭ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ବିଶ୍ୱଜିତ ପ୍ରଧାନ ୨୮ ଓ ଦିବ୍ୟଜ୍ୟୋତି ପଟ୍ଟନାୟକ ୨୩ ରନ କରିଥିଲେ। ପ୍ରତିପକ୍ଷ ବୌଦ୍ଧର ସମ୍ପଦ କୁମାର ଦାସ ୫ଟି ଓ ଦୀପକ ପାତ୍ର ୩ଟି ୱିକେଟ୍ ଅକ୍ତିଆର କରିଥିଲେ। ଏହାପରେ ଖରାପ ପାଗ ଲାଗି ଡିଏଲ୍ ପଦ୍ଧତିରେ ମ୍ୟାଚକୁ ୨୭ ଓଭରବିଶିଷ୍ଟ କରାଯାଇଥିଲା ଏବଂ ବୌଦ୍ଧ ସାମ୍ନାରେ ୮୪ ରନର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ବୌଦ୍ଧ ଏହି ଲକ୍ଷ୍ୟକୁ ୨୦ ଓଭରରେ ୪ ୱିକେଟ୍ ହରାଇ ହାସଲ କରିନେଇଥିଲା। ଦୀପକ ପାତ୍ର ଅପରାଜିତ ୨୧ ଓ ସତ୍ୟବ୍ରତ ଦାସ ୨୦ ରନ କରିଥିଲେ। ପ୍ରଭାବୀ ବୋଲିଂ ଲାଗି ସମ୍ପଦଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିଭଳି ରେଭେନଶା ଗ୍ରାଉଣ୍ଡ-୧ରେ ସମ୍ବଲପୁର-ବି ଓ ରାୟଗଡ଼ା ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍ ବର୍ଷା ଲାଗି ବାତିଲ ହୋଇଥିଲା।





ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ

## ସିପକ୍‌ଟାକ୍ରରେ ଓଡ଼ିଶାକୁ ରୌପ୍ୟ ଓ କାଂସ୍ୟ ସଫଳତା

ଭୁବନେଶ୍ୱର, ୨୪।୫ (ସମିସ): ଡାମନ ଓ ଡିଉଠାରେ ଅନୁଷ୍ଠିତ ପ୍ରଥମ ଖେଲୋ ଇଣ୍ଡିଆ ବିଚ୍ ଗେମ୍ସରେ ସିପକ୍‌ଟାକ୍ର କ୍ରୀଡ଼ାରେ ଓଡ଼ିଶାକୁ ଏକାଧିକ ପଦକ ସଫଳତା ମିଳିଛି। ଓଡ଼ିଶା ମହିଳା ଦଳ ରୌପ୍ୟ ପଦକ ଜିତିଥିବାବେଳେ ପୁରୁଷ ଦଳ କ୍ୱାଡ୍ ଇଭେଣ୍ଟରେ କାଂସ୍ୟରେ ସନ୍ତୁଷ୍ଟ ରହିଥିଲା। ସେହିଭଳି ମହିଳା ଦଳ କ୍ୱାଡ୍‌ରେ କାଂସ୍ୟ ପଦକ ମଧ୍ୟ ହାସଲ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି।

ଓଡ଼ିଶା ପୁରୁଷ ଦଳରେ ଆକାଶ ରେଡ୍ଡୀ, ବିକାଶ ରେଡ୍ଡୀ, ଗୁରୁ ମାଝୀ, ଆଶିଷ ପ୍ରଧାନ, ଶୁଭେନ୍ଦୁ ନାୟକ ଓ ବୁଲୁ ପାତ୍ର ସଦସ୍ୟ ରହିଥିଲେ। ଲଲାଟେନ୍ଦୁ ସ୍ୱାଇଁ ଦଳର ପ୍ରଶିକ୍ଷକ ଓ ସୁଶାନ୍ତ ଷଡ଼ଙ୍ଗୀ ମ୍ୟାନେଜର ଭାବେ ଦଳ ଦଳ ଗସ୍ତ କରିଥିଲେ। ସେହିଭଳି ଏ. ଶ୍ରାବଣୀ, ସଙ୍ଗୀତା କିଶାନ, ମଧୁସ୍ମିତା ବେହେରା, ଗାୟତ୍ରୀ ସାହୁ, ଇତିଶ୍ରୀ ସାମଲ ଓ ରାଇମଣି ଟୁଡୁ ରୌପ୍ୟ ବିଜୟୀ ମହିଳା ଦଳର ସଦସ୍ୟା ରହିଛନ୍ତି। ମହିଳା ଦଳରେ ଲକ୍ଷ୍ମୀପ୍ରିୟା ନାୟକ ପ୍ରଶିକ୍ଷକ ଓ ସ୍ୱାରିକା ଦାଶ ମ୍ୟାନେଜର ଦାୟିତ୍ୱ ତୁଲାଇଥିଲେ। ଏହି ସଫଳତା ଲାଗି ରାଜ୍ୟ କ୍ରୀଡ଼ା ବିଭାଗ ସମେତ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟିଛି। କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ରାଜ୍ୟ ସିପକଟାକ୍ର ସଂଘର ସଭାପତି ସତ୍ୟବ୍ରତ ରଥ, ସାଧାରଣ ସମ୍ପାଦକ ପୃଥ୍ୱୀରାଜ ସାହୁ, ଉପସଭାପତି ମହମ୍ମଦ ଗୁଲଫାମ, ବିଶ୍ୱନାଥ ମିଶ୍ର ଓ କୋଷାଧ୍ୟକ୍ଷ ନିରୋଧ କୁମାର ସ୍ୱାଇଁ ପ୍ରମୁଖ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।





PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS